Follow Us
www.ekamaatra.com
ekamaatra@gmail.com
advt@ekamaatra.com
editor@ekamaatra.com
ekamaatraodia
ekamaatranews

EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524





ବର୍ଷ-୧ ସଂଖ୍ୟା-୩୮ ୦୨ - ୦୮ ଅକ୍ଟୋବର, ୨୦୧୭ ଭୁବନେଶ୍ୱର ● Monday Weekly ● VOL-1 ISSUE-38 2nd -08th October, 2017 BHUBANESWAR ₹ 5/- (8 Pages)




ଶରତ ଆକାଶ ତଳେ କାଶତଣ୍ଡି ହସିଖେଳେ...

### ବିଜେପୁର ଉପନିର୍ବାଚନ, ରୀତାଙ୍କୁ ନବୀନଙ୍କ ପ୍ରାର୍ଥୀ ଘୋଷଣା

# ବିଜେଡିରେ କନ୍ଦଳ !

**ଭୁବନେଶ୍ୱର :** ବରଗଡ଼ ଜିଲ୍ଲା ବିଜେପୁର କଂଗ୍ରେସ ବିଧାୟକଙ୍କ ଦେହାନ୍ତ ପରେ ମାତ୍ର ୨ ସପ୍ତାହ ମଧ୍ୟରେ ତାଙ୍କ ପତ୍ନୀ ଓ ପୁତ୍ର ବିଜୁ ଜନତା ଦଳରେ ଯୋଗଦେଲେ। ଏଥିପାଇଁ ବିଜେଡି ପକ୍ଷରୁ ଏକ ଭବ୍ୟ ଆୟୋଜନ ମଧ୍ୟ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ରୀତା ସାହୁ ସ୍ୱାମୀଙ୍କ ଶେଷ ଇଚ୍ଛା ଆଳରେ ସପରିବାର ବିଜେଡିରେ ଯୋଗଦାନକୁ ନେଇ ନାନା ବିରୋଧର ସ୍ୱର ଶୁଣାଯାଇଥିଲା। ରୀତା ଓ



ତାଙ୍କ ପୁତ୍ର ସୁମିତ କୌଣସି ରାଜନେତା ହୋଇନଥିଲେ ବି ତାଙ୍କ ମିଶ୍ରଣ ପାଇଁ ଯେଉଁଳି ଆୟୋଜନ କରାଯାଇଥିଲା ତାହା ସମସ୍ତଙ୍କୁ ବିଚଳିତ କରିଛି। ଏହି ବହୁଚର୍ଚ୍ଚିତ ମିଶ୍ରଣ ପର୍ବର ପ୍ରଥମ ଦିନରୁ ରୀତା ସାହୁ ନିଜ ତରଫରୁ ନିର୍ବାଚନ ଲଢ଼ିବାର ସଂକେତ ଦେଇଥିଲେ ଓ କହିଥିଲେ ତାଙ୍କ ସ୍ୱାମୀଙ୍କ ଅଧାଥିବା ସ୍ୱପ୍ନ ପୂରଣ କରିବାର ଲକ୍ଷ୍ୟ ରଖି ବିଜେଡିରେ ଯୋଗଦେଲେ। ରୀତାଙ୍କ ପ୍ରାର୍ଥୀତ୍ୱକୁ ନେଇ ସାଂସଦ ପ୍ରସନ୍ନ ଆଚାର୍ଯ୍ୟ ସିଧାସଳଖ ଅସନ୍ତୋଷ ପ୍ରକାଶ କରିଥିଲେ। ପ୍ରସନ୍ନ କହିଥିଲେ ଯେ, ବିଜେପୁର ଉପନିର୍ବାଚନ ପାଇଁ ବିଜେଡି କାହାକୁ ପ୍ରାର୍ଥୀ କରିବ ତାହା ନିଷ୍ପତ୍ତି ହୋଇନି। ଏହିକଥା ବିଜେଡିର ପ୍ରଭାବଶାଳୀ ଗୋଷ୍ଠୀଙ୍କୁ ବାଧିବା ସହିତ ରୀତାଙ୍କ ପରିବାରରେ ଅସନ୍ତୋଷ ସୃଷ୍ଟି କରିଥିଲା। ହୁଏତ ରୀତା ଏକଥା ବିଜେଡି ସୁପ୍ରିମୋଙ୍କୁ କହିଥାଇପାରନ୍ତି। ପ୍ରସନ୍ନଙ୍କ ସ୍ୱର ସହ ସ୍ୱର ମିଳାଇ ➤ ପୃ-୬

### ଏସ୍ଆର-ପୋର୍ଟ ମଧୁଚନ୍ଦ୍ରିକା

## ଏତେ ଅନୁକମ୍ପା କାହିଁକି ?



**ପାରାଦୀପ :** ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ୯ବର୍ଷ ତଳେ ସିକ୍ୟୁ ୩ ବର୍ଥକୁ ଏସ୍ଆର୍ ଷ୍ଟିଲ୍ କୁ ଲିଜ୍ ଆକାରରେ ଦେଇଥିଲେ। ଜାହାକୁ ଏସ୍ଆର୍ ନିଜର କ୍ୟାପ୍ଟିଭ୍ ବର୍ଥ ଭାବରେ ବ୍ୟବହାର କରି ଆସୁଛି। ଏସ୍ଆର୍ ଏହି ବର୍ଥରେ ମେକାନିକାଲ ଲୋଡର ସାହାଯ୍ୟରେ ଆଇରନ୍ ପେଲେଟ୍ ➤ ପୃ-୬

## ବକେୟା ମାମଲା ଫଇସଲା ନକଲେ କାର୍ଯ୍ୟାନୁଷ୍ଠାନ

### ଜିଲ୍ଲାପାଳଙ୍କୁ ମୁଖ୍ୟ ସଚିବଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର :** ରାଜ୍ୟର ସବୁ ତହସିଲରେ ଏବେ ଅଧିକାଂଶ ମାମଲା ଫଇସଲା ନହୋଇ ପଡି ରହିବାକୁ ନେଇ ସରକାରଙ୍କ ଚିନ୍ତା ବଢୁଛି। ଦାଖଲ ଖାରଜ ମାମଲା ସାଙ୍ଗକୁ ବିବିଧ ପ୍ରମାଣପତ୍ର, ଜମି କିସମ ପରିବର୍ତ୍ତନ, ପଟ୍ଟା ବଣ୍ଟନ ଓ ସରକାରଙ୍କ ବିଭିନ୍ନ ଯୋଜନାରେ ହିତାଧିକାରୀ ପାଇବାକୁ ଥିବା ସହାୟତା ମାମଲା ମଧ୍ୟ ଫଇସଲା ନହୋଇ ପଡି ରହିଛି। ସାଧାରଣ ଲୋକ ତହସିଲ ଦୌଡ଼ି



ନିରାଶ ହେଉଛନ୍ତି। ଅନ୍ୟପକ୍ଷରେ ଏହାର ପ୍ରଭାବ ସିଧା ସଳଖ ସରକାରଙ୍କ ସ୍ୱଚ୍ଛ ପ୍ରଶାସନ ଉପରେ ପଡୁଥିବା ଜଣାପଡିଛି। ଏହାକୁ ନେଇ ସରକାର ବିଭିନ୍ନ ସମୟରେ ଅଡୁଆ ପରିସ୍ଥିତିରେ ପଡୁଛନ୍ତି। ➤ ପୃ-୬







ପବିତ୍ର ଶାରଦୀୟ ଦୁର୍ଗାପୂଜା ଅବସରରେ କେନ୍ଦୁଝର ଜିଲ୍ଲାବାସୀ, ରାଜ୍ୟବାସୀ ଓ ଦେଶବାସୀଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ। କଲ୍ୟାଣମୟୀ ମା' ଜଗତ୍ ଜନନୀ ସବୁରି ମନରେ ସୁଖ ଓ ଶାନ୍ତି ଭରିଦିଅନ୍ତୁ। ମା' ଜଗତ୍ ଜନନୀଙ୍କ ନିକଟରେ ମୋର ପ୍ରାର୍ଥନା।



ସନାତନ ମହାକୁଡ
ମ୍ୟାନେଜିଂ ପାର୍ଟନର
ଜଗତ୍ ଜନନୀ ସର୍ଭିସେସ୍
ନମିରା,ବାମେବାରୀ
କେନ୍ଦୁଝର






ଶାରଦୀୟ ଅଭିନନ୍ଦନ

ପବିତ୍ର ଦଶହରା ଓ ଦୁର୍ଗାପୂଜା ଅବସରରେ ୮ ନଂ. ୱାର୍ଡବାସୀଙ୍କ ସୁଖ ସମୃଦ୍ଧି ପାଇଁ ମା' ଦୁର୍ଗାଙ୍କ ନିକଟରେ ପ୍ରାର୍ଥନା କରିବା ସହିତ ସମସ୍ତଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି।



ମୋନାଲିସା ସାହୁ
କର୍ପୋରେଟର
ଭୁବନେଶ୍ୱର ମହାନଗର ନିଗମ



ଶାରଦୀୟ ଅଭିନନ୍ଦନ

ପବିତ୍ର ଦଶହରା ଓ ଦୁର୍ଗାପୂଜା ଅବସରରେ ସତ୍ୟବାଦୀ ନିର୍ବାଚନ ମଣ୍ଡଳୀର ସମସ୍ତ ଭାଇଭଉଣୀ ତଥା ଗୁରୁଜନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ।



ଉମାକାନ୍ତ ସାମନ୍ତରାୟ
ବିଧାୟକ, ସତ୍ୟବାଦୀ

## କେମିତି କଟିବ ଏ ସପ୍ତାହ

ଏ ସପ୍ତାହ ଆପଣଙ୍କ ପାଇଁ ଆଦୌ ଶୁଭପ୍ରଦ ନୁହେଁ। ପ୍ରତ୍ୟେକ କ୍ଷେତ୍ରରେ ସତର୍କତା ଅବଲମ୍ବନ କରିବାକୁ ହେବ। ଶୁଭଫଳ ଅପେକ୍ଷା ସପ୍ତାହ ସାରା ବିଶେଷ ଅଶୁଭ ଫଳ ପ୍ରଦାନ କରିବ। ତେଣୁ କରି ଜଗିରଖି ଚଳିବାକୁ ହେବ।

ଏ ସପ୍ତାହରୁ ଆପଣଙ୍କର ଭାଗ୍ୟ ଉଦୟ ଆରମ୍ଭ ହେବ। ଉନ୍ନତି ପାଇଁ ପଥ ପରିସ୍କାର ହେବା ସହିତ ଶତ୍ରୁମାନେ ଦୂରେଇ ଯିବେ। ପ୍ରତ୍ୟେକ କ୍ଷେତ୍ରରେ ଆପଣ ଲାଭାବନ ହେବା ସହିତ ଆଗକୁ ଗତିକରିବା ଆଶା ଦେଖାଦିଏ। ଗୃହରେ ଶାନ୍ତି ବଜାୟ ରହିବ।

ସୋମବାର ଯଶପ୍ରାପ୍ତି ଓ ସମ୍ମାନିତ ହେବାର ଯୋଗ ରହିଛି। ଏହାବ୍ୟତୀତ ଏ ସପ୍ତାହର ସମସ୍ତ ବାର ଅଶୁଭ ଫଳ ପ୍ରଦାନ କରିବାର ଜଣାପଡେ। ଗୃହରେ ଅଶାନ୍ତିର ବାତାବରଣ ସୃଷ୍ଟି ହୋଇପାରେ।

ସୋମବାରରୁ ବୁଧବାର ଅତ୍ୟନ୍ତ ଅଶୁଭ ଫଳ ପ୍ରଦାନ କରିବ। କିନ୍ତୁ ସପ୍ତାହର ଶୁକ୍ରବାର ଏବଂ ଶନିବାର ଯଥେଷ୍ଟ ଶୁଭଫଳ ପ୍ରାପ୍ତିର ଯୋଗ ରହିଛି। ରବିବାର ଦିନଟି ଅଶୁଭ ଓ ଘାତଚନ୍ଦ୍ର ଯୋଗ ରହିଛି।

ସପ୍ତାହର ଆରମ୍ଭରୁ ଗୁରୁବାର ପର୍ଯ୍ୟନ୍ତ ଅତ୍ୟନ୍ତ ଅଶୁଭଯୋଗ, ହତାଶାଭାବ ଏବଂ ଦ୍ରବ୍ୟ ହାନୀର ଆଶଙ୍କା ରହିଛି। ଶୁକ୍ରବାରଠାରୁ ରବିବାର ପର୍ଯ୍ୟନ୍ତ ପ୍ରେମ ସମ୍ପର୍କ ବୃଦ୍ଧି ଏବଂ ଦାମ୍ପତ୍ୟ ଜୀବନ ସୁଖମୟ ହେବ।

ସପ୍ତାହର ଆରମ୍ଭରୁ ପରିବାରରେ ହସଖୁସି ଲାଗି ରହିବ। ପ୍ରତ୍ୟେକ କ୍ଷେତ୍ରରେ ଆପଣ ସଫଳତା ଲାଭ କରିବେ। ମାନସମ୍ମାନ ବୃଦ୍ଧି ସହ ଦ୍ରବ୍ୟଲାଭ, ଅର୍ଥଲାଭ ଏବଂ ସମସ୍ତ ପ୍ରାପ୍ତିର ସୁବର୍ଣ୍ଣଯୋଗ ରହିଛି।

ସପ୍ତାହର ପ୍ରଥମ ଦିନରୁ ଶୁଭଫଳ ପ୍ରଦାନ କରିବା ଆରମ୍ଭ ହେବ। ପରିବାରରେ ଶାନ୍ତି ବିରାଜମାନ କରିବା ସହିତ ସର୍ବସମ୍ପଦ ଲାଭ ଯୋଗ ଦେଖାଦିଏ। ବିଭିନ୍ନ ଦିଗରୁ ଅର୍ଥଲାଗ ରହିଛି।

ସୋମବାର ପ୍ରଚୁର ଧନଲାଭ ହେବ। ମଙ୍ଗଳବାର ଚୋରି ଭୟ ରହିଛି। ବୁଧବାର ଦିନ ଯଶପ୍ରାପ୍ତି ହେବ। ଗୁରୁବାର ହାନୀକାରକ ଏବଂ ଶୁକ୍ରବାର ସାହାଯ୍ୟକାରୀ ଶନି ଅଶୁଭରେ ଥିବା ଜଣାଯାଏ।

ସପ୍ତାହଟି ଆପଣଙ୍କ ପାଇଁ ଅତ୍ୟନ୍ତ ଅଶୁଭକାରକ। ହତାସା ଓ ନୈରାଶ୍ୟରେ ସପ୍ତାହସାରା ଗତି କରିବାକୁ ପଡିବ। ପରିବାରରେ ଅଶାନ୍ତି ଦେଖାଦେବ। ତେଣୁ ଜଗିରଖି ଚଳିବାକୁ ହେବ।

ସୋମବାର, ମଙ୍ଗଳବାର ସମସ୍ତ ପ୍ରକାର ଶୁଭଫଳ ପ୍ରାପ୍ତିଯୋଗ ରହିଛି। ବୁଧବାର, ଗୁରୁବାର ଓ ଶନିବାର ଅଶୁଭ ଫଳ ପ୍ରଦାନ କରିବ। ଶୁକ୍ରବାର ଦିନ ଧନପ୍ରାପ୍ତିର ଯୋଗ ରହିଅଛି। ଶନି ଓ ରବିବାର ବହୁତ ଶୁଭ ଅଟେ।

ସୋମବାରରୁ ବୁଧବାର ପର୍ଯ୍ୟନ୍ତ ସମସ୍ତ ଶୁଭଫଳ ପ୍ରାପ୍ତ ସହ ଭଲ ଯୋଗ ରହିଛି। ଗୁରୁବାରରୁ ଶନିବାର ମଧ୍ୟରେ ମିଶ୍ରିତ ଫଳ ପାଇବାର ଆଶା ଦେଖାଯାଏ। ସପ୍ତାହଟି ଭଲରେ କଟିବା ସହିତ ସମସ୍ତ କାର୍ଯ୍ୟ ସମ୍ପନ୍ନ ହେବ।

ସାପ୍ତାହିକ ଗଣନା ଅନୁଯାୟୀ ଏ ସପ୍ତାହରେ ଆପଣ ସମସ୍ତ ପ୍ରକାର ଶୁଭଫଳ ଲାଭ କରିବେ। କିନ୍ତୁ ଶନିବାର ବନ୍ଧନ ଭୟ ଯୋଗ ରହିଥିବାରୁ ଏଥିପାଇଁ ସତର୍କତା ଅବଲମ୍ବନ ଜରୁରୀ।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

# ସବୁ ଘରକୁ ବିଜୁଳି

**ନୂଆଦିଲ୍ଲୀ :** ୨୦୧୮ ଡିସେମ୍ବର ସୁଦ୍ଧା ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ୪ କୋଟି ପରିବାରକୁ ବିଜୁଳି ସଂଯୋଗ ଯୋଗାଇଦେବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୧୬୩୨୦ କୋଟି ଟଙ୍କାର 'ସୌଭାଗ୍ୟ' ଯୋଜନା ଲଞ୍ଚ୍ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, 'ପ୍ରଧାନମନ୍ତ୍ରୀ ସହଜ ବିଜୁଳି ହର୍‌ଘର୍ ଯୋଜନା 'ସୌଭାଗ୍ୟ'ରେ ୧୬ ହଜାର କୋଟି ଟଙ୍କା ଖର୍ଚ୍ଚ କରାଯାଇ ଗରିବ ଜନସାଧାରଣଙ୍କ ଜୀବନରେ ଉଲ୍ଲେଖନୀୟ ପରିବର୍ତ୍ତନ ଅଣାଯିବ।' ପୂର୍ବରୁ ୨୦୧୯ ମାର୍ଚ୍ଚ ସୁଦ୍ଧା ଏହି ଟାର୍ଗେଟ୍ ରଖାଯାଇଥିଲା ବେଳେ ତା' ପୂର୍ବରୁ ଅର୍ଥାତ୍ ୨୦୧୮ ଡିସେମ୍ବର ସୁଦ୍ଧା ଏହି ଯୋଜନାରେ ଲକ୍ଷ୍ୟ ହାସଲ ପାଇଁ ସରକାର ପ୍ରସ୍ତାବ ରଖିଛନ୍ତି। ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ଅବସରରେ ମୋଦି ଏହି ଯୋଜନାର ଶୁଭାରମ୍ଭ କରି କହିଛନ୍ତି, ସ୍ୱାଧୀନତାର ୭୦ ବର୍ଷ ପରେ ବି ଦେଶର ୨୫ କୋଟି ପରିବାରରୁ ୪ କୋଟି ପରିବାର ଏବେ ବି ବିଜୁଳି ଆଲୁଅରୁ ବଞ୍ଚିତ। ଦେଶର ୨୯୮୬ ଗାଁକୁ ଏପର୍ଯ୍ୟନ୍ତ ବିଜୁଳି ସଂଯୋଗ ହୋଇନାହିଁ। ଖୁବ୍ ଶୀଘ୍ର ଏହି ଗାଁଗୁଡ଼ିକୁ ବିଜୁଳି





ସଂଯୋଗ ଯୋଗାଇ ଦିଆଯିବ। ଏହି ଯୋଜନାରେ ପ୍ରତି ଗରିବ ପରିବାରକୁ ମାଗଣାରେ ବିଜୁଳି ସଂଯୋଗ ସୁବିଧା ମିଳିବ। ୨୦୧୧ର ସାମାଜିକ, ଆର୍ଥିକ ଓ ଜାତି ଭିତ୍ତିକ ଜନଗଣନା (ଏସ୍‌ଇସିସି) ଭିତ୍ତିରେ ଉପଭୋକ୍ତାଙ୍କୁ ଚିହ୍ନଟ କରାଯିବ। କେନ୍ଦ୍ର ସରକାର ସୌଭାଗ୍ୟ ଯୋଜନାର ମୋଟ୍ ଅଟକଳର ୬୦% ଅର୍ଥ ବହନ କରିବେ ଏବଂ ରାଜ୍ୟଗୁଡ଼ିକ ୧୦% ଅର୍ଥ ଯୋଗାଇଦେବେ। ଅବଶିଷ୍ଟ ଅର୍ଥ ଋଣ ଆକାରରେ ଆସିବ। ଏହି ଯୋଜନା ଅନୁଯାୟୀ ଅଗମ୍ୟ ଅଞ୍ଚଳରେ ଯେଉଁଠି ଏ ପର୍ଯ୍ୟନ୍ତ ବିଜୁଳି ଶକ୍ତି ପହଞ୍ଚି ନାହିଁ, ସେଠାରେ ସୌର ଶକ୍ତି ବ୍ୟାଟେରୀ ବ୍ୟାଙ୍କ୍ ଯୋଗାଇ ଦିଆଯିବ। ପ୍ରତି ଘରକୁ ୫ଟି ଏଲ୍‌ଇଡି ବଲ୍‌ବ, ଗୋଟିଏ ବ୍ୟାଟେରୀ ଏବଂ ଗୋଟିଏ ଫ୍ୟାନ୍ ଯୋଗାଇ ଦିଆଯିବ। ଏହାଛଡ଼ା ୫ ବର୍ଷ ଯାଏ ଏସବୁ ମରାମତି ଖର୍ଚ୍ଚ ସରକାର ବହନ କରିବେ। ପୂର୍ବରୁ ଉଜ୍ଜ୍ୱଳା ଯୋଜନାରେ ୨୬୦୦ କୋଟି ଏଲ୍‌ଇଡି ବଲ୍‌ବ ଯୋଗାଇ ଦିଆଯାଇଛି ବୋଲି ମୋଦି କହିଛନ୍ତି। ଫଳରେ ୧୩ ହଜାର ୭୦୦ କୋଟିର ବିଜୁଳି ବିଲ୍ କମିଯାଇଛି। ଏହି ଯୋଜନାର ସୁବିଧା ପାଇବା ପାଇଁ ଆବେଦନ କଲେ ଉପଭୋକ୍ତାଙ୍କୁ ସେମାନଙ୍କ ପ୍ରାମାଣିକ ପରିଚୟ ପତ୍ର ଭିତ୍ତିରେ ଚିହ୍ନଟ କରାଯାଇ ବିଜୁଳି ସଂଯୋଗ ଦିଆଯିବ। ଗ୍ରାମାଞ୍ଚଳରେ ଗ୍ରାମପଞ୍ଚାୟତ ଓ ସହରାଞ୍ଚଳରେ ପୌରସଂସ୍ଥାଗୁଡ଼ିକ ଏଥିପାଇଁ ଆବେଦନ ଗ୍ରହଣ କରିବାର ବ୍ୟବସ୍ଥା ହୋଇଛି। ମୋଦି ଏହି ଯୋଜନାର ଶୁଭାରମ୍ଭ କଲାବେଳେ ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ ଯେ, ୨୦୧୫ରେ ପ୍ରଧାନମନ୍ତ୍ରୀ ମୋଦି ସ୍ୱାଧୀନତା ଦିବସର ଉଦ୍‌ବୋଧନରେ ବିଦ୍ୟୁତୀକରଣ ସମ୍ପର୍କରେ ଘୋଷଣା କରି ହଜାରେ ଦିନ ମଧ୍ୟରେ ବାକିଥିବା ୧୮୪୫୨ ଗାଁକୁ ବିଦ୍ୟୁତ୍ ସଂଯୋଗ କରାଯିବ ବୋଲି ଘୋଷଣା କରିଥିଲେ।



ପଣ୍ଡିତ ଦୀନ ଦୟାଲ ଉପାଧ୍ୟାୟଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଶକ୍ତି ଓ ନବୀକରଣ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ) ରାଜକୁମାର ସିଂହ।

## 'ମନ୍‌କୀ ବାତ୍'ରେ ଲୋକମତକୁ ପ୍ରାଧାନ୍ୟ : ମୋଦି

**ନୂଆଦିଲ୍ଲୀ :** 'ମନ୍‌କୀ ବାତ୍'ରେ ନିଜର ମତ ବ୍ୟକ୍ତକରିବା ପରିବର୍ତ୍ତେ ଲୋକମତକୁ ପ୍ରାଧାନ୍ୟ ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ସମାଲୋଚକମାନଙ୍କୁ ଜବାବ ଦେବାକୁ ଯାଇ ମୋଦି ତାଙ୍କର ରେଡିଓ କାର୍ଯ୍ୟକ୍ରମ ମନ୍‌କୀ ବାତ୍‌ର ୩୬ତମ ସଂସ୍କରଣରେ ଏହା କହିଛନ୍ତି। ସେ କହିଛନ୍ତି, ୩ ବର୍ଷ ଧରି ସେ ତାଙ୍କର ଏହି କାର୍ଯ୍ୟକ୍ରମରେ ରାଜନୀତି ଠାରୁ ଦୂରେଇଯାଇ ଲୋକଙ୍କ ସହ ସମ୍ପର୍କ ସ୍ଥାପନ କରିବାକୁ ଉଦ୍ୟମ କରିଛନ୍ତି। କୌଣସି ଏକ ନିର୍ଦ୍ଦିଷ୍ଟ ସମୟରେ କୌଣସି ରାଜନୈତିକ ପ୍ରସଙ୍ଗ ଉପରେ କ୍ଷୋଭ ଠାରୁ ଦୂରେଇଯାଇ ସେ ଲୋକଙ୍କ ଆଶା ଆକାଂକ୍ଷା ସମ୍ପର୍କରେ ଆଲୋଚନା କରିଛନ୍ତି। ୨୦୧୪ ଅକ୍ଟୋବର ୨ରୁ ଆରମ୍ଭ ହୋଇଥିବା ତାଙ୍କର ଏହି ମନ୍‌କୀ ବାତ୍ କାର୍ଯ୍ୟକ୍ରମକୁ ସମାଜ ବିଜ୍ଞାନୀ, ବିଶ୍ୱବିଦ୍ୟାଳୟ, ଗବେଷକ, ମିଡିଆ ଏକ୍ସପର୍ଟ ସମୀକ୍ଷା କଲେ ସେମାନେ ଏ ବିଷୟ ଭଲ ଭାବରେ ଉପଲବ୍ଧ କରିପାରିବେ। ଏହାର ସକାରାତ୍ମକ ଓ ନକାରାତ୍ମକ ଦିଗ ଜଣାପଡ଼ିବ। ସେ ଆହୁରି କହିଥିଲେ, ଏହି କାର୍ଯ୍ୟକ୍ରମ ଜରିଆରେ ଲୋକଙ୍କ ସହ ଯୋଡ଼ିହେବା ପାଇଁ ମୁଁ ଯଥେଷ୍ଟ ସୁଯୋଗ ପାଇଛି ଏବଂ ସେମାନଙ୍କ ମତାମତ, ଆଶା ଓ ଆକାଂକ୍ଷା ସମ୍ପର୍କରେ ଜାଣିବାର ସୁଯୋଗ ପାଇଛି। ମୁଁ କେବେ କହି ନାହିଁ, ଏହା ମୋର ମନ୍‌କୀ ବାତ୍। ମୋଦି ଏହି କାର୍ଯ୍ୟକ୍ରମ ଜରିଆରେ ନିଜର ମତ ରଖୁଛନ୍ତି ବୋଲି ବିରୋଧୀ ଦଳର ଅଭିଯୋଗ ପରିପ୍ରେକ୍ଷୀରେ ସେ ଏହା କହିଛନ୍ତି। ସେ ଆହୁରି ମଧ୍ୟ କହିଥିଲେ ଯେ, ଯେଉଁମାନେ ଇ-ମେଲ୍, ଟେଲିଫୋନ୍ କିମ୍ବା ମାଇଁ ଗଭ୍ କିମ୍ବା ନରେନ୍ଦ୍ର ମୋଦି ଆପ୍‌ରେ ମତାମତ ଜଣାଉଛନ୍ତି, ସେମାନଙ୍କ ମତ ମନ୍‌କୀ ବାତ୍‌ରେ ପ୍ରତିଫଳିତ ହୋଇଛି। ଦେଶର ପ୍ରତି କୋଣ ଅନୁକୋଣରୁ ଶାସନର ବିକାଶ ପାଇଁ ଅନେକ କିଛି ପ୍ରସ୍ତାବ, ପରାମର୍ଶ ମିଳିଛି। ଅନେକ କିଛି ପ୍ରସ୍ତାବ ମୋତେ ଉତ୍ସାହିତ କରିଛି। ଏହା ଦ୍ୱାରା ମୁଁ ଜନସାଧାରଣଙ୍କ ମତାମତ ଓ ମନୋଭାବ ଜାଣିବାକୁ ସୁଯୋଗ ପାଇଛି। ମନ୍‌କୀ ବାତ୍ କାର୍ଯ୍ୟକ୍ରମ ସମ୍ପର୍କରେ ମୋଦି ଆହୁରି କହିଛନ୍ତି, ସର୍ବଦା ଆଚାର୍ଯ୍ୟ ବିନୋବା ଭାବେଙ୍କ ପରାମର୍ଶକୁ ସ୍ମରଣ କରି ଆଗେଇଛି। ଦୀର୍ଘ ବହୁ ଦଶନ୍ଧି ତଳେ ଏହି ମହାନ ଆଧ୍ୟାତ୍ମିକବାଦୀ ଜନନେତା ଭୂସଂସ୍କାର ଆନ୍ଦୋଳନ ପାଇଁ ପ୍ରସିଦ୍ଧି ଅର୍ଜନ କରିଥିଲେ। ସେ ସର୍ବଦା କହୁଥିଲେ, ରାଜନୀତି ଠାରୁ ଦୂରେଇ ରହି କାର୍ଯ୍ୟକଲେ ଏହାର ପ୍ରଭାବ ପଡ଼େ। ମନ୍‌କୀ ବାତ୍‌ରେ ମୁଁ ସେହି ନୀତି ଅନୁସରଣ କରିଛି। ମନ୍‌କୀ ବାତ୍‌କୁ ରାଜନୀତି ଠାରୁ ଦୂରେଇ ରଖିଛି।

## ଅତ୍ୟାଧୁନିକ ୯୦ଟି ଡ୍ରୋନ୍ ଭାରତକୁ ଦେବ ଆମେରିକା

**ନୂଆଦିଲ୍ଲୀ :** ଦକ୍ଷିଣ ଏସିଆରେ ଚୀନର ସାମରିକ ଉପସ୍ଥିତି ଓ ପ୍ରଭାବ ବିସ୍ତାରକୁ ଦୃଷ୍ଟିରେ ରଖି ଭାରତ-ଆମେରିକା ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ନିବିଡ଼ କରାଯିବା ସାଙ୍ଗକୁ ସାମରିକ କ୍ଷେତ୍ରରେ ସହଯୋଗକୁ ଉଚ୍ଚତର ସ୍ତରକୁ ନିଆଯିବା ଆବଶ୍ୟକ ବୋଲି ଏଠାରେ ଆମେରିକା ପ୍ରତିରକ୍ଷା ସଚିବ ତଥା ପେଣ୍ଟାଗନ୍ ମୁଖ୍ୟ ଜିମ୍ ମାଟିସ୍ କହିଛନ୍ତି। ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପଙ୍କ ପ୍ରଶାସନରେ କ୍ୟାବିନେଟ୍ ପାହ୍ୟାରେ ଥିବା ମାଟିସ୍ ଭାରତ ଗସ୍ତରେ ଆସି ଏଠାରେ ପହଞ୍ଚିଛନ୍ତି। ଭାରତକୁ ଆମେରିକା ଏବେ ଫାଇଟର୍ ଜେଟ୍ ଓ ସର୍ଭେଲାନ୍ସ ଡ୍ରୋନ୍ ବିକିବାକୁ ଆଗ୍ରହୀ ହୋଇଛି। ତେବେ, ଭାରତୀୟ ନୌସେନା ପାଇଁ ୨୦୦ କୋଟି ଡଲାର୍ ମୂଲ୍ୟର ୨୨ଟି ସି-ଗାର୍ଡିଆନ୍ ଡ୍ରୋନ୍ ଏୟାରକ୍ରାଫ୍ଟ ଯୋଗାଣ ନେଇ ଡିଲ୍ କରିବା ମାଟିସ୍‌ଙ୍କ ଏଜେଣ୍ଡାରେ ପ୍ରଥମ ସ୍ଥାନରେ ରହିଛି। ଗତ ଜୁନ୍‌ରେ ଏହି ଡିଲ୍‌କୁ ଆମେରିକା ସରକାର ଅନୁମୋଦନ ଦେଇଥିଲେ। କୌଣସି ଅଣ-ନାଟୋ ଦେଶକୁ ସି-ଗାର୍ଡିଆନ୍ ଡ୍ରୋନ୍ ଏୟାରକ୍ରାଫ୍ଟ ବିକ୍ରି କରିବାକୁ ଆମେରିକା ରାଜି ହେବା ଏହା ପ୍ରଥମ। ଏହି ଧରଣର ଅସ୍ତ୍ର ବିହୀନ ସର୍ଭେଲାନ୍ସ ଡ୍ରୋନ୍ ବ୍ୟବହାର କରି ଭାରତୀୟ ନୌସେନା ଭାରତ ମହାସାଗରରେ ଚୀନର ଯୁଦ୍ଧଜାହଜ ଓ ବୁଡ଼ାଜାହଜଗୁଡ଼ିକର ଗତିବିଧି ଉପରେ ନଜର ରଖିପାରିବ। ଭାରତୀୟ ବାୟୁସେନା ମଧ୍ୟ ଆମେରିକା ଠାରୁ ୯୦ଟି ଆର୍ମଡ୍ ଆଭେଞ୍ଜର୍ ପ୍ରିଡେଟର୍ ଡ୍ରୋନ୍ କିଣିବାକୁ ଚାହିଁଛି। ଆବଶ୍ୟକ ପଡ଼ିଲେ କ୍ରସ୍ ବର୍ଡର୍ ଷ୍ଟ୍ରାଇକ୍ ପାଇଁ ଏହି ଡ୍ରୋନ୍ ବ୍ୟବହାର କରାଯାଇପାରିବ। ତେବେ ଭାରତକୁ ଆର୍ମଡ୍ ଆଭେଞ୍ଜର୍ ପ୍ରିଡେଟର୍ ଡ୍ରୋନ୍ ବିକ୍ରି କରିବାକୁ ହ୍ୱାଇଟ୍ ହାଉସ୍ ଚାହିଁଲେ ମଧ୍ୟ ସେଥିପାଇଁ ଆମେରିକୀୟ କଂଗ୍ରେସର ଅନୁମୋଦନ ଦରକାର ହେବ। ପୁଣି ଭାରତରେ ଏଫ୍-୧୬ ଯୁଦ୍ଧ ବିମାନ ନିର୍ମାଣ କରିବାକୁ ଆମେରିକୀୟ କମ୍ପାନୀ ଲକହିଡ୍ ମାର୍ଟିନ୍ ଆଗ୍ରହୀ ହୋଇଛି। ଟ୍ରମ୍ପ୍ ପ୍ରଶାସନର କେହି କ୍ୟାବିନେଟ୍ ପାହ୍ୟା କାର୍ଯ୍ୟକର୍ତ୍ତା ଭାରତ ଆସିବା ଏହା ପ୍ରଥମ। ପ୍ରତିରକ୍ଷା ସଚିବ ମାଟିସ୍ ଏହି ଅବସରରେ ରକ୍ଷାମନ୍ତ୍ରୀ ନିର୍ମଳା ସୀତାରମଣ, ଜାତୀୟ ପ୍ରତିରକ୍ଷା ଉପଦେଷ୍ଟା ଅଜିତ୍ ଡୋଭାଲ୍‌ଙ୍କୁ ଭେଟିଛନ୍ତି ଓ ପରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିବା କାର୍ଯ୍ୟକ୍ରମ ରହିଛି। ଗତ ୧୦ବର୍ଷରେ ଆମେରିକାଠାରୁ ଭାରତ ସରକାର ୧୫୦୦ କୋଟି ଡଲାର୍ ମୂଲ୍ୟର ଅସ୍ତ୍ରଶସ୍ତ୍ର କିଣିଛନ୍ତି। ଦକ୍ଷିଣ ଚୀନ୍ ସାଗରରେ ଚୀନ୍ ତାହାର ମିଲିଟାରୀ ଭିତ୍ତିଭୂମି ଗଢୁଥିବାରୁ ସେହି ଅଞ୍ଚଳରେ ଆମେରିକା ଓ ଭାରତ ମିଳିତ ଭାବେ ପାଟ୍ରୋଲିଂ କରିବା ନିମନ୍ତେ ଆମେରିକା ସରକାର ପ୍ରସ୍ତାବ ଦେଇଥିଲେ। ଚୀନ୍‌କୁ ବିଗାଡ଼ିବାକୁ ନଚାହିଁ ଆମେରିକାର ଏହି ପ୍ରସ୍ତାବରେ ଭାରତ ରାଜି ହୋଇନାହିଁ।

## ଜାମିନ୍ ପାଇଁ ବାଟ ଖୋଜୁଛି ହନିପ୍ରୀତ୍

**ନୂଆଦିଲ୍ଲୀ :** ଦୁଷ୍କର୍ମକାରୀ ବାବା ଗୁରମିତ ସିଂହଙ୍କ ତଥାକଥିତ ପୋଷ୍ୟ କନ୍ୟା ହନିପ୍ରୀତ୍ ଇନ୍‌ସାନଙ୍କୁ ହରିଆଣା ପୁଲିସ୍ ଖୋଜୁଥିଲେ ହେଁ ଆଜି ଯାଏ ତାଙ୍କର କୌଣସି ପତ୍ତା ମିଳିନାହିଁ। ହେଲେ ଆଜି ବାବା ଗୁରମିତର ହନି ଦିଲ୍ଲୀରେ ଆତ୍ମଗୋପନ କରିଥିବା ଖବର ମିଳିଛି। ଏନେଇ ହରିଆଣା ପୁଲିସ୍ ଦକ୍ଷିଣ ଦିଲ୍ଲୀରେ ଥିବା ଭଣ୍ଡ ଗୁରମିତର ବଙ୍ଗଳା ସର୍ଚ୍ଚ କରିଥିଲେ ହେଁ ହନିଙ୍କ କୌଣସି ଖୋଜଖବର ମିଳିନାହିଁ। ଅନ୍ୟପକ୍ଷରେ ଆଜି ପୁଲିସ୍ ହନିପ୍ରୀତଙ୍କ ବିରୋଧରେ ଗିରଫ ପରୱାନା ଜାରି କରିଛି। ସେହିପରି ହନିପ୍ରୀତ ଦିଲ୍ଲୀ ହାଇକୋର୍ଟରେ ଆବେଦନ କରିଥିବା ଆଗୁଆ ଜାମିନ୍ ଆବେଦନକୁ କୋର୍ଟ ସଂରକ୍ଷଣ ରଖିଛନ୍ତି। ହନିପ୍ରୀତଙ୍କ ପାଇଁ ଦିଲ୍ଲୀ ହାଇକୋର୍ଟରେ ଜାମିନ୍ ଆବେଦନ କରିଥିବା ଲଜପତ ନଗର ସ୍ଥିତ ଓକିଲଙ୍କ ଘର ସାମ୍ନାରେ ଲାଗିଥିବା ସିସିଟିଭି ଫୁଟେଜ୍‌ରେ ଜଣେ ମହିଳା ବୁର୍ଖା ପିନ୍ଧି ଯାଉଥିବା ଦୃଶ୍ୟ କଏଦ ହୋଇଛି। ଏହି



ମହିଳା ଜଣଙ୍କ ହନିପ୍ରୀତ ବୋଲି ପୁଲିସ୍ ସନ୍ଦେହ କରୁଛି। ତେବେ ଏନେଇ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ହରିଆଣା ପୁଲିସ୍‌ର ଏସ୍‌ଆଇଟି କୋର୍ଟଙ୍କ ଦ୍ୱାରସ୍ଥ ହେବା ସହ ପ୍ରିୟଙ୍କା ତନେଜା ଓରଫ ହନିପ୍ରୀତ ଏବଂ ଅନ୍ୟ ଦୁଇ ଅଭିଯୁକ୍ତଙ୍କ ବିରୋଧରେ ଗିରଫ ପରୱାନା ଜାରି କରିବାକୁ ଆବେଦନ କରିଥିଲା। ଏହାପରେ ହରିଆଣା ପୁଲିସ୍‌ର ଏକ ଟିମ୍ ଦିଲ୍ଲୀ ସ୍ଥିତ ଗୁରମିତର ବାସଭବନ ଉପରେ ଚଢ଼ଉ କରିଥିଲା। ଖାଲି ସେତିକି ନୁହେଁ ଗ୍ରେଟର୍ କୈଳାସ-୨ ଏବଂ ଅନ୍ୟ କିଛି ସ୍ଥାନରେ ମଧ୍ୟ ପୁଲିସ୍ ଚଢ଼ଉ କରିଥିଲା। କିନ୍ତୁ ସେଠାରୁ ହନିପ୍ରୀତ ଖସି ଚାଲିଯିବାକୁ ସକ୍ଷମ ହୋଇଥିଲା ବୋଲି କୁହାଯାଉଛି। ଅନ୍ୟପକ୍ଷରେ ହରିଆଣା ଓ ପଞ୍ଜାବରେ ସକ୍ରିୟ ଥିବା ଡ୍ରଗ୍ସ ମାଫିଆଙ୍କ ଠାରୁ ହନିପ୍ରୀତଙ୍କ ଜୀବନ ପ୍ରତି ବିପଦ ରହିଥିବା ତାଙ୍କ ଓକିଲ ଆଜି ଦିଲ୍ଲୀ ହାଇକୋର୍ଟଙ୍କୁ ଜଣାଇଛନ୍ତି। ଏଥିସହ ହନିପ୍ରୀତଙ୍କୁ ଆଗୁଆ ଜାମିନ ଦେବାକୁ ଆବେଦନ ମଧ୍ୟ କରିଥିଲେ। ଯେହେତୁ ହନିଙ୍କ ଜୀବନ ପ୍ରତି ବିପଦ ରହିଛି, ତାଙ୍କୁ ସୁରକ୍ଷା ଯୋଗାଇ ଦେବାକୁ କହିଥିଲେ। ହେଲେ କୋର୍ଟ ଏହି ଆବେଦନକୁ ଖାରଜ କରିଦେବା ସହ ତୁରନ୍ତ ଆତ୍ମସମର୍ପଣ କରିବାକୁ କହିଛନ୍ତି। ଗତ ଅଗଷ୍ଟ ୨୫ ତାରିଖରେ ପଞ୍ଚକୁଲାରେ ଘଟିଥିବା ହିଂସାକାଣ୍ଡ ଘଟଣାରେ ୩୮ ଜଣଙ୍କ ମୃତ୍ୟୁ ହେବାପରେ ହନିଙ୍କ ବିରୋଧରେ ଦେଶଦ୍ରୋହ ମାମଲା ରୁଜୁ କରାଯିବା ସହ ପୁଲିସ୍ ତାଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରଖିଛି।

# ହେବନି ସାର୍କ ସମ୍ମିଳନୀ !

**ନୂଆଦିଲ୍ଲୀ :** ଭାରତ, ବାଂଲାଦେଶ, ଆଫଗାନିସ୍ତାନ, ପାକିସ୍ତାନ, ନେପାଳ, ଶ୍ରୀଲଙ୍କା, ଭୁଟାନ୍ ଓ ମାଳଦ୍ୱୀପକୁ ନେଇ ଅନୁଷ୍ଠିତ ହେଉଥିବା ସାର୍କ ଶୀଖର ସମ୍ମିଳନୀ ଉପରେ ପୁଣି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ୨୦୧୬ରେ ସାର୍କ ଶୀଖର ସମ୍ମିଳନୀ ପୂର୍ବରୁ ଭାରତ, ବାଂଲାଦେଶ ଓ ଆଫଗାନିସ୍ତାନ ମିଳିତ ଭାବେ ପାକିସ୍ତାନ ଆତଙ୍କବାଦୀ କାର୍ଯ୍ୟକଳାପକୁ ପ୍ରୋତ୍ସାହନ ଦେଉଥିବାରୁ ଇସ୍‌ଲାମାବାଦ ଯାଇ ଏହି ସମ୍ମିଳନୀରେ ଯୋଗ ଦେବାକୁ ମନା କରି ଦେଇଥିଲେ। ଫଳରେ ଏହାକୁ ବାତିଲ କରି ଦିଆଯାଇଥିଲା। ଏ ବର୍ଷ ମଧ୍ୟ ସାର୍କ ସମ୍ମିଳନୀ ହେବ କି ନାହିଁ, ସେନେଇ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ସାଧାରଣତଃ ନଭେମ୍ବର ମାସରେ ଏହି ଶୀଖର ସମ୍ମିଳନୀ ଅନୁଷ୍ଠିତ ହୋଇଥାଏ। ଜାତିସଂଘ ଜେନେରାଲ ବୈଠକରେ ଯୋଗଦେବାକୁ ନ୍ୟୁୟର୍କ ଯାଇଥିବା ଭାରତର ବୈଦେଶିକ ମନ୍ତ୍ରୀ ସୁଷମା ସ୍ୱରାଜ ସେଠାରେ ସାର୍କ ଦେଶର ବୈଦେଶିକ ମନ୍ତ୍ରୀମାନଙ୍କ ସହ ସାକ୍ଷାତ କରିଛନ୍ତି। ଏହି ସମୟରେ ସୁଷମା ସାର୍କ ସମ୍ମିଳନୀରେ ଭାରତ ଯୋଗ ଦେବ ନାହିଁ ବୋଲି ଅସମର୍ଥ ପ୍ରକାଶ କରିଛନ୍ତି। ଏହି ବୈଠକରେ ପାକିସ୍ତାନ ଯୋଗ ଦେଉଥିବାରୁ ଭାରତ ଏଥିରୁ ଓହରି ଯିବାକୁ ସ୍ଥିର କରିଛି। ଯଦି ଭାରତ ସାର୍କ ବୈଠକରୁ ଓହରି ଯାଏ, ତେବେ ଗତ ବର୍ଷ ଭଳି ଏଥର ମଧ୍ୟ ସାର୍କ ଶୀଖର ସମ୍ମିଳନୀ ଅନୁଷ୍ଠିତ ହେବନାହିଁ। କାରଣ ଏହି ବୈଠକରେ ଭାରତର ଭୂମିକା ହିଁ ଗୁରୁତ୍ୱପୂର୍ଣ୍ଣ ରହିଥାଏ। ସୁଷମା ଗଣମାଧ୍ୟମ ଆଗରେ ସିଧାସଳଖ ଏନେଇ ମନ୍ତବ୍ୟ ଉପସ୍ଥାପନ କରି ନଥିଲେ ହେଁ ଆଞ୍ଚଳିକ ସ୍ଥିରତା, ଯୋଗାଯୋଗ ଓ ସହଯୋଗ କେବେ ହେଲେ ଆତଙ୍କବାଦକୁ ପ୍ରୋତ୍ସାହନ ଦେଉଥିବା ରାଷ୍ଟ୍ର ସହ ସମ୍ଭବ ନୁହେଁ ବୋଲି କହିଛନ୍ତି। ଗୋଟିଏ ପଟେ ଆତଙ୍କବାଦକୁ ପ୍ରୋତ୍ସାହନ ଦେଇ ଅନ୍ୟପଟେ ପଡ଼ୋଶୀ ରାଷ୍ଟ୍ରଗୁଡ଼ିକ ସହ ମିଶି ଶାନ୍ତି ଓ ସୁରକ୍ଷା ସ୍ଥାପନ ଦିଗରେ କାର୍ଯ୍ୟ କରିବାର ନାଟକ କେବେ ହେଲେ ସମ୍ଭବପର ନୁହେଁ। ସାର୍କ ଦେଶଗୁଡ଼ିକ ଯେଉଁ ଲକ୍ଷ୍ୟ ନେଇ କାର୍ଯ୍ୟ କରୁଛନ୍ତି, ବର୍ତ୍ତମାନ ତାହା ଲକ୍ଷ୍ୟଚ୍ୟୁତ ହୋଇଗଲାଣି। ତେଣୁ ସାର୍କ ସମ୍ମିଳନୀ କରି ଲାଭ କିଛି ନାହିଁ ବୋଲି ସୁଷମା କହିଛନ୍ତି। ଅନ୍ୟପକ୍ଷରେ ସାର୍କର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରୁଥିବା ନେପାଳ ଏହି ବିବାଦର ସମାଧାନ କରି ବୈଠକକୁ ଅନୁଷ୍ଠିତ କରିବା କାର୍ଯ୍ୟରେ ଲାଗି ପଡ଼ିଥିବା ଜଣାପଡ଼ିଛି। ୨୦୧୮ ସୁଦ୍ଧା ଯେମିତି ହେଲେ କୌଣସି ନିଷ୍କର୍ଷ ବାହାରିବ ବୋଲି ନେପାଳ ଆଶା ପୋଷଣ କରିଛି।

# ଗର୍ଭବତୀଙ୍କ ପାଇଁ ନୂଆ ଯୋଜନା 'ସମ୍ପୂର୍ଣ୍ଣା'

**ଭୁବନେଶ୍ୱର :** ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ରାଜ୍ୟ ସରକାର ପୁଣି ଏକ ଆକର୍ଷଣୀୟ ଯୋଜନା ଘୋଷଣା କରିଛନ୍ତି। ଦୁର୍ଗମ ଅଞ୍ଚଳରେ ଗର୍ଭବତୀଙ୍କୁ ହସ୍ପିଟାଲ ଆଣିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ପୂର୍ଣ୍ଣା ଯୋଜନା ଘୋଷଣା କରିଛନ୍ତି। ଏହି ଯୋଜନାରେ ଶିଶୁ ଏବଂ ମାତୃ ମୃତ୍ୟୁହାର କମାଇବା ପାଇଁ ରାଜ୍ୟ ସରକାର ଗର୍ଭବତୀଙ୍କୁ ଡାକ୍ତରଖାନା ଆସିବା ନିମନ୍ତେ ୧୦୦୦ ଟଙ୍କା ଦେବେ। ସେହିପରି ଆଶାକର୍ମୀଙ୍କ ପାଇଁ ଆଶା କଲ୍ୟାଣ ଯୋଜନା ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ୍ କର୍ମଚାରୀ ପାଙ୍ଗରିର ମଧ୍ୟ ମୁଖ୍ୟମନ୍ତ୍ରୀ ଶୁଭାରମ୍ଭ କରିଛନ୍ତି। ଯାନବାହନ କିମ୍ବା ସ୍ୱାସ୍ଥ୍ୟସେବା ଉପଲବ୍ଧ ହେଉନଥିବା ଦୁର୍ଗମ ଅଞ୍ଚଳର ମହିଳାମାନଙ୍କୁ ପ୍ରସୂତି ପାଇଁ ହସ୍ପିଟାଲ ଆଣିବା ଲାଗି ରାଜ୍ୟ ସରକାର ଏହି ଆର୍ଥିକ ସହାୟତା ଦେବେ। ରାଜ୍ୟର ୩୦ଟି ଜିଲ୍ଲାର ୭୮୩୫ଟି ଗାଁରେ ଏହି ଯୋଜନା କାର୍ଯ୍ୟକାରୀ ହେବ। ଏହା ଦ୍ୱାରା ବାର୍ଷିକ ୬୦ ହଜାର ଗର୍ଭବତୀ ଉପକୃତ ହେବେ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି। ସମ୍ପୃକ୍ତ ମହିଳାମାନେ ଗାଡ଼ିମୋଟର ଉପଲବ୍ଧ ହେଉଥିବା ସ୍ଥାନରେ ପହଞ୍ଚି ୧୦୮ କିମ୍ବା ୧୦୨ ଆମ୍ବୁଲାନ୍ସ ସେବା ଗ୍ରହଣ କଲେ ମଧ୍ୟ ତାଙ୍କୁ ଏହି ଅର୍ଥ ପ୍ରଦାନ କରାଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ସୂଚନା ଦେଇଛନ୍ତି। ଏହି ଯୋଜନାରେ ପ୍ରତି ବର୍ଷ ପ୍ରାୟ ୬ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ସରକାରୀ ଭାବରେ ଆକଳନ କରାଯାଇଛି। ସେହିପରି ଆଶାକର୍ମୀମାନଙ୍କ ପାଇଁ ରାଜ୍ୟ ସରକାର ଆଶା କଲ୍ୟାଣ ଯୋଜନା ଘୋଷଣା କରିଛନ୍ତି। ଏହି ଯୋଜନାରେ ପ୍ରତି ଆଶାକର୍ମୀଙ୍କୁ ମାସକୁ ଅତି କମ୍‌ରେ ୧୦୦୦ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ। ଯଦି କୌଣସି କାରଣରୁ ସେମାନଙ୍କର ମୃତ୍ୟୁ ଘଟେ ବା ଶାରୀରିକ ଭାବରେ ଅକ୍ଷମ ହୁଅନ୍ତି, ତା' ହେଲେ ରାଜ୍ୟ ସରକାର ଏକକାଳୀନ ୧ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଦେବେ। ୪୦ ପ୍ରତିଶତରୁ ୬୦ ପ୍ରତିଶତ ସ୍ଥାୟୀ ଅକ୍ଷମତା ପାଇଁ ୨୫ ହଜାର ଟଙ୍କା, ୬୧ରୁ ୮୦ ପ୍ରତିଶତ ଶାରୀରିକ ଅକ୍ଷମତା ପାଇଁ ୫୦ ହଜାର ଟଙ୍କା ଏବଂ ୮୦ ପ୍ରତିଶତରୁ ଅଧିକ ଅକ୍ଷମତା କ୍ଷେତ୍ରରେ ୧ ଲକ୍ଷ ଟଙ୍କା ଆର୍ଥିକ ସହାୟତା ଦିଆଯିବ। ଏହି ଯୋଜନାରେ ୪୭ ହଜାରରୁ ଅଧିକ ଆଶାକର୍ମୀ ଉପକୃତ ହେବେ। ତା'ଛଡ଼ା ୬୦ ବର୍ଷ ବୟସରେ ଅବସର ଗ୍ରହଣ କରିବା ସମୟରେ ଏମାନଙ୍କୁ ୧୦ ହଜାର ଟଙ୍କାର ଏକକାଳୀନ ପାରିଶ୍ରମିକ ପ୍ରଦାନ କରାଯିବ। ଏଥିପାଇଁ ବାର୍ଷିକ ୬୫ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଜାତୀୟ ସ୍ୱାସ୍ଥ୍ୟ ମିଶନ(ଏନ୍‌ଏଚ୍‌ଏମ୍) କର୍ମଚାରୀ କଲ୍ୟାଣ ପାଙ୍ଗରି ମଧ୍ୟ ଆରମ୍ଭ କରାଯାଇଛି। ଏହି ମିଶନ ଅନ୍ତର୍ଗତ କାର୍ଯ୍ୟକରୁଥିବା ୧୫ ହଜାର ଅସ୍ଥାୟୀ କର୍ମଚାରୀଙ୍କୁ ରାଜ୍ୟ ସରକାର ସାମାଜିକ ନିରାପତ୍ତା ଯୋଗାଇବା ଲକ୍ଷ୍ୟରେ ଏହି ପାଣ୍ଠି ଘୋଷଣା କରାଯାଇଛି। ଏହି ପାଙ୍ଗରି ଜରିଆରେ ମିଶନ କର୍ମଚାରୀମାନଙ୍କ ମୃତ୍ୟୁ କିମ୍ବା ୮୦ ପ୍ରତିଶତରୁ ଅଧିକ ଅକ୍ଷମତା କ୍ଷେତ୍ରରେ ସର୍ବାଧିକ ୬ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ଯୋଗାଇ ଦିଆଯିବ। ଆଂଶିକ ଅକ୍ଷମତା ୪୦ରୁ ୬୦ ପ୍ରତିଶତ କ୍ଷେତ୍ରରେ ୨ ଲକ୍ଷ ଓ ୬୧ରୁ ୮୦ ପ୍ରତିଶତ ଅକ୍ଷମତା କ୍ଷେତ୍ରରେ ୨.୫ ଲକ୍ଷ ଟଙ୍କା ଆର୍ଥିକ ସହାୟତା ଦିଆଯିବ। ଏହି ବର୍ଗର କର୍ମଚାରୀମାନଙ୍କ କ୍ଷେତ୍ରରେ ଗୁରୁତର ରୋଗର ଚିକିତ୍ସା ପାଇଁ ୩ ଲକ୍ଷ ଟଙ୍କା ସହାୟତା ଦିଆଯିବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି। ମୁଖ୍ୟମନ୍ତ୍ରୀ ସଚିବାଳୟରେ ଭିଡିଓ କନଫରେନ୍ସ ଯୋଗେ ୩୨୨ଟି ସ୍ୱାସ୍ଥ୍ୟ ଭିତ୍ତିଭୂମି ପ୍ରକଳ୍ପର ଲୋକାର୍ପଣ କରିବା ଅବସରରେ ଏହି ଘୋଷଣା କରିଛନ୍ତି। ସାରା ରାଜ୍ୟରେ ଥାଲାସେମିଆ, ସିକଲ୍‌ସେଲ୍ ଏବଂ ହେମୋଗ୍ଲୋବିନୋପାଥି ରୋଗରେ ଆକ୍ରାନ୍ତ ରୋଗୀଙ୍କ ଚିକିତ୍ସା ପାଇଁ ସମସ୍ତ ଜିଲ୍ଲା ସଦର ହସ୍ପିଟାଲରେ ପ୍ରଯତ୍ନ କେନ୍ଦ୍ର ସ୍ଥାପନ କରାଯିବ। ପ୍ରଥମ ପର୍ଯ୍ୟାୟରେ ଏହା ବାଲେଶ୍ୱର, ରାଉରକେଲା ଓ କନ୍ଧମାଳରେ ଆରମ୍ଭ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

## ଶୀତ ରତୁ ଆଗରୁ ଆସିଲେଣି ବିଦେଶୀ ପକ୍ଷୀ



**ବ୍ରହ୍ମଗିରି :** ଆଉ କିଛିଦିନ ପରେ ଆସିଯିବ ଶୀତ ରତୁ। ଆଉ ଏହି ଶୀତ ରତୁ ଆସିବାର ପୂର୍ବରୁ ନୀଳାମ୍ବୁ ଚିଲିକାରେ ଦେଖିବାକୁ ମିଳିବ ବିଦେଶାଗତ ଅତିଥି ପକ୍ଷୀଙ୍କ ଭିଡ଼। ଏହି ବିଦେଶାଗତ ପକ୍ଷୀଙ୍କ ବିଭିନ୍ନ ରଙ୍ଗ ବେରଙ୍ଗର ସମ୍ଭାର ଚିଲିକାକୁ ଗୋଟେ ନୂଆ ରୂପ ଦେଲାଭଳି ଲାଗିବ। ଏହାର ପ୍ରାକ ସୂଚନା ଏବେଠାରୁ ମିଳିସାରିଛି। ଯଦିବା ଏବେ ଚିଲିକାର ତାପମାତ୍ରା ୩୨ ଡିଗ୍ରୀ ଉପରେ ରହିଛି ତଥାପି ଚିଲିକା ଆକାଶରେ ବିଦେଶାଗତ ଅତିଥି ପକ୍ଷୀ ଚକ୍କର କାଟୁଥିବା ପରିଲକ୍ଷିତ କରାଯାଇଛି। ଦଳଦଳ ହୋଇ ଏହି ସବୁ ବିଦେଶାଗତ ଅତିଥି ପକ୍ଷୀ ଆକାଶରେ ଚକ୍କର କାଟୁଥିବା ଦେଖିବାକୁ ମିଳିଛି। ଏହାରି ଭିତରେ ଲଦାଖ ଅଞ୍ଚଳରୁ ଆସୁଥିବା ବ୍ଲାକ ହେଡେଡ୍ ଗ୍ଲୋସିଆ ଆଇବିସି ପ୍ରଜାତିର ବିଦେଶାଗତ ଅତିଥି ପକ୍ଷୀ ଚିଲିକାର ବିଭିନ୍ନ ଅଞ୍ଚଳରେ ପାଦ ଥାପି ସାରିଲେଣି। କୃଷ୍ଣପ୍ରସାଦ ବ୍ଲକ ଇଲାକାରେ ଥିବା ଚିଲିକାରେ ଏବେ ଏମାନଙ୍କୁ ଦେଖିବାକୁ ମିଳିଛି। ବିଶେଷ କରି ଏହି ପ୍ରଜାତିର ବିଦେଶାଗତ ପକ୍ଷୀ ଚିଲିକାର ଅଭୟାରଣ୍ୟ ନଳବଣରେ ବର୍ଷ ତମାମ ରହୁଥିବା ନଜିର ରହିଛି। ନଳବଣ ଇଲାକାରୁ ଏହି ପ୍ରଜାତିର ପକ୍ଷୀ ବାହାରକୁ ଆସି ଚିଲିକାର ବିଭିନ୍ନ ଅଞ୍ଚଳରେ ଖାଦ୍ୟ ଅନ୍ୱେଷଣ କରନ୍ତି। ଗ୍ରୀଷ୍ମ କାଳିନ ପକ୍ଷୀ ଗଣନା ନଳବଣରେ ହୋଇଥିବା ବେଳେ ୪୪ ପ୍ରଜାତିର ବିଦେଶାଗତ ଅତିଥି ପକ୍ଷୀ ରହିଥିବା ଜଣାପଡିଥିଲା। ବନ ବିଭାଗ ଅକ୍ଟୋବର ମାସ ପ୍ରଥମ ସପ୍ତାହରୁ ବିଭିନ୍ନ ଅଞ୍ଚଳରେ ପକ୍ଷୀ କ୍ୟାମ୍ପ କରିଥାଏ। ଅକ୍ଟୋବର ମାସ ପ୍ରଥମରୁ ଚିଲିକାକୁ ବିଦେଶାଗତ ଅତିଥି ପକ୍ଷୀଙ୍କ ସମ୍ଭାର ଆରମ୍ଭ ହୋଇ ଥାଏ। କିନ୍ତୁ ଚଳିତ ବର୍ଷ ଗୋଟିଏ ସପ୍ତାହ ପୂର୍ବରୁ ଚିଲିକାର ଆକାଶରେ ବିଦେଶାଗତ ଅତିଥି ପକ୍ଷୀଙ୍କ ଆଗମ ନେଇ ପକ୍ଷୀ ପ୍ରେମୀ ବେଶ ଖୁସି ଅଛନ୍ତି। ଗତବର୍ଷ ଚିଲିକାକୁ ରେକର୍ଡ ସଂଖ୍ୟକ ପକ୍ଷୀ ଆସିଥିବା ବେଳେ ପକ୍ଷୀ ଅଭୟାରଣ୍ୟ ନଳବଣରେ କମ ଥିବା ଗଣନା ବେଳେ ଜଣାପଡିଥିଲା। ଏହା ସହିତ ପ୍ରଜାତି ସଂଖ୍ୟା ମଧ୍ୟ କମ ରହିଥିଲା।

## ବରିଷ୍ଠ ନାଗରିକଙ୍କ ପାଇଁ 'ଅବଦାନ'

**ଭୁବନେଶ୍ୱର :** ବରିଷ୍ଠ ନାଗରିକଙ୍କ ନିରାପତ୍ତା ଓ କଲ୍ୟାଣ ନିମନ୍ତେ ରାଜ୍ୟ ସରକାର ଚଳିତ ଆର୍ଥିକ ବର୍ଷରୁ 'ଅବଦାନ' ଯୋଜନା କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେଇଛନ୍ତି। ବରିଷ୍ଠ ନାଗରିକଙ୍କୁ ମାଗଣାରେ ଆଇନ ସହାୟତା, ସେମାନଙ୍କୁ ଉଭୟ ସରକାରୀ ଓ ଘରୋଇ ବସ୍‌ରେ ସିଟ୍ ସୁନିଶ୍ଚିତ କରାଇବା ପାଇଁ ୫ଟି ସହରରେ ସ୍ୱେଚ୍ଛାସେବୀଙ୍କୁ ମୁତୟନ କରାଯିବା ସହ ପ୍ରତି ଜିଲ୍ଲାସ୍ତରରେ ବରିଷ୍ଠ ନାଗରିକ ସପ୍ତାହ ପାଳନ ଆଦି କାର୍ଯ୍ୟକ୍ରମ ନିମନ୍ତେ ପଦକ୍ଷେପ ନେବା ପାଇଁ ସ୍ଥିର ହୋଇଛି। ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ବରିଷ୍ଠ ନାଗରିକଙ୍କୁ ଅଧିକାର ଓ ସେବା ଯୋଗାଇ ଦେବା ନିମନ୍ତେ 'ଅବଦାନ' ଯୋଜନା କାର୍ଯ୍ୟ କରିବ। ଜିଲ୍ଲାସ୍ତରରେ ବରିଷ୍ଠ ନାଗରିକଙ୍କୁ ନିଜର ସୁରକ୍ଷା ଓ ଅଧିକାର ପ୍ରତି ସଚେତନ କରାଇବା ନିମନ୍ତେ ବରିଷ୍ଠ ନାଗରିକ ସପ୍ତାହ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିପାଇଁ ପ୍ରାରମ୍ଭିକ ପର୍ଯ୍ୟାୟରେ ପ୍ରତି ଜିଲ୍ଲାକୁ ୮ ଲକ୍ଷ ଲେଖାଏ ଟଙ୍କା ଯୋଗାଇ ଦିଆଯାଇଛି। ସେହପରି କଟକ-ଭୁବନେଶ୍ୱରରେ ବରିଷ୍ଠ ନାଗରିକଙ୍କ ସୁରକ୍ଷା ଓ ନିରାପତ୍ତା ପାଇଁ କମିଶନରେଟ୍ ପୁଲିସ୍ ପକ୍ଷରୁ ଦିଆଯାଇଥିବା ୭୭.୬୦ଲକ୍ଷ ଟଙ୍କାର ଏକ ପ୍ରସ୍ତାବକୁ ରାଜ୍ୟ ସରକାର ଅନୁମୋଦନ କରିଛନ୍ତି। ବରିଷ୍ଠ ନାଗରିକଙ୍କ ସହାୟତା ପାଇଁ ଜିଲ୍ଲାସ୍ତରରେ ଗୋଟିଏ ଅଭିଯୋଗ ପରିଚାଳନା ବ୍ୟବସ୍ଥା କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ମାସିକ ୩୦ହଜାର ଟଙ୍କା ଲେଖାଏ ପାରିଶ୍ରମିକରେ ଅତିକମ୍‌ରେ ୨ଜଣ କାଉନ୍‌ସେଲର ଅବା ବିଶେଷଜ୍ଞଙ୍କୁ ଏଥିରେ ନିଯୁକ୍ତି ଦିଆଯିବ। ଏହି ବିଶେଷଜ୍ଞମାନେ ଜିଲ୍ଲା ମୁଖ୍ୟାଳୟରେ ରହି ବରିଷ୍ଠ ନାଗରିକଙ୍କ ସହ ଜଡ଼ିତ ପୁଲିସ୍ ମାମଲାରେ ସହଯୋଗ ପ୍ରଦାନ କରିବେ। ସେହିପରି ବରିଷ୍ଠ ନାଗରିକଙ୍କୁ ଜିଲ୍ଲାସ୍ତରରେ ମାଗଣା ଆଇନଗତ ସହାୟତା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ବରିଷ୍ଠ ନାଗରିକଙ୍କୁ ପରିବହନ ନିରାପତ୍ତା ଯୋଗାଇବା ପାଇଁ କଟକ,ଭୁବନେଶ୍ୱର, ବ୍ରହ୍ମପୁର, ସମ୍ବଲପୁର ଓ ରାଉରକେଲା ଭଳି ସହରର ବସ୍‌ଷ୍ଟାଣ୍ଡରେ ସ୍ୱେଚ୍ଛାସେବୀଙ୍କୁ ମୁତୟନ କରାଯିବ। ଏହି ସ୍ୱେଚ୍ଛାସେବୀଙ୍କୁ ମାସିକ ୩ହଜାର ଟଙ୍କାର ପାରିଶ୍ରମିକ ମିଳିବ ଓ ସେମାନେ ବରିଷ୍ଠ ନାଗରିକଙ୍କୁ ଉଭୟ ଘରୋଇ ଓ ସରକାରୀ ବସ୍‌ରେ ସିଟ୍‌ରେ ବସାଇବା ସୁନିଶ୍ଚିତ କରାଇବେ।

### ବୈଷୟିକ ସହାୟତା ଦେବ ଆଇସ୍‌ଲ୍ୟାଣ୍ଡ

## 'ମାଛର ଉପଲବ୍ଧତା ବୃଦ୍ଧି ପାଇବ'

**ଭୁବନେଶ୍ୱର :** ରାଜ୍ୟରେ ସାମୁଦ୍ରିକ ମାଛ ଉତ୍ପାଦନ ବୃଦ୍ଧିର ପର୍ଯ୍ୟାପ୍ତ ସୁଯୋଗ ରହିଥିବା ବେଳେ ଆଧୁନିକ ବୈଜ୍ଞାନିକ ଜ୍ଞାନକୌଶଳ ଉପଯୋଗ କରି ମତ୍ସ୍ୟ ଉତ୍ପାଦନ ଓ ରପ୍ତାନୀ ବୃଦ୍ଧି ନିମନ୍ତେ ସରକାରୀ ସ୍ତରରେ ଯୋଜନା ପ୍ରସ୍ତୁତି ହେଉଛି। ଏହି ପରିପ୍ରେକ୍ଷୀରେ ଗଭୀର ସମୁଦ୍ରରୁ ମାଛ ଉତ୍ପାଦନ ନିମନ୍ତେ ଆଇସ୍‌ଲ୍ୟାଣ୍ଡର ବୈଷୟିକ ସହଯୋଗ ନିମନ୍ତେ ରାଜ୍ୟ ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ପଦକ୍ଷେପ ନେଇଛନ୍ତି। ଭାରତରେ ଅବସ୍ଥାପିତ ଆଇସ୍‌ଲ୍ୟାଣ୍ଡର ରାଷ୍ଟ୍ରଦୂତ ଥୋରିର ଇବ୍‌ସେନ୍‌ଙ୍କ ଓଡ଼ିଶା ଗସ୍ତ ସମୟରେ ରାଜ୍ୟ ସରକାରଙ୍କ ମତ୍ସ୍ୟ ବିଭାଗର ପଦାଧିକାରୀଙ୍କ ସହ ରାଜୀବ ଭବନଠାରେ ଏ ସମ୍ପର୍କରେ ଅନୁଷ୍ଠିତ ବୈଠକରେ ସବିଶେଷ ଆଲୋଚନା ହୋଇଥିଲା। କୃଷି ଉତ୍ପାଦନ କମିଶନର ଗଗନ କୁମାର ଧଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଓଡ଼ିଶା ରାଜ୍ୟର ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ବିଶାଳ ଗଗନ, ମତ୍ସ୍ୟ ବିଭାଗର ନିର୍ଦ୍ଦେଶ ଡା. ବିଜୟ କେତନ ଉପାଧ୍ୟାୟ, ସାମୁଦ୍ରିକ ଦ୍ରବ୍ୟ ରପ୍ତାନୀ ସଂଘର ସଭାପତି ଓ ଅନ୍ୟାନ୍ୟ ପଦାଧିକାରୀ, ଏମ୍‌ପିଇଡିଏ ଓ ଇଆଇଏର ପଦାଧିକାରୀ, ୟୁସିସିଆଇର ସଭାପତି ଓ ସମ୍ପାଦକଙ୍କ ସମେତ ମତ୍ସ୍ୟବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ। ସାମୁଦ୍ରିକ ଖାଦ୍ୟ ଓ ଦ୍ରବ୍ୟ ଉତ୍ପାଦନ ଓ ରପ୍ତାନୀ ଦିଗରେ ରାଜ୍ୟ ସରକାର ପ୍ରାଥମିକତା ଦେଉଛନ୍ତି ବୋଲି ବୈଠକରେ ଶ୍ରୀ ଧଳ କହିଥିଲେ। ଏଥି ସହିତ ଓଡ଼ିଶାରେ ମତ୍ସ୍ୟ ଉତ୍ପାଦନର ସ୍ଥିତି ଓ ଆଗାମୀ ଦିନରେ ବିଭାଗ ପକ୍ଷରୁ ନିଆଯିବାକୁ ଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିଥିବା ବେଳେ ଗଭୀର ସମୁଦ୍ରରୁ ମାଛ ଧରିବା ନିମନ୍ତେ ଆଇସ୍‌ଲ୍ୟାଣ୍ଡଠାରୁ ଉପଯୁକ୍ତ ଜ୍ଞାନକୌଶଳର ସହଯୋଗିତା ଲାଗି ସେ ଆଶାବ୍ୟକ୍ତ କରିଥିଲେ। ଶ୍ରୀ ବିଶାଳ ଗଗନ ଆଇସ୍‌ଲ୍ୟାଣ୍ଡର ଆଧୁନିକ ଜ୍ଞାନକୌଶଳରେ କିପରି ରାଜ୍ୟରେ ସାମୁଦ୍ରିକ ମତ୍ସ୍ୟ ଉତ୍ପାଦନ ବୃଦ୍ଧି କରାଯାଇପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଏହା ଦ୍ୱାରା ରାଜ୍ୟରେ ମାଛର ଉପଲବ୍ଧତା ବୃଦ୍ଧି ପାଇବା ସହିତ ଆନ୍ତର୍ଜାତିକ ବଜାରକୁ ବିପୁଳ ପରିମାଣରେ ସାମୁଦ୍ରିକ ମତ୍ସ୍ୟ ରପ୍ତାନୀ ହୋଇପାରିବ ବୋଲି କମିଶନର ମତବ୍ୟକ୍ତ କରିଥିଲେ। ଆୟତନ ଓ ଲୋକସଂଖ୍ୟା ଦୃଷ୍ଟିରୁ ଆଇସ୍‌ଲ୍ୟାଣ୍ଡ ଅତ୍ୟନ୍ତ କ୍ଷୁଦ୍ର ରାଷ୍ଟ୍ର ହୋଇଥିଲେ ହେଁ ସାମୁଦ୍ରିକ ମତ୍ସ୍ୟ ଉତ୍ପାଦନ ଓ ଏହାର ପ୍ରକ୍ରିୟାକରଣ ତଥା ରପ୍ତାନୀରେ ଏହା ପୃଥିବୀରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି ବୋଲି ରାଷ୍ଟ୍ରଦୂତ ଶ୍ରୀ ଥୋରିର ଇବସେନ୍ ତାଙ୍କ ବକ୍ତବ୍ୟରେ କହିଥିଲେ। ଏଥି ସହିତ ଆଗାମୀ ଦିନମାନଙ୍କରେ ସାମୁଦ୍ରିକ ମତ୍ସ୍ୟ ଉତ୍ପାଦନ ନିମନ୍ତେ ଓଡ଼ିଶାକୁ ଆବଶ୍ୟକୀୟ ଜ୍ଞାନକୌଶଳ ସହାୟତା ଯୋଗାଇଦେବ ବୋଲି ଶ୍ରୀ ଇବ୍‌ସେନ୍ ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ଯୁଗ୍ମ ମତ୍ସ୍ୟ ନିର୍ଦ୍ଦେଶକ ପ୍ରତାପ ରଞ୍ଜନ ରାଉତ ମତ୍ସ୍ୟ ସମ୍ପଦ ଓ ରାଜ୍ୟରୁ ରପ୍ତାନୀ ହେଉଥିବା ସାମୁଦ୍ରିକ ଖାଦ୍ୟ ସମ୍ପର୍କରେ ସୂଚନା ଦେଇଥିବା ବେଳେ ଏସ୍‌ଇଏଆଇ ଓ ୟୁସିସିଆଇ ତରଫରୁ ରାଜନ ପାଢ଼ୀ ଓ କମଳେଶ ମିଶ୍ର ଓଡ଼ିଶାର ସାମୁଦ୍ରିକ ଦ୍ରବ୍ୟ ରପ୍ତାନୀର ସ୍ଥିତି ଓ ଏ ସମ୍ପର୍କରେ ଆଇସ୍‌ଲ୍ୟାଣ୍ଡର ସମ୍ଭାବ୍ୟ ସହଯୋଗିତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପରିଶେଷରେ ମତ୍ସ୍ୟ ବିଭାଗର ନିର୍ଦ୍ଦେଶକ ଡା. ବିଜୟ କେତନ ଉପାଧ୍ୟାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ହସ୍ତ ଓ କୁଟୀର ଶିଳ୍ପୀଙ୍କୁ ଖୁବ୍‌ଶୀଘ୍ର ବୀମା ସୁବିଧା

**ଭୁବନେଶ୍ୱର :** ହସ୍ତ ଓ କୁଟୀର ଶିଳ୍ପୀଙ୍କୁ ଋଣ ଏବଂ ସବ୍‌ସିଡି ପ୍ରଦାନ ଠାରୁ ଆରମ୍ଭ କରି ତାଲିମ, ସାମାଜିକ ଉନ୍ନୟନ ଯୋଜନାରେ ସାମିଲ କରିବାକୁ ସରକାର ପୂର୍ବରୁ ପଦକ୍ଷେପ ନେଇଛନ୍ତି। ଆଗକୁ ଖୁବ୍‌ଶୀଘ୍ର ହସ୍ତ ଓ କୁଟୀର ଶିଳ୍ପୀଙ୍କ ପାଇଁ ବୀମା ସୁବିଧା ଆରମ୍ଭ ହେବ। ଏଥିପାଇଁ ପ୍ରକ୍ରିୟା ଚାଲିଥିବା ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା କହିଛନ୍ତି। ଉତ୍କଳ ଅଡିଟୋରିୟମରେ ହସ୍ତଶିଳ୍ପ କାରିଗରଙ୍କ ପାଇଁ ଆୟୋଜିତ ସଚେତନତା ଶିବିର ଓ ସୌର ଲଣ୍ଠନ ପ୍ରଦାନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ ଏହା କହିଛନ୍ତି। ଶିଳ୍ପୀମାନଙ୍କ ସୁବିଧା ନିମନ୍ତେ ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ ପରିଷଦ ଗଠନ ପାଇଁ ନିଷ୍ପତ୍ତି ହୋଇଛି। ଏଥିରେ ପ୍ରଥମ ପର୍ଯ୍ୟାୟରେ ୨୦କୋଟି ଟଙ୍କା ବଜେଟ୍ ରହିଛି। ଏହି ପରିଷଦ ଶିଳ୍ପୀଙ୍କ କଲ୍ୟାଣ ନିମନ୍ତେ କାମ କରିବ। ଏଥିସହ ହସ୍ତଶିଳ୍ପ ସାମଗ୍ରୀକୁ ଟିକସ ମୁକ୍ତ କରିବାକୁ ଜିଏସ୍‌ଟି ପରିଷଦରେ ସେ ଦାବି କରିଥିବା କହିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଏଥିପାଇଁ ପ୍ରଧାନମନ୍ତ୍ରୀଙ୍କୁ ଚିଠି



ଲେଖି ଦାବି କରିଛନ୍ତି। ଖଲିପତ୍ର ଉପରେ ୨୮ପ୍ରତିଶତ ଜିଏସ୍‌ଟି ଲାଗୁ ହୋଇଥିଲା। ଦାବି ପରେ ଏହା ୫ପ୍ରତିଶତକୁ କମିଛି। ପଥର ମୂର୍ତ୍ତି ଉପରୁ ଜିଏସ୍‌ଟି ୧୮ରୁ ୧୨ ପ୍ରତିଶତକୁ କମିଛି। ମାଟି ମୂର୍ତ୍ତିକୁ ଟିକସମୁକ୍ତ କରାଯାଇଛି। ଏ ନେଇ ଖୁବ୍‌ଶୀଘ୍ର ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ମନ୍ତ୍ରୀ ଶ୍ରୀ ବେହେରା କହିଛନ୍ତି। ଏହି ଅବସରରେ ମନ୍ତ୍ରୀ ଶିଳ୍ପୀମାନଙ୍କୁ ସୌର ଲଣ୍ଠନ ପ୍ରଦାନ କରିଥିଲେ। ବିଜୁଳି କଟିଗଲେ ବି ଏହାକୁ ବ୍ୟବହାର କରି ଶିଳ୍ପୀମାନେ ହସ୍ତଶିଳ୍ପ କାମ କରିପାରିବେ ବୋଲି ସେ କହିଥିଲେ। ରାଜ୍ୟ ସାରା ସବୁ ହସ୍ତଶିଳ୍ପୀଙ୍କୁ ସୌର ଲଙ୍ଗରନ ଦେବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିବା ବିଭାଗୀୟ ଅତିରିକ୍ତ ନିର୍ଦ୍ଦେଶକ ବିକେ ପଣ୍ଡା କହିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ବିଜୟ ମହାନ୍ତି, ଭୁବନେଶ୍ୱର ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ନିରାକାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ଅଗ୍ନିକାଣ୍ଡରେ ଜଳିଗଲା ୱାର୍ଡମେମ୍ବରଙ୍କ ଘର



**ଡାବୁଗାଁ :** ଡାବୁଗାଁ ବ୍ଲକ ସଦର ମହକୁମାର ୧୦ ନମ୍ବର ୱାର୍ଡ ରେଭିନ୍ୟୁଗୁଡା ସାହିର ଲଳିତା ସିଂଙ୍କ ଘରେ ଅଗ୍ନିକାଣ୍ଡ ଘଟିଛି। ଉକ୍ତ ଅଗ୍ନିକାଣ୍ଡରେ ଲଳିତାଙ୍କ ଘରେ ଭଡାରେ ରହୁଥିବା ୧୦ ନମ୍ବର ୱାର୍ଡର ୱାର୍ଡମେମ୍ବର ଅରୁଣ ହରିଜନଙ୍କ ଘର ଭିତରେ ଥିବା ସମସ୍ତ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି। ଉକ୍ତ ଘରେ ଭଡାରେ ରହୁଥିବା ସିରିଆ ବେହେରାଙ୍କ ଘରେ ମଧ୍ୟ ନିଆଁ ଲାଗିଛି। ତେବେ ସେ ବ୍ରହ୍ମପୁର ଯାଇଥିବାରୁ କ'ଣ ସବୁ ନଷ୍ଟ ହୋଇଛି ସେ ନେଇ ସ୍ପଷ୍ଟ ସୂଚନା ମିଳିପାରିନାହିଁ। ଅଗ୍ନିକାଣ୍ଡ ସମୟରେ ଘରେ କେହି ନଥିବାରୁ ବଡ ବିପଦରୁ ପରିବାର ଲୋକେ ରକ୍ଷା ପାଇଯାଇଛନ୍ତି। ସୂଚନା ଅନୁଯାୟୀ ରେଭିନ୍ୟୁଗୁଡା ସହିର ଲଳିତା ସିଂଙ୍କ ଘରେ ୱାର୍ଡମେମ୍ବର ଅରୁଣ ହରିଜନ ଓ ସିରିଆ ବେହେରାଙ୍କ ଉଭୟ ପାର୍ଶ୍ୱରେ ୨ଟି ଚାଳଘରେ ଭଡାରେ ରହୁଛନ୍ତି। ସିରିଆ ନିଜ ପରିବାର ସହ ବ୍ରହ୍ମପୁର ଯାଇଥିବା ବେଳେ ପଡିଶାରେ ରହୁଥିବା ଅରୁଣଙ୍କ ପତ୍ନୀ ରୋଷେଇ ସାରି ଚୁଲି ଉପରେ କିଛି କାଠଗୁଣ୍ଡ ଶୁଖାଇ ନିଜର ଛୋଟ ଝିଅକୁ ଧରି ସ୍ୱାମୀ ଅରୁଣଙ୍କ ସହ କୁଲିକାମ କରିବାକୁ ଚାଲିଯାଇଥିଲେ। ଫଳରେ ଚୁଲି ଉପରେ ଥିବା କାଠରୁ ନିଆଁ ଲାଗି ଏପରି ହୋଇଥିବା ପ୍ରାକ ସୂଚନାରୁ ଜଣାପଡିଛି।

# ନଭେମ୍ବର ୪ରୁ ବାଲିଯାତ୍ରା : ଭୂମିକର ୨ ଟଙ୍କା ବଢ଼ିଲା

**କଟକ :** ଜିଲ୍ଲା ପ୍ରଶାସନ, ଜିଲ୍ଲା ସଂସ୍କୃତି ପରିଷଦ ଓ କଟକ ମହାନଗର ନିଗମର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହେବାକୁ ଥିବା ଐତିହାସିକ କଟକ ବାଲିଯାତ୍ରା ପାଇଁ ଜିଲ୍ଲାପାଳ ସୁଶାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ନଭେମ୍ବର ୪ରୁ ୧୦ ତାରିଖ ପର୍ଯ୍ୟନ୍ତ ବାଲିଯାତ୍ରା ଅନୁଷ୍ଠିତ ହେବ। ଚଳିତ ବର୍ଷ ବାଲିଯାତ୍ରା ଉତ୍ସବକୁ ସରସ ସୁନ୍ଦର, ଶୃଙ୍ଖଳିତ ଓ ସଫଳ ଭାବେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଗତ ବର୍ଷ ତହସିଲ ତରଫରୁ ଭୂମି ଦେୟ ସମେତ ଦୈନିକ ଆଦାୟ, ମନୋରଞ୍ଜନ ପାଇଁ ଦୋଳି ଆଦି ବାବଦରୁ ୭୪ ଲକ୍ଷ ୬୫ ହଜାର ୮ ଟଙ୍କା ଆଦାୟ ହୋଇଥିବା ବେଳେ ଅସ୍ଥାୟୀ ଭୂମି କର ବାବଦକୁ ପ୍ରତି ବର୍ଗଫୁଟ୍ ପିଛା ୨୨ ଟଙ୍କା ଆଦାୟ କରାଯାଇଥିଲା। ଚଳିତ ବର୍ଷ ଭୂମି କର ପ୍ରତି ବର୍ଗଫୁଟ ପାଇଁ ୨୨ ଟଙ୍କାରୁ ୨୪ ଟଙ୍କାକୁ ବୃଦ୍ଧି କରାଯାଇଛି । କିନ୍ତୁ ଭିତ୍ତିଭୂମି ବିକାଶ ଏବଂ ପରିବେଶ ସୁରକ୍ଷା ବାବଦରେ ପୂର୍ବବତ୍ ୨ ଟଙ୍କା ପ୍ରତି ବର୍ଗଫୁଟ୍ ପିଛା ନିଆଯାଇ ସର୍ବମୋଟ ୨୬ ଟଙ୍କା ପ୍ରତି ବର୍ଗଫୁଟ ପିଛା ଦୋକାନୀମାନଙ୍କୁ ଠାରୁ ନିଆଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ପ୍ରତି ଷ୍ଟଲରେ ଡଷ୍ଟ ବିନ୍ ବ୍ୟବସ୍ଥା, ଅଗ୍ନି ନିର୍ବାପକ ବ୍ୟବସ୍ଥା ରଖାଯିବା ସହିତ ଓର୍‌ମାସ ପକ୍ଷରୁ ଅସ୍ଥାୟୀ ଷ୍ଟଲ ପକାଯିବା ନେଇ ବୀମା କରଣ କରାଯିବ । ତଳ ଓ ଉପର ପଡିଆ ପାଖାପାଖି ୪୪ ଏକର ପରିମିତ ଜାଗାରେ ୧୪୦୦ରୁ ଊର୍ଦ୍ଧ୍ୱ ଷ୍ଟଲ କରାଯିବ । କଟକ ମହାନଗର ନିଗମ ତରଫରୁ ବାଲିଯାତ୍ରା ପଡିଆ ପରିଷ୍କାର ପରିଚ୍ଛନ୍ନତା ପାଇଁ ପଦକ୍ଷେପ ନିଆଯିବା ସହିତ ଓର୍‌ମାସ ଷ୍ଟଲରେ ୨ ଥର ସଫେଇ କରାଯିବା ନେଇ ଓରମାସ କାର୍ଯ୍ୟ ନିର୍ବାହୀ ଅଧିକାରୀ ନିଗମ ଚରଣ ଦାସ ବୈଠକରେ ଜଣାଇଥିଲେ। ଆବଶ୍ୟକତା ଅନୁସାରେ ପଡିଆରେ ସିଏମ୍‌ସି ତରଫରୁ ପାଣି




ସିଞ୍ଚନ କରାଯିବ। ସେସୁ ତରଫରୁ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା, ମହାନଗର ନିଗମ ତରଫରୁ ବୁଦା ସଫେଇ ଓ ରାସ୍ତା ସମତୁଲ କରାଯାଇ ପଡିଆ ପ୍ରସ୍ତୁତି, ଜନସ୍ୱାସ୍ଥ୍ୟ ବିଭାଗ ତରଫରୁ ପାନୀୟ ଜଳ ବ୍ୟବସ୍ଥା ସହିତ ବରିଷ୍ଠ ନାଗରିକ ଏବଂ ଭିନ୍ନକ୍ଷମମାନଙ୍କ ପାଇଁ ତଳ ଓ ଉପର ପଡିଆରେ ସ୍ୱତନ୍ତ୍ର ଷ୍ଟଲ କରାଯାଇ ସେମାନଙ୍କୁ ଯାତ୍ରାରେ ଆବଶ୍ୟକୀୟ ସହାୟତା କରାଯିବା ନେଇ ବୈଠକରେ ଆଲୋଚନା କରାଯାଇଥିଲା। କର୍ପୋରେଟ୍ ହାଉସ୍ ଓ ମିଡିଆ ଗ୍ରୁପ୍‌କୁ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରାୟୋଜିତ ଭିତ୍ତିରେ କରାଯିବା ନେଇ ପାଇଁ ଅନୁରୋଧ କରାଯିବ । ସମସ୍ତ ଷ୍ଟଲରେ ନାମ ଫଳକଗୁଡିକ ଓଡିଆରେ ଲେଖାଯିବ । ୫ ଜଣିଆ କମିଟି ଦ୍ୱାରା ପ୍ରତିଦିନ ଦୋଳିର ନିରାପତ୍ତା ସଂପର୍କରେ ଯାଞ୍ଚ କରାଯାଇ ପ୍ରମାଣ ପତ୍ର ପ୍ରଦାନ କରାଯିବ । ବୈଠକର ପ୍ରାରମ୍ଭରେ ଜିଲ୍ଲା ସଂସ୍କୃତି ଅଧିକାରୀ ଅନନ୍ତ ସେଠୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଚଳିତ ବର୍ଷ ବାଲିଯାତ୍ରା ଉପଲକ୍ଷେ ପ୍ରକାଶ ପାଇବାକୁ ଥିବା ସ୍ମରଣିକା ପାଇଁ ଲେଖା ବହୁ ପୂର୍ବରୁ ସଂଗ୍ରହ କରାଯାଇ ଛପାଯିବା ସକାଶେ ପଦକ୍ଷେପ ନେବାକୁ ବୈଠକରେ ଜିଲ୍ଲାପାଳ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବାଲିଯାତ୍ରାରେ ଓର୍‌ମାସ ତରଫରୁ ପଲ୍ଲୀଶ୍ରୀ ମେଳା, ବିଭିନ୍ନ ସରକାରୀ ବିଭାଗୀୟ ଷ୍ଟଲ , ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା ଉତ୍ପାଦିତ ସାମଗ୍ରୀର ଷ୍ଟଲ ସହିତ ଗତ ବର୍ଷ ପରି କିନ୍ନରମାନଙ୍କ ଆର୍ଥିକ ବିକାଶ ପାଇଁ ସ୍ୱତନ୍ତ୍ର ଷ୍ଟଲର ସୁବିଧା କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି।

ମନୁଷ୍ୟ ନିଜେ ହିଁ ନିଜ କର୍ମଦ୍ୱାରା ଦୁଃଖକୁ ନିଜ ପାଖକୁ ଡାକିଆଣିଥାଏ : ଚାଣକ୍ୟ



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

# ସଂପାଦକୀୟ..

## ମିଥ୍ୟା ଧରାପଡେ

**କୌ**ଣସି ମିଥ୍ୟା ବା ଷଡଯନ୍ତ୍ର ଦୀର୍ଘସ୍ଥାୟୀ ନୁହେଁ। ଏହାରି ପଛରେ ଯାହାବି କାରଣ ଥାଉନା କାହିଁକି ଏହା ଧରାପଡିଯାଏ। ମିଥ୍ୟାର ପରିକଳ୍ପନା ହୁଏତ କାହାକୁ କିଭଳି ସହଜ ମନେ ହୋଇପାରେ, ମାତ୍ର ଏହା ଧରାପଡିଲେ ପରିସ୍ଥିତି ସମ୍ପୂର୍ଣ୍ଣ ବିଗିଡିଯାଏ। ସ୍ୱାର୍ଥ ହାସଲକାରୀମାନେ ସର୍ବଦା ମିଥ୍ୟାଶ୍ରିତ ହୋଇ ସାମୟିକ ଫାଇଦା ଉଠାଇ ପାରନ୍ତି। ହେଲେ ଏହାର ନକାରାତ୍ମକ ଦିଗ ପ୍ରତି ଦୃଷ୍ଟି ଦେଲେ ବ୍ୟକ୍ତି ହୁଅନ୍ତୁ ବା ରାଷ୍ଟ୍ର ନାନା ସମାଲୋଚନାର ଶରବ୍ୟ ହେବା ସହିତ ସମାଜରେ ଉପହାସିତ ହୋଇଥାନ୍ତି। ଯାହାକି ଏବେ ଭାରତର ପଡୋଶୀ ରାଷ୍ଟ୍ର ପାକିସ୍ତାନ କ୍ଷେତ୍ରରେ ଦେଖାଦେଇଛି।

ଜାତିସଂଘରେ ଭାରତକୁ ନିନ୍ଦିତ କରିବାକୁ ଯାଇ ପାକିସ୍ତାନ ଯେଭଳି ଅପଦସ୍ଥ ହୋଇଛି ତାହା ଅତ୍ୟନ୍ତ ଲଜ୍ଜାଜନକ। ଭୁଲ ଫଟୋ ପ୍ରଦର୍ଶନ କରି ବିଶ୍ୱମଞ୍ଚରେ ହଟହଟା ହୋଇଛି ପାକିସ୍ତାନ। ଜଣେ ଗାଜା ଯୁଦ୍ଧ ପୀଡିତାଙ୍କ ଫଟୋ ଦେଖାଇ ପାକିସ୍ତାନ ପ୍ରତିନିଧି କହିଲେ ଯେ, ଏହା କାଶ୍ମୀର ପୀଡିତାଙ୍କ ଫଟୋ। ଭାରତୀୟ ସେନାକୁ ବିଶ୍ୱସମୁଦାୟ ଆଗରେ ନିନ୍ଦିତ କରିବା ଉଦ୍ଦେଶ୍ୟରେ ପାକିସ୍ତାନ ରଚିଥିବା ଏହି ଉଦ୍ୟମ ଏବେ ଧରାପଡିଛି ଓ ପଣ୍ଡ ହୋଇଯାଇଛି। କାଶ୍ମୀରର ଜଣେ ନାବାଳିକାକୁ ଭାରତୀୟ ସେନା ନିର୍ଯାତନା ଦେଇଥିବା କହି ପାକିସ୍ତାନ ଭାବି ନେଇଥିଲା ଯେ ଏଭଳି ମିଛ ନାଟକର ପରିକଳ୍ପନାରୁ ନିଜ ଦେଶକୁ  ଲାଭ ମିଳିବ। ହେଲେ ଏହା ଧରାପଡିଯିବାରୁ ପାକିସ୍ତାନକୁ ସବୁ ମହଲରେ ନିନ୍ଦା କରାଯାଇଛି।

ତେବେ ଏଭଳି ପ୍ରସଙ୍ଗ ଉଠିବା ପଛର କାରଣ ହେଉଛି ଯେ, ସେପ୍ଟେମ୍ବର ୨୩ରେ ଜାତିସଂଘ ସାଧାରଣ ସଭାରେ ଭାରତର ବର୍ହିବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜ ପାକିସ୍ତାନକୁ ଆତଙ୍କବାଦର ଭୂସ୍ୱର୍ଗ ଭାବେ ଅଭିହିତ କରି ଇସ୍‌ଲାମାବାଦକୁ କଠୋର ଶବ୍ଦରେ ଭର୍ତ୍ସନା କରିଥିଲେ। ଯେଉଁଥିପାଇଁ ଜାତିସଂଘରେ ପାକିସ୍ତାନର ସ୍ଥାୟୀ ପ୍ରତିନିଧି ମଲିହା ଲୋଧି ସେପ୍ଟେମ୍ବର ୨୪ରେ ଏହାର ପ୍ରତ୍ୟୁତ୍ତର ରଖି ଏଭଳି ମିଥ୍ୟା ଦମ୍ଭର ଆଶ୍ରୟ ନେଇ ଭାରତ ବିରୋଧରେ ନାନା ଅଭିଯୋଗ ବାଢ଼ିଥିଲେ। ଏହି ଅବସରରେ ମଲିହା ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମଧ୍ୟ ସମାଲୋଚନା କରିବାକୁ ମଧ୍ୟ ପଛାଇ ନଥିଲେ। ସେ ମୋଦିଙ୍କୁ ସମାଲୋଚନା କରିବାକୁ ଯାଇ କହିଥିଲେ, ଗୁଜୁରାଟରେ ସଂଖ୍ୟାଲଘୁ ମୁସଲମାନଙ୍କ ଉପରେ ଅତ୍ୟାଚାର ଚାଲିଛି ଏଥିସହ କାଶ୍ମୀରର ଜଣେ ନାବାଳିକା କିଭଳି ଭାରତୀୟ ଯବାନଙ୍କ ପେଲେଟ୍ ଗନ୍ ମାଡର ଶିକାର ହୋଇଛନ୍ତି ତାହାକୁ ଦର୍ଶାଇଥିଲେ। ଏହାର ପ୍ରମାଣ ସ୍ୱରୂପ ମଲିହା ଏକ ଫଟୋ ଜାତିସଂଘ ସାଧାରଣ ସଭାରେ ଉପସ୍ଥିତ ରାଷ୍ଟ୍ରମାନଙ୍କୁ ଦେଖାଇଥିଲେ। ମଲିହା ଆହୁରି ବର୍ଣ୍ଣନା କରି କହିଥିଲେ ଯେ, ପୀଡିତାଙ୍କ ମୁହଁରେ ଥିବା କ୍ଷତଚିହ୍ନ ଦର୍ଶାଉଛି ଯେ, ତାଙ୍କ ଉପରେ ଆକ୍ରମଣ ହୋଇଛି। ଏହାସହିତ ସେ ଭାରତକୁ ଆତଙ୍କବାଦର ଜନନୀ କହିବାକୁ ମଧ୍ୟ ପଛାଇ ନଥିଲେ। ଆଶା ଥିଲା, ଏଭଳି ମିଛ ଫଟୋକୁ ଦେଖି ବିଶ୍ୱମଞ୍ଚ ଭାରତ ଉପରେ ବର୍ଷିବ ଓ ଫାଇଦାରେ ରହିବ ପାକିସ୍ତାନ। ହେଲେ ମଲିହା ଭାବିନଥିଲେ ଯେ ସେ ଦେଖାଇଥିବା ଫଟୋ ୨୦୧୪ ଗାଜା ଯୁଦ୍ଧ ସମୟରେ ଉତ୍ତୋଳିତ ହୋଇଥିଲା। ଯେଉଁ ସମୟରେ ଇସ୍ରାଏଲ ପକ୍ଷରୁ ଆକାଶ ମାର୍ଗରୁ ରକେଟ ମାଡ କରାଯାଇଥିଲା ଏବଂ ଏଥିରେ ନାବାଳିକା ଜଣଙ୍କ ଆହତ ହୋଇଥିଲେ। ଇସ୍ରାଏଲର ଏହି ଆକ୍ରମଣ ସମୟରେ ଏଥିରେ ଅନେକ କୋଠା ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିଲା ଏବଂ ଅନେକ ମୃତାହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୧୭ ବର୍ଷିୟା ରଓ୍ୱୟା ଅବୁ ଜୋମା ବର୍ତ୍ତି ଯାଇଥିଲେ ଏବଂ ତାଙ୍କ ପରିବାରର ୪ଜଣ ସଦସ୍ୟଙ୍କ ଦେହାନ୍ତ ହୋଇଥିଲା। ସୌଭାଗ୍ୟବଶତଃ ବଞ୍ଚି ଯାଇଥିବା ଜୋମା ଗାଜା ସିଟିର ଶିଫା ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ଜଣେ ଆମେରିକୀୟ ଫଟୋ ଜର୍ଣ୍ଣାଲିଷ୍ଟ ହେଇଦି ନିଜ କ୍ୟାମେରାରେ ଏହି ଫଟୋକୁ ଉଠାଇଥିଲେ। ଯାହାକି ବ୍ରିଟେନର ଗାର୍ଡିଏ ଖବରକାଗଜ ସମେତ ବିଭିନ୍ନ ନ୍ୟୁଜ୍ ଓ୍ୱେବ୍‌ସାଇଟ୍‌ରେ ଉପଲବ୍ଧ। ତେଣୁ କାଶ୍ମୀର ସହିତ ଏହି ଫଟୋର କୌଣସି ସମ୍ପର୍କ ନଥିଲା ବେଳେ ପାକିସ୍ତାନ କିଭଳି ମିଥ୍ୟାବାଦୀ ରାଷ୍ଟ୍ର ତାହା  ଏବେ ସ୍ପଷ୍ଟ ଧରାପଡିଯାଇଛି। ତେଣୁ ମିଥ୍ୟାବାଦୀ କାଳେ କାଳେ ଧରାପଡନ୍ତି ଓ ସମାଲୋଚିତ ହୁଅନ୍ତି।

# ଗୌରୀ ଲଙ୍କେଶ ବନାମ ୨୪ ହତ୍ୟା



ସୌମେନ୍ଦ୍ର ଜେନା

ଚଳିତ ମାସ ୫ ସେପ୍ଟେମ୍ବର ଦିନ ବେଙ୍ଗାଲୁରୁର ରାଜରାଜେଶ୍ୱରୀ ଅଞ୍ଚଳରେ ଗୌରୀ ଲଙ୍କେଶ ପତ୍ରିକେର ସଂପାଦିକା ଗୌରୀଙ୍କ ହତ୍ୟାକୁ ନେଇ ଗତକିଛିଦିନ ଧରି ଆରୋପ-ପ୍ରତ୍ୟାରୋପ ଜାରି ରହିଛି। ଘଟଣାର ଅନୁସନ୍ଧାନ ପୂର୍ବରୁ ଲୋକେ ନିଜଆଡୁ ଦୋଷୀ ବିରୋଧୀ ଦଳର ବୋଲି ପ୍ରଚାର କରି ସାରାଦେଶରେ ପ୍ରଚାର ଚଳାଇଲେ। ଆଜିର ମିଛ ଖବର ଯୁଗରେ ଗୁଜବର ପ୍ରଭାବ ଅଧିକ। ସାମାଜିକ ମିଡିଆରେ ଆଗତୁରା କିଏ କିଏ ଦୋଷୀ ତାହା ମଧ୍ୟ ଚର୍ଚ୍ଚା ଆରମ୍ଭ ହୋଇଗଲା। ପୋଲିସଠାରୁ ଦୁଇପାହୁଣ୍ଡ ଆଗକୁ ଯାଇ ଗୁଜବ ଲେଖାଳିମାନେ ବିଚାରପତିଙ୍କ ପରି ରାୟ ମଧ୍ୟ ଶୁଣାଇଦେଲେ। ଏସବୁ ତୁମ୍ବିତୋଫାନ ପରେ ଏବେ କର୍ଣ୍ଣାଟକରେ ଯେଉଁ ଆଡକୁ ଅନୁସନ୍ଧାନ ଯାଉଛି ତାହା ଗୁଜବ ଲେଖାଳିଙ୍କ ମୁହଁରେ ଚପୁଡା ମାରିବା ପରି ହେବ।  କାରଣ ଗୌରୀଙ୍କ ହତ୍ୟା ପଛରେ ହିନ୍ଦୁତ୍ୱବାଦୀ ସଂଗଠନ ଆର୍‌ଏସ୍‌ଏସ୍ ଓ ବିଜେପିର ହାତଥିବା ଅଭିଯୋଗ ଆରମ୍ଭରୁ କଂଗ୍ରେସ ଓ ବାମପନ୍ଥୀମାନେ କରିଆସୁଛନ୍ତି । କିନ୍ତୁ ସିଦ୍ଧରମେୟାଙ୍କ ଶାସନ କାଳରେ ବିଗତ ୪ବର୍ଷ ମଧ୍ୟରେ  କର୍ଣ୍ଣାଟକରେ ସଂଘ ଓ ବିଜେପିର ପ୍ରଶାନ୍ତ ପୂଜାରୀ, ବିଶ୍ୱନାଥନ, ରୁଦ୍ରେଶ, ମାଙ୍ଗଲି ରବି, ହରିଶ, ପ୍ରବୀଣ ପୂଜାରୀ, କିଥଗନହଲ୍ଲୀ ବସୁ ଓ ଶରତ ପ୍ରମୁଖ ୨୪ଜଣଙ୍କୁ ହତ୍ୟା କରାଯାଇଛି। ଏମାନଙ୍କ ବିଷୟ କାହିଁ ମାନବତାବାଦୀମାନେ କେବେବି କହିନାହାନ୍ତି। କର୍ଣ୍ଣାଟକ ରାଜ୍ୟ ସରକାର ସେମାନଙ୍କ ହତ୍ୟାର ଅପରାଧୀମାନଙ୍କୁ ଧରିବା ପାଇଁ ଆଜିଯାଏ ଉଦ୍ୟମ କରିନାହାନ୍ତି। ଏପରିକି ଦୁଇ ମୁସଲିମ ସଂଗଠନ କର୍ଣ୍ଣାଟକ ଫୋରମ୍ ଫର ଡିଗନିଟୀ (କେଏଫଡି), ପିପୁଲସ ଫ୍ରଣ୍ଟ ଅଫ ଇଣ୍ଡିଆ (ପିଏଫଆଇ) ଓ ବାମପନ୍ଥୀ ସଂଗଠନର ନାମ ଅଭିଯୁକ୍ତ ତାଲିକାରେ ଥିଲାବେଳେ ଗିରଫ ଅଭିଯୁକ୍ତମାନଙ୍କ ପ୍ରମାଣ ମିଳୁନାହିଁ କହି ପରେ ଛାଡିଦିଆଯାଇଥିଲା। କର୍ଣ୍ଣାଟକ ରାଜ୍ୟ ସରକାର ଅଧିକାଂଶ ମାମଲାକୁ ଦୁର୍ବଳ କରିବାପାଇଁ ଉଦ୍ୟମ କରିଥିଲେ। ଏକଦା ନିର୍ବାଚନରେ ଫାଇଦା ନେବାପାଇଁ ଯେଉଁ ଦଳର ନେତାଙ୍କ ଉର୍ବର ମସ୍ତିଷ୍କରୁ ହିନ୍ଦୁ ସନ୍ତ୍ରାସ ପରି ଶବ୍ଦ ଜନ୍ମ ନେଇଥିଲା ସେହି ଦଳର ଲୋକେ ଏବେ ଇସଲାମିକ ସନ୍ତ୍ରାସର ଶରଣ କେବଳ ପଶିନାହାନ୍ତି ବରଂ ବିଦେଶୀ ରୋହିଙ୍ଗିଆ ସନ୍ତ୍ରାସୀଙ୍କ ପାଇଁ ସୁପ୍ରିମ କୋର୍ଟରେ ମାମଲା ଲଢୁଛନ୍ତି। ସେମାନଙ୍କୁ ଭାରତରେ ଥଇଥାନ ପାଇଁ ଯୁକ୍ତି ବାଢୁଛନ୍ତି। ସେମାନଙ୍କ ବେଆଇନ୍ ଅନୁପ୍ରବେଶକୁ ଯୁକ୍ତିଯୁକ୍ତ ବୋଲି କହୁଛନ୍ତି। ଇଣ୍ଡିଆନ ମୁଜାହିଦ୍ଦିନରେ କର୍ଣ୍ଣାଟକର ଅନେକ ମୁସଲିମ ରହିଛନ୍ତି। ଅଥଚ ରାଜ୍ୟ ସରକାର ଯେତେଟା ସତର୍କ ହେବା ଆବଶ୍ୟକ ସେତେଟା ହେବାକୁ ସକ୍ଷମ ହୋଇନାହାନ୍ତି।      ଅତୀତରେ ଆଇଆଇଏସ୍‌ସି ବେଙ୍ଗାଲୁରୁରେ ସନ୍ତ୍ରାସୀ ଆକ୍ରମଣ ହୋଇଛି ଏବଂ ଲୋକେ ମୃତାହତ ହୋଇଛନ୍ତି।

କର୍ଣ୍ଣାଟକର ପ୍ରଭାବଶାଳୀ ଜାତି ଭାବେ ପରିଚିତ ଲିଙ୍ଗାୟତ ପରିବାରରେ ୨୯ଜାନୁଆରୀ ୧୯୬୨ରେ ଗୌରୀଙ୍କ ଜନ୍ମ। ତାଙ୍କ ପିତା ପି.ଲଙ୍କେଶ କର୍ଣ୍ଣାଟକର ଜଣେ ପରିଚିତ ସାମ୍ବାଦିକ ଥିଲେ। ୧୯୮୦ରେ ସେ "ଲଙ୍କେଶ" ଶୀର୍ଷକରେ ଯେଉଁ ପତ୍ରିକା ପ୍ରକାଶ କଲେ ତାହାର ପ୍ରସାର ଏକଲକ୍ଷ ସଂଖ୍ୟାକୁ ଅତିକ୍ରମ କରିଥିଲା। ବିନା ବିଜ୍ଞାପନରେ ପତ୍ରିକା ପ୍ରକାଶ କରିବା ଥିଲା ଲଙ୍କେଶଙ୍କ ଲକ୍ଷ୍ୟ। କିନ୍ତୁ ଗୌରୀ ନିଜର ସାମ୍ବାଦିକା ଜୀବନ ବେଙ୍ଗାଲୁରୁର ଟାଇମସ୍ ଅଫ ଇଣ୍ଡିଆରୁ ଆରମ୍ଭ କରିଥିଲେ। ପରେ ସେହି ସମ୍ବାଦପତ୍ର ପାଇଁ ଓ୍ୱାସିଂଟନରେ କାର୍ଯ୍ୟରତ ଚିଦାନନ୍ଦ ରାଜଘଟଙ୍କୁ ବିବାହ କରିବା ପରେ ଦିଲ୍ଲୀକୁ ଚାଲି ଆସିଲେ। ପରେ ନିଜର ଉଗ୍ର ଆଭିମୁଖ୍ୟ ପାଇଁ ସ୍ୱାମୀଙ୍କ ସହ ତାଲମେଳ ରଖି ନ ପାରି ତାଙ୍କୁ ଛାଡପତ୍ର ଦେଇ ପୁନର୍ବାର ବେଙ୍ଗାଲୁରୁକୁ ଫେରିଥିଲେ। ୯ ବର୍ଷ "ସଣ୍ଡେ" ପତ୍ରିକାରେ ସେ କାର୍ଯ୍ୟ ମଧ୍ୟ କରିଥିଲେ। ବର୍ଷ ୨୦୦୦ରେ ପି.ଲଙ୍କେଶଙ୍କ ମୃତ୍ୟୁପରେ ତାଙ୍କୁ ବେଙ୍ଗାଲୁରୁ ସହରକୁ ଫେରିବାକୁ ହୋଇଥିଲା। ସେ ସମୟରେ ନୂଆଦିଲ୍ଲୀରେ ଇନାଡୁ ତେଲୁଗୁ ଚ୍ୟାନେଲ ପାଇଁ ଗୌରୀ କାର୍ଯ୍ୟକରୁଥିଲେ। ପିତାଙ୍କ ମୃତ୍ୟୁ ପରେ ସେ ଭାଇ ଇନ୍ଦ୍ରଜିତଙ୍କ ସହ ଲଙ୍କେଶ ପତ୍ରିକେକୁ ବନ୍ଦ କରିବା ଲାଗି ପ୍ରକାଶକ ମଣିଙ୍କ ସହ ଆଲୋଚନା କଲାବେଳେ ସେ ପ୍ରସ୍ତାବରେ ରାଜି ହୋଇନଥିଲେ। ପରେ ଗୌରୀ ସାପ୍ତାହିକ ପତ୍ରିକାର ସଂପାଦନା କାର୍ଯ୍ୟ ହାତକୁ ନେଲେ। ଭାଇ ଇନ୍ଦ୍ରଜିତ ବ୍ୟବସାୟ ଓ ପରିଚାଳନା ବିଷୟ ବୁଝିଲେ। ମାତ୍ର ଗୋଟିଏ ବର୍ଷ ପରେ ବିଚାରଧାରାକୁ ନେଇ ଭାଇ-ଭଉଣୀଙ୍କ ମଧ୍ୟରେ ତୀବ୍ର ମତଭେଦ ସୃଷ୍ଟି ହେବା ଯୋଗୁ ୨୦୦୫ରେ ଗୌରୀ ପୁଲିସ ଉପରେ ନକ୍‌ସଲଙ୍କ ଆକ୍ରମଣ ନେଇ ରିପୋର୍ଟ ଛାପିବାକୁ ଚାହିଁଲା ବେଳେ ଭାଇ ଇନ୍ଦ୍ରଜିତ ରିପୋର୍ଟ ଫେରାଇ ନେଇଥିଲେ। ସେହି ବର୍ଷ ୧୪ ଫେବୃଆରୀ ଦିନ ସେ ଗୌରୀଙ୍କ ବିରୁଦ୍ଧରେ ପତ୍ରିକାର କାର୍ଯ୍ୟାଳୟରୁ କମ୍ପ୍ୟୁଟର, ପ୍ରିଣ୍ଟର,ସ୍କାନର ସମେତ ଅନ୍ୟାନ୍ୟ ଉପକରଣ ଚୋରିକରିବା ନେଇ ପୁଲିସରେ ଅଭିଯୋଗ କଲେ। ଗୌରୀ ମଧ୍ୟ ଇନ୍ଦ୍ରଜିତଙ୍କ ବିରୁଦ୍ଧରେ ବନ୍ଧୁକ ଦେଖାଇ ହତ୍ୟାଧମକ ଦେବା ଅଭିଯୋଗ କଲେ। ଉଭୟଙ୍କ ମଧ୍ୟରେ ମତଭେଦ ଏତେ ବଢିଗଲା ଯେ ଇନ୍ଦ୍ରଜିତ୍ ଗୌରୀଙ୍କୁ ନକସାଲବାଦୀ କହିଲାବେଳେ ଗୌରୀ ଭାଇଙ୍କୁ ସାମାଜିକତା ବିରୋଧୀ କହି ସମାଲୋଚନା କରୁଥିଲେ।

ପରେ ଭାଇଙ୍କଠାରୁ ଅଲଗା ହୋଇ ଗୌରୀ ନିଜର ପତ୍ରିକା "ଗୌରୀ ଲଙ୍କେଶ ପତ୍ରିକେ" ନାମରେ ପ୍ରକାଶ କଲେ। ଏହି ପତ୍ରିକାର ସାଧାରଣ ଆଭିମୁଖ୍ୟ ଥିଲା ବିଜେପି ଓ ସଂଘ ପରିବାରକୁ ଗାଳିଦେଇ ଲେଖାପ୍ରକାଶ କରିବା। ଅନେକ ସମୟରେ ସେ ସମାଲୋଚନା କରିବାକୁ ଯାଇ ଅତିରଞ୍ଜିତ ଲେଖାସବୁ ଅନ୍ଧଭାବେ ଛାପି ଦେଉଥିଲେ। ଏପରିକି କେରଳର ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର କାର୍ଯ୍ୟକର୍ତ୍ତାମାନଙ୍କ ବିରୋଧରେ ଉତ୍ତେଜନା ସୃଷ୍ଟିକାରୀ କାର୍ଟୁନ ମଧ୍ୟ ଛାପୁଥିଲେ। ସେ ନିଜର ଫେସବୁକ ଏବଂ ସୋସିଆଲ ମିଡିଆରେ ମଧ୍ୟ ସେହି ଆଭିମୁଖ୍ୟ ନେଇ ଅନ୍ୟମାନଙ୍କର ନିନ୍ଦାଗାନ କରୁଥିଲେ। ଗୌରୀଙ୍କ କାର୍ଯ୍ୟକଳାପ ବିରୁଦ୍ଧରେ ବିଜେପି ସାଂସଦ ପ୍ରହ୍ଲାଦ ଯୋଶୀ ଏକ ମାନହାନି ମକଦ୍ଦମା ଦାଏର କରିଥିଲେ। ସେହି ମାମଲାରେ ତଳ ଅଦାଲତରେ ଗୌରୀଙ୍କୁ ଛଅ ମାସ ଜେଲ ଦଣ୍ଡ ମଧ୍ୟ ହୋଇଥିଲା। ଉପରିସ୍ଥ ଅଦାଲତରେ ଅପିଲ କରିବାକୁ ତାଙ୍କୁ ଜାମିନ ମଧ୍ୟ ଦିଆଯାଇଥିଲା। ଗୌରୀ ଧର୍ମରେ ଖ୍ରୀଷ୍ଟିଆନ୍ ହୋଇଥିବା ହେତୁ ହିନ୍ଦୁ, ହିନ୍ଦୁଧର୍ମ, ହିନ୍ଦୁଧର୍ମାବଲମ୍ବୀ, ଧାର୍ମିକ ବିଧିବ୍ୟବସ୍ଥା ଓ ମହିଳାମାନଙ୍କ ସଂପର୍କରେ ଅନେକ ଆପତ୍ତିଜନକ ମନ୍ତବ୍ୟ ଦେଉଥିଲେ। ଏପରିକି ୫ ସେପ୍ଟେମ୍ବର ସନ୍ଧ୍ୟାରେ ହତ୍ୟାର ଶିକାର ହେବାଦିନ ଗୌରୀ ଦକ୍ଷିଣ ଭାରତର ଓନାମ୍ ପର୍ବ ବିରୁଦ୍ଧରେ ଏକ ଆପତ୍ତିଜନକ ଛବି ମଧ୍ୟ ଛାପିଥିଲେ। ତାଙ୍କ ଆଭିମୁଖ୍ୟକୁ ତସଲିମା ନସରୀନ, ସଲମାନ ରୁସଦୀ ଏବଂ ତାରିକ ଫତେହ ପ୍ରମୁଖ ମୁସଲିମ ଲେଖକ ଓ ସାମ୍ବାଦିକମାନେ କଟୁ ସମାଲୋଚନା କରିଛନ୍ତି। ପାକିସ୍ଥାନରେ ସନ୍ତ୍ରାସବାଦୀଙ୍କ ପ୍ରଚାର ବ୍ୟବସ୍ଥା ପରି ଗୌରୀଙ୍କ ପତ୍ରିକା କର୍ଣ୍ଣାଟକରେ ନକସାଲ୍ ସନ୍ତ୍ରାସର ଆଗୁଆ ସମର୍ଥନକାରୀ ପତ୍ରିକା ଭାବେ ଆଜିଯାଏ କାର୍ଯ୍ୟ କରିଆସିଛି। ବାମପନ୍ଥୀ ହିଂସା, ଶ୍ରେଣୀ ସଂଘର୍ଷର ରକ୍ତପାତ ତଥା ଗଣହତ୍ୟାର ସେ ଥିଲେ ପ୍ରଚଣ୍ଡ ସମର୍ଥକ। ଏବେବି ମ୍ୟାନମାରର ରୋହିଙ୍ଗିଆମାନଙ୍କୁ ଭାରତରେ ରଖାଯିବା ସଂପର୍କରେ ତାଙ୍କ ପତ୍ରିକା ପ୍ରଚାର ଚଳାଇଛି। ଏପିରିକି ବିଜେପିର ସନ୍ତ୍ରାସ ତୁଳନାରେ ରୋହିଙ୍ଗିଆ ସନ୍ତ୍ରାସବାଦୀଙ୍କ କାର୍ଯ୍ୟ କିଛି ନୁହେଁ ବୋଲି ତର୍କ ବାଢୁଛି। ରୋହିଙ୍ଗିଆ ବିଜେପି ତୁଳନାରେ ଦେଶର ସୁରକ୍ଷା ପାଇଁ କମ୍ ବିପଦ ବୋଲି ଦର୍ଶାଉଛି। ଅଥଚ ଗୌରୀଙ୍କ ପାଇଁ ଦିଲ୍ଲୀ ପ୍ରେସ କ୍ଲବରେ ଆୟୋଜିତ ପ୍ରତିବାଦ ସଭାରେ ଏକ ବିଦେଶୀ ଖ୍ରୀଷ୍ଟିଆନ୍ ଏନ୍‌ଜିଓ ପ୍ଲାକାର୍ଡ ଲାଗିଥିଲା ଯେଉଁଥିରେ "କ୍ୟାରିଟାସ" ଲେଖାଥିଲା।

ଗୌରୀଙ୍କ ହତ୍ୟାପରେ ଏସବୁ କାର୍ଯ୍ୟ ବିଜେପି ଲୋକେ କରିବା ନେଇ ସମ୍ବାଦ ଲଗାତର ପ୍ରକାଶ ପାଇଲା। କର୍ଣ୍ଣାଟକ ସରକାର ଆଗାମୀ ଦିନରେ ନିର୍ବାଚନ ଲଢିବାକୁ ଯାଉଥିବା ହେତୁ ଅଭିଯୋଗକୁ ସମର୍ଥନ କରି ୨୧ ତୋପ ସଲାମୀ ସହ ରାଜକୀୟ ସମ୍ମାନ ଦେଇ ଗୌରୀଙ୍କ ସଂସ୍କାର କରି ଲୋକ ସମର୍ଥନକୁ ନିଜ ପକ୍ଷକୁ ନେବାଲାଗି ଢେର ପ୍ରୟାସ କଲେ। ଯେହେତୁ କର୍ଣ୍ଣାଟକରେ ବିଜେପି ବିରୋଧୀ ପକ୍ଷରେ ରହିଛି ତେଣୁ ସିଦ୍ଧରମେୟା ସରକାର କୌଣସି ପ୍ରକାର ସୁଯୋଗ ହାତଛଡା କରିବାକୁ ଚାହିଁଲେ ନାହିଁ। କିନ୍ତୁ ଗୌରୀଙ୍କ ହତ୍ୟାର ତୃତୀୟ ଦିନ ଭାଇ ଇନ୍ଦ୍ରଜିତ୍ ଓ ଭଉଣୀ କବିତା ହତ୍ୟାକାରୀ ଅନ୍ୟ କେହି ବୋଲି ଇଙ୍ଗିତ କରି ସମସ୍ତଙ୍କୁ ଚକିତ କରିଦେଲେ। ଅନୁସନ୍ଧାନ କରି ଭଉଣୀ ହତ୍ୟାର ନ୍ୟାୟ ପାଇଁ ସେମାନେ ଦାବି କରିଥିଲେ। ଗୌରୀଙ୍କ ହତ୍ୟାପାଇଁ ସଂଘ ପରିବାର ଲୋକେ ଦାୟୀ ବୋଲୀ ବାମପନ୍ଥୀ ଓ କଂଗ୍ରେସ ଲୋକେ ସାଧାରଣରେ ଅଭିଯୋଗ କରିବା ସମୟରେ ପୁଲିସର ଅନୁସନ୍ଧାନ ଭିନ୍ନ ଦିଗରେ ଯାଉଥିବାର ସୂଚନା ମିଳିଛି। କନ୍ନଡର ଏକ ପରିଚିତ ଟିଭି ଚ୍ୟାନେଲ ପବ୍ଲିକ ଟିଭି ରିପୋର୍ଟ ଅନୁଯାୟୀ ଏହି ହତ୍ୟା ପଛରେ ଆନ୍ଧ୍ର-କର୍ଣ୍ଣାଟକରେ ସକ୍ରୀୟ ନକସାଲନେତା ବିକ୍ରମ ଗୌଡାର ହାତ ରହିଥିବା ଜଣାପଡିଛି। ଗୌରୀଙ୍କୁ ହତ୍ୟା କରିବାଲାଗି ଖାସ୍ ସେ ବେଙ୍ଗାଲୁରୁ ଆସିଥିଲା। ସାଥୀମାନଙ୍କ ସହ ଟାର୍ଗେଟରେ ସଫଳ ହେଲାପରେ ସେ ଚିକମାଗାଲୁରୁ ଜଙ୍ଗଲକୁ ଚାଲିଯାଇଥିବା ପୁଲିସକୁ ସୂଚନା ମିଳିଛି। ବିକ୍ରମ ସହ ତାର ୫ଜଣ ସାଥୀଙ୍କୁ ପୁଲିସ ଖୋଜିବାକୁ ଆରମ୍ଭ କରିଛି। ଏଥିରେ ଆନ୍ଧ୍ର ଓ ଛତିଶଗଡ ରାଜ୍ୟ ପୁଲିସ ମଧ୍ୟ ସାହାଯ୍ୟ କରୁଛନ୍ତି।

ତେବେ ଗୌରୀ ଲଙ୍କେଶଙ୍କ ଲଙ୍କାଦହନ କରିବାକୁ ବିକ୍ରମ ଗୌଡାପରି ନକସାଲ ନେତା ଚାହିଁଲା କାହିଁକି? ତାର ଉତ୍ତରରେ ଯାହା ଶୁଣିବାକୁ ମିଳୁଛି ଗୌରୀଙ୍କ ସହ ଅନେକ ବାମପନ୍ଥୀ ଓ ନକସାଲ ନେତାଙ୍କ ନିବିଡ ସଂପର୍କ ରହିଥିଲା। ଗୌରୀ ମଧ୍ୟ ତାଙ୍କ ପତ୍ରିକାରେ ନକସାଲବାଦକୁ ସମର୍ଥନ କରି ଅନେକ ସମୟରେ ଲେଖା ପ୍ରକାଶ କରୁଥିଲେ। କର୍ଣ୍ଣାଟକରେ ବାମପନ୍ଥୀ ରାଜନୀତିକୁ ଶକ୍ତିଶାଳୀ କରିବା ପାଇଁ ଗୌରୀଙ୍କ ମାଧ୍ୟମରେ ନାଗାରାଜୁ, ନୁର ଜୁଲିଫିକାର, ଶ୍ରୀଧର, କନ୍ୟାକୁମାରୀ,ପରଶୁରାମ, ଶିବୁ, ଚିନ୍ନମା, ରିଜଓ୍ୱାନ ବେଗମଙ୍କ ସମେତ ଅନେକ ନକସାଲନେତାଙ୍କୁ ଆତ୍ମସମର୍ପଣ କରାଇ ପରବର୍ତ୍ତୀ ସମୟରେ ନିର୍ବାଚନ ରାଜନୀତିକୁ ଆଣିବାର ଯୋଜନା ରହିଥିଲା। ଆଗାମୀ ଦିନରେ ରାଜ୍ୟରେ ନିର୍ବାଚନ ଥିବାରୁ ନକସାଲନେତାଙ୍କ ଆତ୍ମସମର୍ପଣ ଜୋର ଧରିଥିଲା। ଗୌରୀଙ୍କ ବାମପନ୍ଥୀ ରାଜନୀତି ବିକ୍ରମ ଗୌଡାର ପକ୍ଷଚ୍ଛେଦନ କରୁଥିବା ଯୋଗୁ ସେ ଗୌରୀଙ୍କ କାର୍ଯ୍ୟକୁ ପୂର୍ବରୁ ବିରୋଧ କରୁଥିଲା । ଗତ ୪ ବର୍ଷରେ ବିକ୍ରମ ଏମିତି ଅନେକ ସହଯୋଗୀଙ୍କୁ ହରାଇବା ଯୋଗୁ ଅର୍ଥ ସଂଗ୍ରହର ଲକ୍ଷ୍ୟ ପୂରଣ ହେବା ସହଜ ହେଉ ନଥିଲା। ଇନ୍ଦ୍ରଜିତଙ୍କ ଅନୁସାରେ ଗୌରୀ ନକ୍ସଲଙ୍କ ସହ ସଂପର୍କ ନିବିଡ କରିବା ଏବଂ ପରେ ସେମାନଙ୍କୁ ରାଜନୀତିକୁ ଆଣିବା ନିଆଁ ସହ ଖେଳପରି ଥିଲା। ଆଉ ଏହି ଖେଳରେ ସେ ଦୁର୍ଘଟଣାର ଶିକାର ହେଲେ ବୋଲି ବୁଝିବାକୁ ହେବ। ବିକ୍ରମ ଗୌଡାର ଲଙ୍କାକୁ ଦହନ କରିବାକୁ ବସିଥିବା ଲଙ୍କେଶ ସେହି ଅଗ୍ନିର ଗର୍ଭକୁ ଚାଲିଗଲେ। ନକସାଲୀଙ୍କୁ ବନ୍ଧୁକ ଧରାଇଦେବା ପରେ ସେମାନଙ୍କ ହାତରୁ ବନ୍ଧୁକ ଫେରାଇ ଆଣିବା ଏତେଟା ସହଜ ହୋଇନଥାଏ। ଲଙ୍କେଶଙ୍କ ହତ୍ୟାକାଣ୍ଡ ସେହି ପ୍ରକ୍ରିୟାର ପରିଣାମ ବୋଲି ସନ୍ଦେହ କରାଯାଇପାରେ। କାରଣ ଯେ ପର୍ଯ୍ୟନ୍ତ ପୂର୍ଣ୍ଣ ଅନୁସନ୍ଧାନର ରିପୋର୍ଟ ପ୍ରକାଶ ନପାଇଛି ସେଯାଏଁ ଏସବୁ ଅନୁମାନ ହୋଇପାରେ। ପୁଲିସର ଅନୁସନ୍ଧାନ ଶେଷ ନହେବା ଯାଏ ଆମର ଅନୁମାନକୁ ମଧ୍ୟ ଆମେ ଶେଷସତ୍ୟ ବୋଲି କହିପାରିବା ନାହିଁ।

*ଭାରତୀୟ ସମ୍ବାଦ ସେବା (ଭାସ)*
*ଭୁବନେଶ୍ୱର-୭୫୧୦୦୩*

# ଯୁଗାବତାର ମହାମାନବ : ମହାତ୍ମା ଗାନ୍ଧି



ଅମିନୀଲୁ ରାୟ

**ସ୍ୱା**ଧୀନ ଭାରତର ସ୍ରଷ୍ଟା , ଭାରତୀୟ ଜାତିର ଜନକ , ଦୀନ ଦୁର୍ବଳର ବନ୍ଧୁ ,ଅହିଂସା ଓ ସତ୍ୟର ପୂଜାରୀ , ଯୁଗମାନବ , ମହାପୁରୁଷ ସ୍ୱର୍ଗତ ମହାତ୍ମା ଗାନ୍ଧିଙ୍କ ଜୟନ୍ତୀ ଆଜି ଭାରତର ପ୍ରତିଟି କୋଣ ଅନୁକୋଣରେ ମହାସମାରୋହରେ ପାଳିତ ହେଉଅଛି।

୧୮୬୯ ମସିହା , ଅକ୍ଟୋବର ୨ ତାରିଖରେ ଭାରତର ଗୁଜୁରାଟ ଅନ୍ତର୍ଗତ ପୋରବନ୍ଦରଠାରେ ତଥା ଏକ ବୈଶ୍ୟ ବଣିଆ ପରିବାରରେ ତାଙ୍କର ଜନ୍ମ। ଜନ୍ମ ସମୟରେ ସେ ମୋହନ୍‌ଦାସ୍ କରମ୍‌ଚାନ୍ଦ୍ ଗାନ୍ଧି ନାମରେ ନାମିତ । ତାଙ୍କ ପିତା କରମ୍‌ଚାନ୍ଦ୍ ଗାନ୍ଧିଙ୍କର ଅନ୍ୟ ନାମ ଥିଲା କାବା ଗାନ୍ଧି । ସେତେବେଳେ ପୋର୍‌ବନ୍ଦର ଜଣେ ଦେଶୀୟ ରାଜାଙ୍କ ଦ୍ୱାରା ଶାସିତ ହେଉଥିଲା। କାବା ଗାନ୍ଧି ଥିଲେ ସେହି ରାଜାଙ୍କର ଦେଓ୍ୱାନ୍। ମୋହନ୍‌ଦାସଙ୍କ ମାତା ପୁତୁଳି ବାଈ ବଡ ଧର୍ମ ପରାୟଣା ମହିଳା ଥିଲେ। ବହୁ ବ୍ରତ ଉପବାସରେ ପୁତୁଳି ବାଈଙ୍କର ସମୟ ବ୍ୟୟ ହେଉଥିଲା। ପିତାମାତାଙ୍କର ସଦ୍‌ଗୁଣାବଳୀ ଦ୍ୱାରା ମୋହନ୍‌ଦାସ ଆବାଲ୍ୟରୁ ପ୍ରଭାବିତ ହୋଇଥିଲେ। ସେଥିପାଇଁ କୁହାଯାଇଛି –

"ନୋ ଲଭ୍ ଇଜ୍ ଗ୍ରେଟର୍ ଦ୍ୟାନ୍ ମଦର୍ସ ଲଭ୍ ,
ନୋ କେୟାର୍ ଇଜ୍ ଗ୍ରେଟର୍ ଦ୍ୟାନ୍ ଫାଦର୍ସ କେୟାର୍"।

ନୀତିନିଷ୍ଠ କାବା ଗାନ୍ଧିଙ୍କ ସହ ପୋର୍‌ବନ୍ଦରର ରାଜାଙ୍କ ମଧ୍ୟରେ କୌଣସି କାରଣରୁ ମତାନ୍ତର ସୃଷ୍ଟି ହେବାରୁ ସେ ଦେଓ୍ୱାନ୍ ପଦବୀ ପରିତ୍ୟାଗ କରି ସେଠାରୁ ଶହେ କୋଡିଏ ମାଇଲ୍ ଦୂରବର୍ତ୍ତୀ ରାଜ୍‌କୋଟ୍ ନାମକ ଏକ ଦେଶୀୟ ରାଜ୍ୟର ଦେଓ୍ୱାନ୍ ପଦ ଗ୍ରହଣ କଲେ। ସେତେବେଳକୁ ମୋହନ୍‌ଦାସଙ୍କୁ ମାତ୍ର ସାତ ବର୍ଷ ବୟସରେ ସେ ରାଜ୍‌କୋଟର ଏକ ଚାଟଶାଳୀରେ ଶିକ୍ଷାରମ୍ଭ କରିଥିଲେ ଓ ବାର ବର୍ଷ ବୟସରେ ଏକ ହାଇସ୍କୁଲ୍‌ରେ ନାମ ଲେଖାଇଥିଲେ। ସେହି ବାଲ୍ୟ ସମୟରେ ମଧ୍ୟ ତାଙ୍କର ସାଧୁତା ଥିଲା ଅନନ୍ୟସାଧାରଣ। ପରୀକ୍ଷାରେ କପି କରିବାର ସୁଯୋଗ ପାଇ ମଧ୍ୟ ସେ କପି କରିବାକୁ ମନା କରିଥିଲେ। ସେତେବେଳେ ରୁଗ୍ଣ ପିତାଙ୍କର ସେବା ଶୁଶ୍ରୂଷାକୁ ସେ ମହାନ୍ କର୍ତବ୍ୟ ବୋଲି ମନେ କରୁଥିଲେ। ଶ୍ରବଣ କୁମାରର ପିତୃଭକ୍ତି ଓ ହରିଶ୍ଚନ୍ଦ୍ରଙ୍କ ସତ୍ୟନିଷ୍ଠା ମୋହନ୍‌ଦାସଙ୍କ ଚରିତ୍ରକୁ ବିଶେଷ ଭାବରେ ପ୍ରଭାବିତ କରିଥିଲା।

ବାଲ୍ୟ ବିବାହ ପ୍ରଥା ମଧ୍ୟ ସେ ସମୟରେ ପ୍ରଚଳିତ ଥିଲା। ମାତ୍ର ତେର ବର୍ଷ ବୟସରେ ତାଙ୍କର ପିତାମାତା ତାଙ୍କୁ କସ୍ତୁରୀ ବାଈ ନାମ୍ନୀ ଏକ ତେର ବର୍ଷର ବାଳିକା ସହ ବିବାହ କରାଇଦେଲେ। ଏହି ସମୟରେ କୁସଙ୍ଗୀର ପରାମର୍ଶରେ ପଡି କୁପଥରେ ପ୍ରବେଶ କରି ମୋହନ୍‌ଦାସ ନିଜର ଭୂଲ୍ ବୁଝିପାରିଲେ ଓ ସଙ୍ଗେ ସଙ୍ଗେ କୁସଙ୍ଗ ପରିତ୍ୟାଗ କରି ତାଙ୍କ ପିତାଙ୍କ ନିକଟରେ ନିଜର ଏହି ସମସ୍ତ କୁକର୍ମକୁ ପ୍ରକାଶପୂର୍ବକ କ୍ଷମା ପ୍ରାର୍ଥନା କଲେ ଓ ଏଭଳି ପାପକାର୍ଯ୍ୟ ଜୀବନରେ ଆଉ କେବେ କରିବେ ନାହିଁ ବୋଲି ଶପଥ ନେଲେ।

୧୮୮୭ ଖ୍ରୀଷ୍ଟାବ୍ଦରେ କାବା ଗାନ୍ଧିଙ୍କର ଦେହାନ୍ତ ବେଳକୁ ମୋହନ୍‌ଦାସଙ୍କୁ ଷୋଳ ବର୍ଷ ବୟସ ହୋଇଥିଲା। ସେହି ସମୟରେ ତାଙ୍କୁ ବିଲାତ ପଠାଇ ବାରିଷ୍ଟରୀ ପଢାଇବା ପାଇଁ ତାଙ୍କ ପରିବାର ସହ ଜଡିତ ଜଣେ ଅନ୍ତରଙ୍ଗ ବନ୍ଧୁ ପରାମର୍ଶ ଦେଇଥିଲେ। ବିଲାତରେ ମଦ , ମାଂସ ସ୍ପର୍ଶ କରିବେ ନାହିଁ ବୋଲି ସେ ମାତାଙ୍କ ସମ୍ମୁଖରେ ଶପଥ ଗ୍ରହଣ କରିଥିଲେ। ୧୮୮୮ ଖ୍ରୀଷ୍ଟାବ୍ଦରେ ମୁମ୍ବାଇ ବନ୍ଦରରୁ ଜାହାଜରେ ବସି ମୋହନଦାସ ଉଚ୍ଚଶିକ୍ଷା ପାଇଁ ବିଲାତ ଉଦ୍ଦେଶ୍ୟରେ ଯାତ୍ରା କରିଥିଲେ। ସେତେବେଳେ ତାଙ୍କୁ ପ୍ରାୟ ଅଠର ବର୍ଷ ବୟସ ହୋଇଥିଲା। ୧୮୯୧ ଖ୍ରୀଷ୍ଟାବ୍ଦରେ ବିଲାତରୁ ବାରିଷ୍ଟରୀ ପାସ୍ କରି ସେ ଭାରତ ପ୍ରତ୍ୟାବର୍ତନ କରିଥିଲେ। କିନ୍ତୁ ଭାରତରେ ଆଇନ୍ ବ୍ୟବସାୟରେ ଅକୃତକାର୍ଯ୍ୟ ହୋଇ ସେ ନିରାଶ ହୋଇଥିଲେ।

ସେହି ସମୟରେ ଦକ୍ଷିଣ ଆଫ୍ରିକାରେ ଦାଦା ଅବ୍‌ଦୁଲ୍ଲା ନାମକ ଜଣେ ଭାରତୀୟ ବ୍ୟବସାୟୀଙ୍କର ସେଠାରେ ଏକ ବଡ ମକଦ୍ଦମା ଚାଲିଥିଲାବେଳେ, ସେ ଅନେକ ଗୋରା ବାରିଷ୍ଟରଙ୍କୁ ସେଠାରେ ନିଯୁକ୍ତି କରିଥାନ୍ତି। ହେଲେ ତାଙ୍କୁ ତ ଇଂରାଜୀ ଜଣା ନଥାଏ , ତେଣୁ ସେ ତାଙ୍କ କଥା ଗୋରା ବାରିଷ୍ଟରମାନଙ୍କୁ ବୁଝାଇଦେବା ପାଇଁ ଜଣେ ଭାରତୀୟ ବାରିଷ୍ଟର ଦରକାର କଲେ। ଭାରତରେ ତାଙ୍କ ଲୋକଙ୍କ ସହିତ ମୋହନ୍‌ଦାସଙ୍କ ବଡ ଭାଇଙ୍କର ପରିଚୟ ଥିଲା। ସେହି ସୂତ୍ରରେ ମୋହନ୍‌ଦାସ୍ ନିଯୁକ୍ତି ପାଇ ୧୮୯୩ ଖ୍ରୀଷ୍ଟାବ୍ଦ ଅପ୍ରେଲ୍ ମାସରେ ଜାହାଜରେ ଆସି ଦକ୍ଷିଣ ଆଫ୍ରିକା ଯାତ୍ରା କଲେ।

ଦକ୍ଷିଣ ଆଫ୍ରିକାରେ ସେତେବେଳେ "ବର୍ଣ୍ଣଭେଦ" ବଡ ଉତ୍କଟ ଆକାର ଓ ଉତ୍କଟ ରୂପ ଧାରଣ କରିଥାଏ। ସେଠାକାର ଗୋରା ସରକାର ଓ ଗୋରା ଅଧିବାସୀ କୃଷ୍ଣକାୟମାନଙ୍କୁ ଶୋଷଣ କରିବା ସଙ୍ଗେ ସଙ୍ଗେ ସେମାନଙ୍କୁ ଅତ୍ୟଧିକ ଭାବେ ଘୃଣା କରୁଥିଲେ। ଭାରତୀୟମାନେ ସାଧାରଣତଃ କୃଷ୍ଣକାୟ ହୋଇଥିବାରୁ ସେଠାକାର ବାସିନ୍ଦା ନିଗ୍ରୋମାନଙ୍କ ଭଳି ଘୃଣିତ ଓ ନିର୍ଯ୍ୟାତିତ ହେଉଥିଲେ। ଗାନ୍ଧିଜୀ ଏସବୁ ଦେଖି ସହି ପାରିଲେ ନାହିଁ। ସେ ସେଠାରେ ଥିଲାବେଳେ ସେମାନଙ୍କୁ ସଂଗଠିତ କରି ସେମାନଙ୍କ ଦାବି ହାସଲ ପାଇଁ ଗୋରା ସରକାରଙ୍କ ସହିତ ସତ୍ୟ ଓ ଅହିଂସା ନିତୀରେ ସଂଗ୍ରାମ କରିଥିଲେ। ଏହି ନିତୀର ନାମ "ସତ୍ୟାଗ୍ରହ"। ଏଥିପାଇଁ ଗାନ୍ଧିଜୀଙ୍କୁ ଲାଠିମାଡ ଓ ଜେଲ୍ ଦଣ୍ଡ ସହିବାକୁ ପଡିଥିଲା। ଶେଷରେ ଗାନ୍ଧିଜୀ ଜୟଯୁକ୍ତ ହୋଇଥିଲେ। ସେଠାକାର ଭାରତୀୟମାନେ ତାଙ୍କୁ "ମହାତ୍ମା" ପଦବୀରେ ବିଭୂଷିତ କରିଥିଲେ।

୧୯୧୫ ଖ୍ରୀଷ୍ଟାବ୍ଦ ଜାନୁୟାରୀ ମାସରେ ମହାତ୍ମା ଗାନ୍ଧି ଭାରତକୁ ଫେରି ଭାରତରେ ଜନସେବାରେ ନିଜକୁ ନିୟୋଜିତ କରିଥିଲେ। ବିହାରର ଚମ୍ପାରଣଠାରେ ଗୋରା ସାହେବ ଅତ୍ୟାଚାରିତ ନୀଳଚାଷୀମାନଙ୍କର ନେତୃତ୍ୱ ନେଇ ଗାନ୍ଧିଜୀ ସେମାନଙ୍କୁ ଜୟଯୁକ୍ତ କରାଇଥିଲେ। ଏହାପରେ ଅହମ୍ମଦାବାଦ୍ "ଶ୍ରମିକ ଆନ୍ଦୋଳନ" ଓ ତପ୍ରରେ ଗୁଜୁରାଟ ନିକଟସ୍ଥ ଖେଡା ବା କାଇଡା ଅଂଚଳରେ "କୃଷକ ଆନ୍ଦୋଳନ" ମଧ୍ୟ ଗାନ୍ଧିଜୀଙ୍କ ନେତୃତ୍ୱରେ ସଫଳକାମୀ ହୋଇଥିଲା।

୧୯୧୮ ଖ୍ରୀଷ୍ଟାବ୍ଦରେ ପ୍ରଥମ ବିଶ୍ୱଯୁଦ୍ଧ ଶେଷ ହେଲା , କିନ୍ତୁ ବ୍ରିଟିଶ୍ ସରକାରଙ୍କ ପ୍ରତିଶ୍ରୁତି ପ୍ରଦତ ବିପୁଳ କ୍ଷମତା ଭାରତବାସୀଙ୍କୁ ମିଳିଲା ନାହିଁ। ଅଧିକନ୍ତୁ ବ୍ରିଟିଶ୍ ସରକାର ଭାରତୀୟମାନଙ୍କ ପ୍ରତି ରାଉଲଟ୍ ଆଇନ୍ ଓ ଜାଲିଆନାବାଗ୍ ହତ୍ୟାକାଣ୍ଡ ଭଳି ଅତ୍ୟାଚାର ଚଳାଇଲେ। ଗାନ୍ଧିଜୀ ଦେଖିଲେ ଏସବୁର ସମାଧାନ କେବଳ ଭାରତର ସ୍ୱାଧୀନତା ଦ୍ୱାରା ହିଁ ସମ୍ଭବ। ସେ ୧୯୨୧ ଖ୍ରୀଷ୍ଟାବ୍ଦରେ "ଅସହଯୋଗ ଆନ୍ଦୋଳନ" , ୧୯୩୦ ଖ୍ରୀଷ୍ଟାବ୍ଦରେ "ଲବଣ ସତ୍ୟାଗ୍ରହ" ଓ ୧୯୪୨ ଖ୍ରୀଷ୍ଟାବ୍ଦରେ "ଭାରତଛାଡ ଆନ୍ଦୋଳନ" ଚଳାଇଲେ। ଭାରତରେ ସମାଜ ସଂସ୍କାର ପାଇଁ "ଅସ୍ପୃଶ୍ୟତା ନିବାରଣ" , "ହରିଜନ ସେବା" ଓ ଅର୍ଥନୈତିକ ଉନ୍ନତି ପାଇଁ ପ୍ରଧାନତଃ ଖଦିଶିଳ୍ପ ପ୍ରଚଳନ ପ୍ରଭୃତିରେ ନିଜକୁ ପୂର୍ଣ୍ଣଭାବରେ ନିୟୋଜିତ କଲେ। ନିଷ୍ପାପର ଉଦ୍ୟମ ତଥା ବହୁବାର କାରାବରଣ ଫଳରେ ଗାନ୍ଧିଜୀ ଜୟଯୁକ୍ତ ହେଲେ। ଯାହା ଫଳରେ ୧୯୪୭ ଖ୍ରୀଷ୍ଟାବ୍ଦ ଅଗଷ୍ଟ ମାସ ୧୫ ତାରିଖରେ ଭାରତ ସ୍ୱାଧୀନତା ଲାଭ କଲା। କିନ୍ତୁ ବ୍ରିଟିଶ୍ ସରକାର ଭାରତକୁ ଖଣ୍ଡିତ କରି ପାକିସ୍ତାନ ଗଠନ କରିବାରୁ ଗାନ୍ଧିଜୀ ମର୍ମାହତ ହୋଇଥିଲେ। ଏହି ସମୟରେ ପାକିସ୍ତାନ ପାହାଡିଆ ପଠାଣମାନଙ୍କୁ ପଠାଇ କାଶ୍ମୀର ଆକ୍ରମଣ କଲା। ତେଣୁ ସ୍ୱାଧୀନ ଭାରତ ସରକାର ଭାରତଠାରୁ ପାକିସ୍ତାନର ପ୍ରାପ୍ୟ ୫୫ କୋଟି ଟଙ୍କା ଅଟକାଇ ରଖିଲେ। କିନ୍ତୁ ଭାରତ ପକ୍ଷେ ଏହା ଅନ୍ୟାୟ ବୋଲି କହି ଗାନ୍ଧିଜୀ ଆମରଣ ଅନଶନ ଘୋଷଣା କଲେ। ଗାନ୍ଧିଜୀଙ୍କ ଚାପରେ ଭାରତ ସରକାର ସେହି ଟଙ୍କା ପାକିସ୍ତାନକୁ ଦେଇଦେଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ନାଥୁରାମ୍ ଗଡ୍‌ସେ ନାମକ ଜଣେ ହିନ୍ଦୁ ଯୁବକ ୧୯୪୮ ଖ୍ରୀଷ୍ଟାବ୍ଦ ଜାନୁୟାରୀ ୩୦ ତାରିଖରେ ଗୁଳି କରି ଗାନ୍ଧିଜୀଙ୍କୁ ହତ୍ୟା କଲା।

ଶେଷରେ ଦେଶ ପାଇଁ ତାଙ୍କର ମହାନ୍ ତ୍ୟାଗ ଓ ସଂଗ୍ରାମ ଦେଶବାସୀଙ୍କ ମନୋରାଜ୍ୟରେ ଅଦ୍ୟାବଧି ଅବିସ୍ମରଣୀୟ ହୋଇ ରହିଛି ଓ ଚିରକାଳ ରହିଥିବ।

*ଘାଗଡା,ରାହାମା,ଜଗତ୍‌ସିଂହପୁର*
*ମୋ - ୯୯୩୭୪୧୨୫୧୫*

ଆମ ଠିକଣା
ଏକମାତ୍ର
ସମ୍ପାଦନା କାର୍ଯ୍ୟାଳୟ
ଏଚଆଇଜି-୧୩୭,
ଧର୍ମବିହାର,ଖଣ୍ଡଗିରି
ଭୁବନେଶ୍ୱର-୩୦
ଦୂରଭାଷ :
୦୮୭୬୩୩୬୮୦୨୯
୦୭୦୦୮୩୪୦୩୮୯




**ଓ** ଗଡ୍..ଆଉ କେତେ ସମୟ ଅପେକ୍ଷା କରିବାକୁ ହେବ ? ବ୍ୟସ୍ତ ହୋଇ ପଚାରିଲା ତନ୍ଦ୍ରା। ସେପଟେ କାନ ରନ୍ଧ୍ର ଫଟାଇ ବିଭିନ୍ନ ଆକାର ଓ ପ୍ରଜାତିର ମଟର ଗାଡି ରାକ୍ଷସମାନଙ୍କ ପରି ଅନ୍ଧାଧୁନିଆ ମାଡିଯାଉଥିଲେ। ଯେମିତି ସମସ୍ତେ ଜୀବନରେ ଗୋଟେ ଗୋଟେ ଯୁଦ୍ଧ ଲଢିବାକୁ ଧାଉଁଛନ୍ତି ଏଠି। ଗାଡି ମଟର ବି ନିବୃତ ନୁହନ୍ତି ସେଥିରୁ। ପୂର୍ବକାଳରେ ବ୍ୟବହୃତ ହେଉଥିବା ହାତୀ,ଘୋଡା ଆଦି ବାହନ ପରି ସେମାନେ ବି ଆତଯାତ ହେଉଛନ୍ତି ମାଲିକ ବା ଯାତ୍ରୀମାନଙ୍କୁ ବିଭିନ୍ନ ଯୁଦ୍ଧ କ୍ଷେତ୍ରକୁ ନେଇଯିବା ପାଇଁ। ବି ବିଚିତ୍ର ସ୍ଥିତି ଏଠି ! ବିନା ରକ୍ତପାତର ଯୁଦ୍ଧ ବହୁଳମାତ୍ରାରେ ! କିନ୍ତୁ ମୃତ୍ୟୁ ସୁନିଶ୍ଚିତ। ହୋଇପାରେ କିଛି ସମୟର ବିଳମ୍ବିତ ମୃତ୍ୟୁ ! ସ୍ଲୋ ପଏଜନ୍ ଭଳି ! କେବେକେବେ ପଙ୍ଗୁ କି ଅଥର୍ବ କରିଦେଇପାରେ। ନହେଲେ ମୂକ କି ବାଚାଳ ! ଖୁବ୍ ଭୟଙ୍କର ବିନା ରକ୍ତପାତ ଯୁଦ୍ଧର ପରିଣାମ !

ମଣିଷ ସବୁ ଜାଣିବୁଝି ବି ସେହି ସମରରେ ପ୍ରାଣ ବିସର୍ଜିବାକୁ ଧାଇଁଛି। ଏମିତି ଅନ୍ଧାଧୁନିଆ ଦୌଡଟେ ଜାରି ରଖିଛି ଯେ ପ୍ରକୃତରେ ଯାହା ବୁଝିବା କଥା ବୁଝୁ ନାହିଁ, ଶୁଣିବା କଥା ଶୁଣୁନାହିଁ, କିମ୍ବା ଯାହା କରିବା କଥା କରୁନାହିଁ। ଖାଲି ଅନ୍ୟର ନିର୍ଦ୍ଦେଶକୁ ପାଳନ କରିଚାଲିଛି ମଥା ପାତି। "ଜି ହଜୁର" କରି ! ଏମିତିକି ସହଯାତ୍ରୀ ପ୍ରତି ଟିକେ ଆଦର ସମ୍ଭାଷଣ ନାହିଁ। ପ୍ରକୃତରେ ଏଠି କେହି କାହାରିକୁ ଦେଖୁ ନାହିଁ କି ଜାଣିବାକୁ ଇଚ୍ଛା କରୁନାହିଁ। ଜୀବନ ଏଠି ଯନ୍ତ୍ର ପରି ! କୋଉଠି ନା କୋଉଠି କଳଙ୍କି ଲାଗିବ ତ ନିଶ୍ଚୟ ! ଚାଲୁ ଚାଲୁ ଅଟକିଯିବ ହଠାତ୍। ଆଉ ସଜାଡି ହେବନି ତାର ପାର୍ଟସ୍ !

ତନ୍ଦ୍ରା ତାର ଜୀବନ ଦର୍ଶନ ଭିତରେ ବୁଡି ଯାଇଥିଲା। ଦେଖୁଥିଲା ତାର ଆଖପାଖ ଦୁନିଆକୁ। ଏସବୁ ଭିତରେ ଟ୍ରାଫିକ୍ ପରି ସମସ୍ତେ ଜାମ୍ ଏଠି ! ଏକନିଷ୍ଠ ଭାବେ କେହି କେହି ମୁହଁ ଗୁଞ୍ଜି ଦେଇଥିଲେ ମୋବାଇଲ୍ ଓ ଲ୍ୟାପଟପ୍‌ରେ। ଆଉ କେହି ବଳିପଡିଥିବା ସମୟ ଭିତରେ ଚା କପ୍‌ରେ ନିଜକୁ ସନ୍ତୁଷ୍ଟ କରୁଥିଲେ। ବ୍ୟସ୍ତବହୁଳ ଜୀବନରେ ବି ମଣିଷ ନିଜକୁ ଫୁରୁସତ୍ ଦିଏନା ! କୋଉଠି ନା କୋଉଠି କାମ ତାକୁ କାବୁ କରିନିଏ ତ ସେ କାମକୁ। ବ୍ୟସ୍ତତାର ଶକ୍ତ ପନ୍‌ଝାରେ ମଣିଷ କ୍ଷତାକ୍ତ କି ବିମୋହିତ ଜାଣିବା ମୁସ୍କିଲ୍ ଏ ଭିତରେ। ସଂସାରର ବିଚିତ୍ର ବିଡମ୍ବନା ! ଗହଳି ଭିତରେ ବି ସମସ୍ତେ ଏକା। କେହି କାହାକୁ ବିଶ୍ୱାସ କରିପାରନ୍ତିନି। ଚିହ୍ନିବା ବଦଳରେ ଭୟାତୁର ଦୃଷ୍ଟି ଫିଙ୍ଗି ଉଦ୍ଧାର ପାଇଯା'ନ୍ତି ସାମାନ୍ୟ ଗୋଟେ 'ହାଏ' କିମ୍ବା 'ହାଲୋ' ଶବ୍ଦର ବିନିମୟରେ।

ସ୍ନେହ,ଶ୍ରଦ୍ଧା ଓ ଭାଇଚାରା ଅପେକ୍ଷା ସନ୍ଦେହର ବୀଜ ମାଟି ଚଡକାଇ ବଢିଉଠେ ଚାରିକାତ ମେଲେଇ। ସେଠି ସଂପର୍କର ସମୁଦ୍ରବାଲିରେ ଲେଖା କେଇଟା ନାଁ। ଲିଭିଯିବା ପାଇଁ..ସେମାନଙ୍କ ସୃଷ୍ଟି। ଆଜି ବି ଖୋଲା ଆକାଶ ତଳେ ଦୁଇହାତ ମେଲେଇ କହିପାରେନା ତନ୍ଦ୍ରା- ରେ.. ବିଧାତା, ମୋତେ ଟିକେ ସ୍ୱର୍ଗ ଦେ'। କିନ୍ତୁ ତା ପୂର୍ବରୁ ନର୍କରେ ହଜାଇଦେ'। ଜୀବନ ତ ଦେଇଛୁ। ହେଲେ ସେ ବି କେତେ ପ୍ରବଂଚନା କରୁଛି ଦେଖ୍। ଆଉ ମୁଠେଇ ଧରିପାରୁନି ମୋ ହାତ। ଲାଖିଯାଇପାରୁନି ପବନ ଭଳି ମୋ ଦେହରେ। ଚୁମ୍ବନ ଭଳି ଆନମନା କରିପାରୁନି ମୋ ଖିଆଲି ମନକୁ। କିନ୍ତୁ ଅବିଶ୍ୱାସ ଓ ଯନ୍ତ୍ରଣାର ଲଟା ଭଳି ବାନ୍ଧିଦେଇଛି ମୋତେ। ପାରିବୁ ଯଦି ମୁକାଳି ନେ'। ପଛେ ଦହନର ଛିଟାରେ ମୋ ଭିତରର ଇଚ୍ଛାଙ୍କୁ ଭସ୍ମ କରିଦେ'। କିନ୍ତୁ ମୃତ୍ୟୁ ଦେ'।

ଏଇ ମୁଁ କଣ କହୁଚି ପରା..ତୁ ଆକାଶକୁ ଚାହିଁ କଣ ଭାବୁଛୁ ? ହଲାଇଦେଲା ରେଣୁକା।

ଉଁ...ନାଇଁ ତ କିଛି ନାହିଁ। ବସ୍ କେତେବେଳେ ଆସିବ ? ଚକିତ ଆଖିରେ ପଚାରିଲା ତନ୍ଦ୍ରା।

ଆଜି ଆସିବନି..କଣ ଖରାପ ଅଛି। ତେବେ ଅଲଗା ବସ୍‌ରେ ଯାଇ ସେ ଛକରେ ଓହ୍ଲାଇ କିଛି ବାଟ ଅଟୋରେ ଚାଲିଯିବା।

ଅଟୋବାଲାଙ୍କ ଷ୍ଟ୍ରାଇକ୍ ପରା ! ଭୁଲିଗଲୁ କି ? ଚାରିଆଡ କେତେ ଗହଳି ଦେଖିପାରୁଛୁ ତ ! ତନ୍ଦ୍ରାର ଉତରରେ ମନେପଡିଲା ତାର, "ଆଜି ଷ୍ଟ୍ରାଇକ୍" ବୋଲି। ଆଗରେ ହଳେ ସମସାମୟିକ ପୁଅଝିଅ ଛିଡା ହୋଇଛନ୍ତି। ଜୀବନର ସମସ୍ୟା ସତେ କି ସେମାନଙ୍କୁ ଛୁଇଁପାରିନି। ନିଜ ନିଜ ଖୁସିରେ ମସଗୁଲ୍ ଦୁଇଟି ବଗ ବଗୁଲି ଯେମିତି ! ଦୁନିଆ ତୀବ୍ର ବେଗରେ ବଦଳିଚାଲିଛି। ତା ସହିତ ଦୃଷ୍ଟିଭଙ୍ଗୀ ବି। 'ଭୁଲ୍' ବି କେତେବେଳେ 'ଠିକ୍'ର ରୂପ ନେଇ 'ସଫେଦ୍' ହୋଇଗଲାଣି। 'ଠିକ୍' ବି କ୍ଷୟମାଣ ଖରି ଫୁଲର ରଙ୍ଗ ପରି ମଳିନ ଦିଶିଲାଣି।

ପାଗେଳିର ଝାମ୍ପୁରା ନିଖୁରା କେଶ ପରି ନ୍ୟାୟ ବିପର୍ଯ୍ୟସ୍ତ। ଅଥଚ ଆମେ ତାକୁ ସାଉଁଟି ପାରୁନୁ ଆଞ୍ଜୁଳା ଭିତରେ। କିମ୍ବା ତାକୁ ନିଜ ନିଜର ଉତରଦାୟିତ୍ୱ ଭାବି କାନ୍ଧ ଉପରକୁ ଉଠାଇ ନେଇ କହୁନାହୁଁ-ଏ..ଇ.. ସେ ଆଗରେ ଅଛି..ସୁଦିନ। ଆଉ ଟିକେ ବଢିବାକୁ ହେବ। ନିଜ ଭିତରର କିଛି ପବିତ୍ରତା ସାଥୀରେ ନେବାକୁ ପଡିବ। କିଛି ଅତୀତକୁ ଅଳନ୍ଧୁଭରା ଷ୍ଟୋର୍ ରୁମ୍‌ରେ ଛାଡିଦେଇ ଚାଲିଯିବାକୁ ହେବ। ସେ ସ୍ରୋତ ଦେଖିପାରୁଛୁ..ସେଠି ସମସ୍ତେ କୁଟାକାଠି ! ଅସ୍ତିତ୍ୱ କାହିଁ ମଣିଷର ! ଆଜିକାର ଯୁଗରେ ବି ସଂଭ୍ରମତା କୋଉଠି ନା କୋଉଠି ନିଶ୍ୱାସ ପ୍ରଶ୍ୱାସ ଓ ସଂସ୍କୃତିରେ ବଂଚିଛି। ସମସ୍ତେ କଣ ଯୁଗର ଅନ୍ଧ ସ୍ରୋତରେ ଭାସିପାରିଛନ୍ତି ? ସମସ୍ତେ କଣ ରଂଗୀନ ସ୍ୱପ୍ନର ମତୁଆଲାପଣରେ ଡଙ୍ଗାର କାତ ଛାଡି ଦେଇଛନ୍ତି ? ଉଣ୍ଡାଳି ହୋଇଛନ୍ତି ନୂତନତା..ଏପଟେ ପଛେ ଉଈ ଖାଇଯାଉ ତାଳପତ୍ର ପୋଥି କିମ୍ବା ଫାଟିଯାଉ ସଂପର୍କର ଦୋସମାଳି ଘର। କେତେଜଣ ତ ସେମିତି ମାଟି କାମୁଡି ପଡି ରହିଛନ୍ତି ନହେଲେ ଚାରିକାତ ମେଲେଇ ସଗର୍ବରେ ଛିଡା ହୋଇଥିବା ବିଶାଳବୃକ୍ଷକୁ ସାହାରା କରି ସେ ପୁରୁଣା ଝାଟିମାଟି କାନ୍ଥକୁ ବାସ୍ତବତାର ପରଳ ଚଢାଇଛନ୍ତି ! ସେ ମାଟି ନିଜ ଅସ୍ତିତ୍ୱର ହେଉ ବା ସେ ବିଶାଳ ବୃକ୍ଷ ନିଜ ଅତୀତର ଗହଳ ଛାଇ.. !

ମାଟିର ମଣିଷ ଆକାଶକୁ ବି ଭଲପାଏ। କିନ୍ତୁ ଆକାଶରେ ବଂଚିବାର ସ୍ୱପ୍ନ ଦେଖେନା। ନୀଡ ରଚେ କିନ୍ତୁ ପୃଥିବୀରେ..। ସ୍ୱପ୍ନ ଦେଖି ଅଧିର ହେବାଟା ତ ମଣିଷର ଅଧିକାର। କିନ୍ତୁ ମାଟି ଉପରୁ ପାଦ ଖସାଇ ନିଜ ଅସ୍ତିତ୍ୱକୁ ନିର୍ଦ୍ଦୟ ଭାବେ ହତ୍ୟା କରି କେହି କାଳଜୟୀ ହୋଇପାରେନା। ପାଣି ଫୋଟକା ପରି ଫାଟିଯାଏ ମୁହୂର୍ତକ ଭିତରେ। ଇନ୍ଦ୍ରଧନୁ ଆକାଶରେ ଚହଟି,ଲିଭିଯିବା ପରି କଳ୍ପନାର ଆୟୁଷ। ବାସ୍ତବତା ତ ଚିରକାଳ ଦ୍ୱନ୍ଦ୍ୱ ଭିତରେ ଅଗ୍ନି ପରୀକ୍ଷା ନିଏ। କିନ୍ତୁ ତାର ନାଗରୀ ବେଶରେ ଅଧିକାଂଶ ବଶୀଭୂତ। କେତେବାର ପତଙ୍ଗ ଧାଏଁ ଗୋଟେ ଉଜ୍ଜଳତାର ପିଣ୍ଡ ପାଖକୁ। ଟିକେ ଟିକେ ପୋଡି ଯାଉଥାଏ ଦେହ। ତଥାପି ଆକର୍ଷଣ ଏଡାଇପାରେ କି.. ? ମୃତ୍ୟୁକୁ ଆଉ କଣ ସେ ଖାତିର୍ କରେ ? ସେମିତି ପତଙ୍ଗ କେଇଟା ଆଖିରେ ଖୁଂଟି ହୁଅନ୍ତି। ଜୀବନକୁ ନେଇ ନାନା ଡିଣ୍ଡିମ ପିଟନ୍ତି। ନୂଆ କଥା କହୁକହୁ ଗୁଡେ ବହକି ଯାଆନ୍ତି। ଲାଗନ୍ତି ନିଶାଖୋର ଗୁଡେ ଅଯଥା ଗହଳି କରୁଛନ୍ତି। ଆକାଶରେ ଉଡୁଛନ୍ତି। ନିଶା ତ ଦିନେ ଖସିବ। ସେତେବେଳେ ଏଇ ମାଟି ଉପରେ ହିଁ ସ୍ୱର୍ଗ ଉଣ୍ଡାଳିବେ। **(କ୍ରମଶଃ...)**

## ପ୍ରତିବାଦୀ

### ସୁମିତ୍ରା ନାଏକ

**ତୁ**ମେ ଭାଙ୍ଗିଦେଲ ମୋ' ବିଶ୍ୱାସକୁ
ମୁଁ ଭାଙ୍ଗିଦେଲି ହୃଦୟ
ତୁମେ କହିପାର ଏ କେମିତିକା
କଥା ଯେ...
ନିଜ ବିପକ୍ଷରେ କିଏ କ'ଣ
ପ୍ରତିବାଦ କରିପାରେ... !

ହଁ, ମୁଁ ଆଜି ପ୍ରତିବାଦ କରେ
ସେଇ ଇଚ୍ଛାମାନଙ୍କ ବିରୋଧରେ
ଯିଏ ଦିନେ ତୁମ ଇସାରାରେ
କ୍ରୀଡାନକ ଥିଲେ...।

ପ୍ରତିବାଦ କରେ
ସେଇ ସ୍ୱପ୍ନମାନଙ୍କ ବିରୋଧରେ
ଯେଉଁମାନେ ନିତି ରାତିରେ
ମଲ୍ଲୀଫୁଲର ମଖମଲା ବାସ୍ନାରେ
ତୁମ ସହିତ ଆସୁଥିଲେ...।

ଦୁନିଆ କହୁଛି
ମୁଁ ଆଜି ପ୍ରତିବାଦୀ
ନିଜର ସ୍ୱାଭିମାନ ବିରୋଧରେ
ଯିଏ ଦିନେ ବନ୍ଦିଥିଲା
ତୁମ ଛଳନାରେ।

*କୁଳଶ୍ରୀ, ନିଆଳି*
*କଟକ - ୭୫୪୧୦୫*

## ମୋହଭଙ୍ଗ ପ୍ରଜାପତି



### ଶୁଭାଂଶୁ ଶେଖର ଶତପଥୀ

**ଅ**ନୁ ପ୍ରାଣିତ ହୃଦୟର
ପ୍ରତିଟି ଅଭିବ୍ୟକ୍ତି
ତୁମ ପାଇଁ ମନଲୋଭା
ଉପହାର ସିନା,
ମୁଁ କିନ୍ତୁ ଜାଷର
ସବୁ ଉପହାର
ନିଜସ୍ୱ ହରା,
ମୋହଚ୍ଛନ୍ନ
ସାମୟିକ ତୋଷାମଦ
ସଦୃଶ।

ଅନ୍ତରାତ୍ମା
ଆଶଙ୍କାରେ ବିଚଳିତ
ଅହରହ
ତୁମ ପାଇଁ ମୋର
ଅଥବା ମୋ' ପାଇଁ ତୁମର
ମୋହଭଙ୍ଗ ହେଲା ମାତ୍ରେ
ସମ୍ପର୍କର ବିଚଳିତ
ଦିଗହରା ଅଭିବ୍ୟକ୍ତି
ମୋହଭଙ୍ଗ ପ୍ରଜାପତି ସମ
ଇତଃସ୍ତତଃ ଘୂରି ବୁଲୁଥିବ
ଫୁଲର ଠିକଣା ଖୋଜି।

*ଏଚ୍‌ଆଇଜି-୨୨୩, କେ-୫,*
*କଳିଙ୍ଗବିହାର, ଭୁବନେଶ୍ୱର-୭୫୧୦୧୯*
*ମୋ-୯୪୩୮୩୬୨୬୧୯*

## ସ୍ୱପ୍ନ



### କମଳ କୁମାର ମହାନ୍ତି

**କ**ହିପାରିବିନି କେଉଁଠି ଅଟକିଯାଏ
ମୋ ଅଧାଦେଖା ସ୍ୱପ୍ନ
ରାତିର ଛାୟାଚ୍ଛନ୍ନ ଅନ୍ଧାରରେ
ନା ଉପେକ୍ଷାର ଜଉମୁଦ କୋଠରି ଭିତରେ।

ସ୍ୱପ୍ନ କ'ଣ ହୋଇପାରେ
ଏକ ମଧୁର ସମ୍ଭାବନା
ନିରୋଳାରେ ଗଳୁରେ ପୁଣି
କେତେ ଆହ୍ୱାନରେ ଫେରେ
ମୋ ଆଖିକୁ।

ବେଳେବେଳେ ମୋ ଭିତର ଅନ୍ଧାରକୁ
ତରଳାଏ ସ୍ୱପ୍ନ
ତା' ଭିତରେ ବତୁରେ
କେତେ ମୁହଁ
କେତେ ହସ
କେତେ ପୁଣି ନିରୀହ ଆଗ୍ରହ
ତା'ର ହିସାବ ନଥାଏ।

ଫେରିଗଲା ବେଳେ ଏଇ ସ୍ୱପ୍ନ
କିଛି ଲୁହ ଦେଇଯାଏ
ଟଳମଳ ଆଖି ଆକାଶକୁ
ଛାତିତଳ ବିଧୁର ବାଟିକାକୁ
ନିକାଞ୍ଚନ ନଈ ପଠାକୁ, ଆଉ
ସ୍ମୃତିର ନିଧୁବନକୁ।

ସ୍ୱପ୍ନ ଫେରିଗଲା ପରେ ଆହା
ନିଆଁ ଲାଗେ ମୋ' ବରଫ ଛାତିରେ
ଭାଙ୍ଗିଦିଏ ନିରବ ଉତ୍କଣ୍ଠା
ଉଜାଗର ରାତିର ଦୁଃଖ ହୋଇ ଫେରିଯାଏ
ଛାଡ଼ିଦେଇ ମୋ' ଭିତରେ ଖାଲି ଦୀର୍ଘଶ୍ୱାସ।

*ଆରସା, ଭଦ୍ରକ*
*ଫୋନ୍-୯୪୩୯୦୪୭୨୮୩*

## ପଥରର ଆତ୍ମଲିପି



### ସୁକାନ୍ତି ରାଉତ

**ଦୀ**ର୍ଘ ୧୨ ବର୍ଷ ପରେ ଭେଟ ହେଲା ଏକ ଲୁଗା ଦୋକାନରେ ଶାଢ଼ୀ କିଣିବାବେଳେ ମାନସ ସହିତ। ଚେହେରାରେ ନ ଥିଲା ଚମକ। ମୁହଁ ସାରା ଦାଢ଼ୀ ସାଲୁବାଲୁ। ଲାଗୁଥିଲା ୧୨ ବର୍ଷ ଧରି ଯେମିତି ମଥାବାଳରେ ପାନିଆ ମରାହୋଇନି। ଅନୁତାପ ଆଉ ଅବସାଦ ମୁହଁରୁ ସ୍ପଷ୍ଟ ବାରିହୋଇପଡୁଥିଲା। ହାଲ୍‌କା ମନେପଡ଼ିଲା-ଏମିତି ଗୋଟେ ମଧୁର ସଞ୍ଜରେ ସେ ମାନସର ମୁଣ୍ଡ ପାନିଆରେ କୁଣ୍ଡାଇ ଦେଇ ବିଦାୟ ଦେଇ ଛାଡ଼ିଥଲା ମାନସଙ୍କୁ ଚାକିରି ସ୍ଥାନକୁ। ଗଲାଦିନ ମାନସ ଆଙ୍କିଦେଇଥିଲେ ହଜାରେ ଚୁମ୍ବନ ତା ଦୁଇ ଗାଲରେ। ଏମିତି ଲାଗୁଥିଲା ମାନସଙ୍କର ତାକୁ ଏକା ଛାଡ଼ି ଯିବାପାଇଁ ଇଚ୍ଛା ନାହିଁ। ଗଲାବେଳେ କହିଥିଲା-ଯଲ୍‌ଦି ଅଫିସ୍ କାମ ସାରି ଫେରିବ ଆମେ ଆଗାମୀ ମାସରେ ସିରିଡ଼ି ସାଇ ବୁଲିବାକୁ ଯିବା। ସାଙ୍ଗରେ ବୋଉଙ୍କୁ ବି ନେବା। ଭାବିଲା- ଏଇ ହେଉଛି ତା ମାନସ। ହଜାରେ ମିଛ କଥା କହି କିଣିନେଇଥିଲା ତା ସରଳ ନିଷ୍କପଟ ମନକୁ। ଯିଏ ୨୦ ବର୍ଷ ତଳେ ତା ମନ ଭିତରକୁ ଆସି ହୃଦୟକୁ ଖିନ୍‌ଭିନ୍ କରି ଜାଳିଦେଲା । ଜଳିବା ଶେଷରେ ଯୁଇ ପାଉଁଶ ହୁଏ, ହେଲେ ଜୀବନ ସାରା ଜଳି ଜଳି ତଥାପି ସେ ପାଉଁଶ ନୁହେଁ। କାହିଁକି କେଜାଣି ମାନସଙ୍କୁ ସଶରୀରେ ଦେଖିଲେ ତା'ର ଦୁର୍ବଳ ହୃଦୟ ପୁଣି କ୍ଷମା କରିଦିଏ ଆଉ ଢ଼ାଳିଦିଏ ଅସରା ଦରଦ। ଛଳ ଛଳ ଆଖିରେ ଅନେଇ ମାମା ପଚାରିଲା-ନିଜ ଜୀବନକୁ ଏମିତି କାହିଁକି ନଷ୍ଟ କରିଦେଲ, ମାନସ ! ଏଇ ବାରବର୍ଷ ଭିତରେ ତମେ କ'ଣ କରୁଥିଲ ! କୁଆଡ଼େ ହଜିଗଲ ! କିଛିତ ଖବର ନ ଥିଲା ତମର। 'କେବଳ ତମକୁ ମନେପକାଉଥିଲି'- ମାନସ କହିଲା। ଯେତେ ରାତି ମଜା ମସ୍ତିରେ କାଟିଛି, ମୁଁ ସେତିକି ରାତି ତମ କଥା ମନେ ପକାଇଛି। ଖୋଜିଛି ତମରି ପ୍ରେମକୁ ପାଗଳ ପରି। ତମେ ହୁଏତ ଭାବୁଥିବ ଖୁସିର ମାହୋଲରେ ରହି ତମକୁ ମୁଁ ଭୁଲିଯାଇଛି। ତମର ଖବର ରଖିନି। କିନ୍ତୁ ନା, ତମର ପ୍ରତିଟି ଖବର ମୁଁ ରଖୁଥିଲି ଆଉ ତମକୁ ଏତେ ଲୋକ ବୁଝାଇବା ପରେ ବି ତମେ ତମ ନିଷ୍ଠା ଆଉ ସ୍ୱାଭିମାନୀରୁ ଓହରି ପାରିନାହଁ। ତମ ଜିଦ୍‌ରେ ତମେ ଅଟଳ। ଭାରତୀୟ ନାରୀ ଜୀବନରେ ଥରେ ବିବାହ କରେ। ମୁଁ ସେଇଟା କରିସାରିଛି। ସବୁ ଜନ୍ମରେ ମାନସ ହିଁ ମୋର ସ୍ୱାମୀ -ଏମିତି ଯୁକ୍ତି ବାଢ଼ି ସେମାନଙ୍କ ଠାରୁ ଢ଼େର ଗାଳି ବି ଖାଇଛ। ଏସବୁ ଶୁଣି ମୁଁ ଗର୍ବ କରେ। ତମେ ବୋଧେ ଜାଣିନାହିଁ ତମକୁ ଦେଇଥିବା ସେଇ ବାସର ରାତିର ଚୁମ୍ବନ ଆଉ କାହାକୁ ଦେଇନି ସେମିତି ପ୍ରେମରେ। ଦେହର ଭୋକ ମେଣ୍ଟାଇବା ପାଇଁ କରିଛି ଅନେକ ପାପ କିନ୍ତୁ ତମ ପ୍ରେମ ମୋର ସେ ପାପକୁ ସବୁ ଧୋଇଦେଇଛି। ଯେତେ ଝିଅଙ୍କ ସହିତ ରାତି ବିତାଇଛି, ସମସ୍ତେ ମୋ ପାଖେ କହିଛନ୍ତି - ସିନ୍ଦୁର ଶଂଖା ଦେଇ ବାହାହେବାକୁ। କିନ୍ତୁ ମୁଁ କାହାକୁ ଦେଇନି। ମୋତେ ମୋତେ ବିଶ୍ୱାସ କର ତମ ଛଡ଼ା ଆଉ କାହାକୁ ମୁଁ ଏତେ ପ୍ରେମ ଦେଇନି। ତମଠୁ ଦୂରେଇ ଆସିବା ପରେ ୨ ବର୍ଷ ସେ ଝିଅ ସହିତ ରହିଲି। କିନ୍ତୁ ହଠାତ୍ ଦିନେ ସେ ଫେରାର ହୋଇ ତା ଅଫିସ୍‌ର ଜଣେ ବଡ଼ ଅଫିସରକୁ ବାହାହୋଇଗଲା। ତା ପରେ ତମକୁ ମୁଁ ବହୁତ ମନେପକାଇଛି, ଦିନରେ ପୁଣି ରାତିରେ। ତମ ପ୍ରତି ଏତେ ଅନ୍ୟାୟ କରିଥିଲି ଯେ ଫେରିବାର ଯୁ ନ ଥିଲା ମୋର। ମୁଁ ଜାଣିଥିଲି ତମେ ଯେମିତିକା ସ୍ୱାଭିମାନୀ-ମୋର ଭଲପାଇବା ଆଉ ଅନୁତାପକୁ ପ୍ରତ୍ୟାଖ୍ୟାନ କରିଥାନ୍ତ, ସେଇ ଡର ଥିଲା। ତା ପରେ ଦୁଃଖ ଭୁଲିବାକୁ କେତେ ମଦ ଛୁଇଁ ନ ଥିବା ତମ ମାନସ ଦିନ ରାତି ୨୪ ଘଣ୍ଟା ମଦ ପିଇଲା। ନିଶାଗ୍ରସ୍ତ ହୋଇ ଚୋରି କଲା ଆଉ ରାସ୍ତା କଡ଼ରେ ପଡ଼ି ରାତି କାଟିଲା। କିନ୍ତୁ ମୋତେ ବିଶ୍ୱାସ କର-କୌଣସି ଦିନ ମୁଁ ତମକୁ ଭୁଲିନି। ଭୁଲିବାକୁ ଚେଷ୍ଟା ବି କରିନି। ସହରରେ ଦିନେ ଏମିତି ଅସହାୟ ହୋଇପଡ଼ିଥିଲି-ମୋର ସାଙ୍ଗ ଚନ୍ଦନ ରାସ୍ତା କଡ଼ରୁ ଉଦ୍ଧାର କରି ଏଇ ଲୁଗା ଦୋକାନରେ କାମ ଦେଇଛି। ଚନ୍ଦନକୁ କହିଛି ଅନେକ ଥର ମୁଁ ଏଇଠି ଅଛତି ବୋଲି ତମକୁ ଖବର ଦେଇଦେବ। ସେ କିନ୍ତୁ କହେ-ନାଇଁ, ମାମା, ବହୁତ ସ୍ୱାଭିମାନୀ। ସେ କେବେ ବି ଆଉ ତୋ ପାଖକୁ ଫେରିବନି। ତୁ ତାକୁ ଯେତିକି କଷ୍ଟ ଦେଇଛୁ, ପୃଥିବୀର ଆଉ କୌଣସି ସ୍ତ୍ରୀ ସହିପାରି ନ ଥାନ୍ତା। ତା ସ୍ଥାନରେ ଆଉ କେହି ବି ଥିଲେ କେବେ ଠାରୁ ଅନ୍ୟକାହା ସହ ପଳାନ୍ତାନି। କିନ୍ତୁ ସେ ସେମିତି ନ କରି ଏକଲା ଜୀବନ କାଟୁଛି। ଦୁନିଆର କାହା ସହିତ ତାର ଦେଣନେଣ ନାହିଁ। ମୋର ମନେ ପଡୁଛି ତମେ ମୋତେ ସବୁବେଳେ ବାରଣ କର-ଜୀବନରେ କାହାର କିଛି କ୍ଷତି କରିବନି ଆଉ ଝିଅମାନଙ୍କୁ କମେଣ୍ଟ ବି ମାରିବନି। ମୁଁ ତମ କଥା ମାନିଛି ମାମା। ଏଇ ୧୨ ବର୍ଷ ଭିତରେ ମୁଁ ଗୋଟେ ଭଲ ମଣିଷ ହୋଇଯାଇଛି। ରାତିସାରା ଛଟପଟ ହୋଇଛି, ଝୁରିଛି ତମକୁ। ଏମିତି ମନେପକାଇବାରେ କି ଲାଭ ପାଇଲ। ଥରେ ଯଦି ଭାବିଥାନ୍ତ ତମର ନିଷ୍ପତ୍ତି ଉପରେ ନିର୍ଭର କରୁଥିଲା ଦୁଇଟା ଝିଅଙ୍କ ଜୀବନ। ଗୋଟାଏ ପଟେ ତମର ପତ୍ନୀ ଆଉ ଗୋଟାଏ ପଟେ ତମ ପ୍ରେମିକା। କାହାକୁ ତମେ ସୁଖ ଦେଇଛ। ହଁ ହୋଇପାରେ, ତମ ପ୍ରେମିକା ଏହି ୧୨ ବର୍ଷ ଭିତରେ ଶାରୀରିକ ସୁଖ ପାଇଛି। କିନ୍ତୁ ପ୍ରକୃତ ସୁଖ କିଏ ପାଇଛି ??? ନା ତମ ପ୍ରେମିକା ସୁଖୀ ହୋଇପାରିଲେ ନା ତମ ପତ୍ନୀ। ଦୁନିଆର ସବୁ ବାଧା ବନ୍ଧନକୁ ଫାଙ୍କିଦେଇ ତମେ ତମ ପତ୍ନୀ ପାଖକୁ ଫେରିପାରିଥାନ୍ତ । ତମ ପାଇଁ ୧୨ ବର୍ଷ କ'ଣ ୧୨ ଯୁଗ ବି ଅପେକ୍ଷା କରିପାରିଲା ଭଳି ମୋର ସାମର୍ଥ୍ୟ ଅଛି। କିନ୍ତୁ କି ଭାଉ ପାଇଲ ଏମିତି ଗୋଟେ ଜୀବନଟେ ମୋତେ ଦେଇ। ଥରେ କେବେ ଭାବିଛ ରାତି ରାତି କାନ୍ଦି କାନ୍ଦି କେମିତି ଦିନ ବିତାଇଥିବି । ପତ୍ନୀଟିଏ ବିନା ସମ୍ଭୋଗରେ ବି ଦୁନିଆ ଆଗରେ ହସି ହସି ଦୁଃଖକୁ ପିଇପାରେ, ଏକଥା ତମେ ତମ ପତ୍ନୀଙ୍କ ଠାରୁ ଶିଖିପାରିଲନି ମାନସ। ତମେ ଖୁବ୍ ସହଜରେ କହିଦେଲ ଏଇ ୧୨ ବର୍ଷ ମୋତେ କେବଳ ମନେ ପକାଉଥିଲ। କିନ୍ତୁ ମୁଁ ଏଇ ବାରବର୍ଷ ତମକୁ ଖୋଜୁଥିଲି ମୋର ପ୍ରତିଟି ନିଃଶ୍ୱାସରେ, ବିଶ୍ୱାସରେ, ସ୍ୱପ୍ନରେ, ରାତିରେ ପୁଣି ଦିନରେ। ପେପର ପଢ଼ିଲେ ରାଶିଫଳରେ ଆଗ ମୁଁ ତମର ରାଶି ଫଳ ପଢ଼େ, ତା ପରେ ମୋର। ଏଇ ବାର ବର୍ଷ ତମର ଶୁଭ ମନାଷୀ ମନାଷୀ ଦିନ ବିତାଇ ଦେଇଛି। ତମକୁ ଭୁଲିବାକୁ ଯାଇ ମୋ ସିନିୟର ଅପା ଆଉ ଅଫିସ୍‌ର ମ୍ୟାଡ଼ାମଙ୍କ ସହିତ ରାତି ସାରା ନିଜର ଦୁଃଖ କହି ନିଜକୁ ସ୍ୱାଭାବିକ କରିଛି। ତଥାପି କେବେ ଦିନେ ତମେ ଯେ ଫେରିବ ଆଉ ଆମେ ପୁଣି ସ୍ୱାଭାବିକ ଭାବେ ଜୀବନ ଜୀଇଁବା ଏକଥା ସ୍ୱପ୍ନରେ ବି କେବେ ଭାବିନି। ଫି ବର୍ଷ ସାବିତ୍ରୀ ଓଷା କରେ ସେଇ ପ୍ରେମ ଆଉ ଭକ୍ତିରେ ତମର ଦୀର୍ଘ ଆୟୁଷ କାମନା କରେ। ଏଇ ବାର ବର୍ଷ କେବେ ଚାହିଁନି ତମ ସୁଖରେ ଭାଗ ହେବାକୁ। ତମେ ବୋଧେ ଜାଣିନ ସବୁ ବର୍ଷ ସାବିତ୍ରୀ ଓଷା ମନ୍ଦିରରେ କରେ। ବୋଧେ ବର୍ଷକରେ ଗୋଟିଏ ଦିନ ସାବିତ୍ରୀ ଓଷାରେ ହିଁ ମୁଁ ଖୁସି ଥାଏ। ମୁଁ ବି କେବେ ଭାବିନାହିଁ ତମେ ମୋତେ ଜୀବନକାଳ ମଧରେ ଶାଢ଼ୀଟେ ଦେବ ବୋଲି। ମୁଁ ଏବେ ବହୁତ ଖୁସିରେ ରହିଛି। ଏତେ ଖୁସି ଯେ ତମ ପାଖରେ ରହିଥିଲେ ବି ହୋଇପାରି ନ ଥାନ୍ତି। ମୁଁ ଏକଥା ବି ଜାଣିଥାଏ ତମକୁ ଫୋନ୍ କଲେ ତମେ ଉଠାଇବନି। ସେଥିପାଇଁ ପୂଜା ସାରି ବନ୍ଦ ଘର ଭିତରେ ତମ ଫଟୋକୁ ଧରି ଢ଼େର କାନ୍ଦେ ଆଉ ଶହେ ଚୁମ୍ବନ ଭରା ପ୍ରେମ ଦେଇ କାନ୍ଦି କାନ୍ଦି ପ୍ରଣାମ ବାଢ଼ି ଶୋଇପଡ଼େ ତା ପରଦିନ ଭୋର୍ ପର୍ଯ୍ୟନ୍ତ। ତମେ ଜାଣିନାହିଁ ମାନସ, ତମ ପାଇଁ ମୁଁ ପୃଥିବୀର କ'ଣ କ'ଣ ସବୁ ହରାଇଛି। ତମରି ହାତକୁ ଭରସା କରି ମୁଁ ପରିକରିଥିଲି ନିଜ ଜୀବନକୁ ମୋତେ ଯେଉଁମାନେ ଅଧିକ ଭଲପାଆନ୍ତି ମୋ ବାପା, ଭାଇ ଆଉ ଭାଉଜଙ୍କୁ। ତମକୁ ନିଜ ଇଚ୍ଛାରେ ବାହାହେଲି ବୋଲି ମୋତେ ନିର୍ମମ ଭାବେ ସେମାନେ ଗାଳିଦେଇଛନ୍ତି। ଯେତେ ଜାଣିଲି ତମ ସହିତ ଆଉ କୌଣସି ସମ୍ପର୍କ ରହିବ ନାହିଁ, ବାଧ ହେଲି ସେମାନଙ୍କ ସହିତ ସବୁ ସମ୍ପର୍କ ଛିନ୍ନ କରି ଏମିତି ଏକ ଜୀବନ ଜୀଇଁବାକୁ। ଆଜି ଏମିତି ପରିଣତ ବୟସରେ ତମେ ମୋତେ ମନେ ପକାଇଲେ କିଛି ଲାଭ ନାହିଁ କି ମୁଁ ତମକୁ ଝୁରିହେଲେ କିଛି ଫାଇଦା ନାହିଁ। ଅର୍ଥନୀତିର ଛାତ୍ରୀ ହୋଇ ମୁଁ କେବେ ସମ୍ପର୍କର ଲାଭ କ୍ଷତିର ହିସାବ କରିନି। ଯୋଗାଣ ଚାହିଦାର ସୂତ୍ର ଘୋଷିବା ଭଳି ତମର ପ୍ରତିଟି କଥାକୁ ମନେ ରଖୁଥିଲି ଆଉ ପାଳନ ବି କରୁଥିଲି। ତମେ କୁହ ମାନସ, ମୁଁ ଯଦି ତମ ପାଖକୁ ଏବେ ଫେରିଯାଏ-ମୋ ସ୍ୱାଭିମାନ ମୋତେ ହାତଠାରି ଖତେଇ ହେବ ଆଉ ଭଗବାନ ଅଭିଧାନରୁ ସଂଘର୍ଷ ନାମଟି ବି ବୋଧେ ଉଠାଇଦେବାକୁ ବାଧ ହେବେ। ଆଶା କରୁଛି-ବାକି ଜୀବନ ବି ତମେ ଏମିତି ମୋତେ ମନେ ପକାଇ ପକାଇ ସାରିଦେବ ଆଉ ମୁଁ ତମକୁ ଏମିତି ଝୁରି ଝୁରି ଦିନେ ଝରିଯିବି।

*ଫୋନ୍-୮୮୯୫୩୦୪୫୫୬*

# ଆକ୍ସନଏଡ୍ ଓ ସିସିଡବ୍ଲ୍ୟୁଡି ସର୍ବେକ୍ଷଣ : ସ୍ମାର୍ଟସିଟିରେ ୬,୫୫୯ ବାସହରା



**ଭୁବନେଶ୍ୱର :** ସିଟି ମେକର୍ସ ଇନ୍ ଭୁବନେଶ୍ୱର ନାମକ ଏକ ସର୍ବେକ୍ଷଣ ରିପୋର୍ଟ ଆଧାରକୁ ଭିତ୍ତିକଲେ ଜଣାଯାଏ ଯେ ବାସହରାଙ୍କ ଜୀବନଶୈଳୀ ଅତ୍ୟନ୍ତ ଦୁଃଖ ଦାୟକ। ଏହାକୁ ପାଥେୟକରି ସେମାନେ ନିଜର ଜୀବନ ଜୀବିକାକୁ ବାହି ନେଇଥାନ୍ତି। ଉକ୍ତ ତଥ୍ୟ ଆଧାରରେ ରାଜଧାନୀ ଭୁବନେଶ୍ୱର ସ୍ମାର୍ଟ ସିଟିରେ ପରିଗଣିତ ହୋଇଥିବା ଜଣାପଡେ। ହେଲେ ସହରର ବିକାଶ ପ୍ରକ୍ରିୟାରେ ବାସହରାଙ୍କ ଅବଦାନ ଥିବା ବେଳେ ଅଣଦେଖା କରାଯାଉଛି। ବିଗତ ଚାରି ମାସ ତଳେ ରାଜଧାନୀରେ କେତେ ସଂଖ୍ୟକ ବାସହରା ଅଛନ୍ତି ଓ ସେମାନଙ୍କର ବଞ୍ଚିବାର କୌଶଳକୁ ଜାଣିବା ନିମନ୍ତେ ଆକ୍ସନଏଡ୍ ଓ ସି.ସି.ଡବ୍ଲ୍ୟୁ.ଡିଙ୍କ ମିଳିତ ପ୍ରଚେଷ୍ଟାରେ ରାଜଧାନୀର ୬୭ଗୋଟି ୱାର୍ଡକୁ ୭ଟି ଜୋନ୍‌ରେ ବିଭକ୍ତ କରାଯାଇ ଉକ୍ତ ସର୍ବେକ୍ଷଣ କରାଯାଇଥିଲା। ଉକ୍ତ ସର୍ବେକ୍ଷଣ ଆଧାରରେ ମୁଣ୍ଡ ଗଣତି ଭାବରେ ପାଖାପାଖି ୬୫୫୯ ଜଣରୁ ଅଧିକ ବାସହରା ଲୋକ ଥିବା ଜଣାପଡିଛି। ସାଧାରଣତଃ ଭାବରେ ମନ୍ଦିର, ବଡବଡ ଦୋକାନ କଡ, ରେଲୱେ ଷ୍ଟେସନ୍, ବସ୍‌ଷ୍ଟାଣ୍ଡ, ସିନେମା ହଲ, ହସପିଟାଲ୍ ଓ ଫୁଟ୍‌ପାଥ୍‌ଠାରେ ରାତ୍ରୀ ଯାପନ କରିଥାନ୍ତି। ବାସହରାଙ୍କ ଜନସଂଖ୍ୟା ଆଧାରରେ ଦେଖିବାକୁ ଗଲେ ୭୯ଶତକଡା ହେଉଛନ୍ତି ପୁରୁଷ ଓ ୨୧ ଶତକଡା ହେଉଛନ୍ତି ମହିଳା, ୪୧ଶତକଡା ଆଦିବାସୀ ଓ ଦଳିତ ବର୍ଗ, ୪୧ଶତକଡା ଅନ୍ୟାନ୍ୟ ଓ ସେଥିମଧ୍ୟରୁ ୯୭ ଭାଗ ହେଉଛନ୍ତି ହିନ୍ଦୁ। ଦେଖିବାକୁ ଗଲେ ଓଡ଼ିଶାର ବିଭିନ୍ନ ଜିଲ୍ଲାର ଶତକଡା ୯୩ ଭାଗ ଓ ୭ ଶତକଡା ହେଉଛନ୍ତି ମହାରାଷ୍ଟ୍ର, ବିହାର, ଝାଡଖଣ୍ଡ ଓ ପଶ୍ଚିମବଙ୍ଗ ଅଞ୍ଚଳରେ। ନିର୍ମାଣଧୀନ କ୍ଷେତ୍ରରେ ଶତକଡ଼ା ୩୩ ଭାଗ ନିୟୋଜିତ ଅଛନ୍ତି। ଅଧିକ ସଂଖ୍ୟାରେ ବାସହରା ନିର୍ମାଣ ଶ୍ରମିକ ମାନେ ସହରର ନିର୍ମାତା ଭାବରେ କାର୍ଯ୍ୟକରୁଛନ୍ତି ସେମାନଙ୍କୁ ସହରର ନିର୍ମାଣକାରୀ ଭାବରେ ଅଭିହିତ କରାଯିବା ଦରକାର। ୨୮ ଶତକଡା ଭିକ୍ଷାବୃତ୍ତି, ବୁଲା ବିକାଳି, ଘରୋଇ କାମ, ଜରି ଗୋଟାଳି କାର୍ଯ୍ୟରେ ନିୟୋଜିତ ଅଛନ୍ତି। ମାସକୁ ଏମାନେ ମଧ୍ୟ ୨୦ ଦିନ କାମ ପାଇଥିବା ବେଳେ ଯାହାର ଶତକଡା ହେଉଛି ୬୦ ଭାଗ। ୧୧ ରୁ ୨୦ ଦିନ ମଧ୍ୟରେ ଶତକଡା ୩୫ ଭାଗ ଓ ୨ ଶତକଡା ୧୦ ଦିନରୁ କମ୍ କାମ ପାଇଥାନ୍ତି। ପାରିଶ୍ରମିକ କ୍ଷେତ୍ରକୁ ଦେଖିବାକୁ ଗଲେ ମାତ୍ର ୧୦୫ ଟଙ୍କା ପଡିଥାଏ। ଅଧ୍ୟୟନରୁ ମଧ୍ୟ ଜଣା ପଡିଛି ଯେ ଲିଙ୍ଗଗତ ତାରତମ୍ୟତା ଓ ରୋଜଗାର ମଧ୍ୟରେ ଶତକଡା ୩୦ ଭାଗ ମହିଳା ଦିନକୁ ୧୦୦ଟଙ୍କାରୁ କମ୍ ପାରିଶ୍ରମିକ ପାଇଥାନ୍ତି। ଯାହାକି ପୁରୁଷମାନଙ୍କ କ୍ଷେତ୍ରର ୧୮ ଶତକଡା। ସଞ୍ଚୟ କ୍ଷେତ୍ରକୁ ଦେଖିବାକୁ ଗଲେ ୧୨୦୩ଜଣଙ୍କୁ ଏ ବାବଦରେ ପଚରାଯାଇଥିଲା, ଯାହାକି ୩୫.୦୮ ଶତକଡ଼ା ପଇସା ସଞ୍ଚୟ କରିବା ପାଇଁ ସକ୍ଷମ ହୋଇଛନ୍ତି ଓ ୬୪.୩୪ଶତକଡା ସଂଚୟ କରିବା ପାଇଁ ସକ୍ଷମ ହୋଇ ପାରିନାହାନ୍ତି। ଏଥିମଧ୍ୟରୁ ୧୨୦୩ ଜଣ ବାସହରାଙ୍କୁ ବାଦ୍ ଦେଲେ ଜଣାଯାଏ ଯେ ଶତକଡା ୬୬ ଭାଗ ଖୋଲା ଆକାଶ ତଳେ ଓ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ରହୁଛନ୍ତି। ୩୩ ଭାଗ ସର୍ବସାଧାରଣ ସ୍ଥାନ, ଦୋକାନ ବାରଣ୍ଡା ଓ ମନ୍ଦିରରେ ଶୋଉଛନ୍ତି। ୦.୫୮ ଶତକଡା ବାସହରା ରାତ୍ରୀ ଆଶ୍ରୟସ୍ଥଳରେ ରହୁଛନ୍ତି। ବହୁସଂଖ୍ୟାରେ ଖରାପ ପାଗ, ପୋଲିସ ଜୁଲୁମ୍ ଓ ଗୁଣ୍ଡା ମାନଙ୍କ ଦାଉରେ ମଧ୍ୟ ଏଭଳି ଅବସ୍ଥାରେ ରହୁଛନ୍ତି। ପାଖାପାଖି ୪୭% ବାହାରେ ମଳତ୍ୟାଗ କରୁଛନ୍ତି। ଉକ୍ତ ସର୍ବେକ୍ଷଣରୁ ବିଶେଷ ଭାବରେ ଜଣାଯାଇଛି ଯେ ୮୭% ଭୁବନେଶ୍ୱର ସ୍ମାର୍ଟ ସିଟି ପ୍ରକଳ୍ପ ବାବଦରେ ଜାଣି ନାହାନ୍ତି ଓ ୯୯ ଶତକଡ଼ା କହିଛନ୍ତି ଯେ ଆମକୁ ପ୍ରକଳ୍ପରେ କଣ ହେବ ଯୋଗାଯୋଗ, ପରାମର୍ଶ ଓ ମତାମତଟିଏ ମଧ୍ୟ ନେଇ ନାହାନ୍ତି। ଏଥିପାଇଁ ସ୍ଥାନୀୟ ଲୋହିଆ ଏକାଡେମୀରେ ଏକ ସର୍ବେକ୍ଷଣ ପତ୍ରିକା ଉନ୍ମୋଚିତ ହୋଇଯାଇଛି।

# ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ସରକାରୀ ମହିଳା ମହାବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନର ଫଳାଫଳକୁ ନେଇ ଛାତ୍ର ଅଶାନ୍ତି

**କେନ୍ଦୁଝର :** ତାରିଖ ଦିନ ସମଗ୍ର କେନ୍ଦୁଝର ଜିଲ୍ଲାର କଲେଜ ଗୁଡିକରେ ଛାତ୍ର ସଂସଦ ନିର୍ବାଚନ ଅନୁଷ୍ଠିତ ହୋଇ ଏହାର ଫଳା ଫଳ ଆନୁଷ୍ଠାନିକ ଭାବେ ଶେଷ ହୋଇଛି। ଜିଲ୍ଲାର ପ୍ରମୁଖ ମହାବିଦ୍ୟାଳୟ ଭାବେ ଜଣାଶୁଣା ଧରଣୀଧର ସ୍ୱୟଂ ଶାସିତ ମହାବିଦ୍ୟାଳୟ ଓ ସରକାରୀ ମହିଳା ମହା ବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନର ଫଳାଫଳକୁ ନେଇ ହାରି ଯାଇଥିବା ପ୍ରାର୍ଥୀ,ପ୍ରାର୍ଥୀଙ୍କ ସମର୍ଥକ ଓ ଏଜେଣ୍ଟ ମାନେ ନିର୍ବାଚନର ଫଳାଫଳ ଗଣତି ଉପରେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଏପରିକି ଫଳାଫଳ ଘୋଷଣା ପରେ ମାତ୍ର କେତେଖଣ୍ଡ ଭୋଟ ବ୍ୟବଧାନରେ ପ୍ରାର୍ଥୀମାନେ ହାରିଯାଇଥିଲେ ସୁଦ୍ଧା ଭୋଟ ଗୁଡିକର ପୁନର୍ବାର ଗଣତିକୁ ଖୋଦ କଲେଜ କର୍ତ୍ତୃପକ୍ଷ ତଥା ପରିଚାଳନା କମିଟି ଅଗ୍ରାହ୍ୟ କରିଦେବା ଘଟଣା ଛାତ୍ର ମହଲରେ ଅସନ୍ତୋଷର କାରଣ ହୋଇଛି। ମୁଖ୍ୟତ ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟର ନିର୍ବାଚନରେ ସଭାପତି ପ୍ରାର୍ଥୀ ଦେବାଶିଷ ବେହେରା ମାତ୍ର ୨୩ଖଣ୍ଡ ଭୋଟରେ ହାରିଯିବାବେଳେ ତାଙ୍କର ଏଜେଣ୍ଟ ଭୋଟର ପୂର୍ନବାର ଗଣତି ପାଇଁ ଲିଖିତ ଭାବେ ଅଧ୍ୟକ୍ଷଙ୍କୁ ଜଣାଇଥିଲେ ସୁଦ୍ଧା ଉଦ୍ଦେଶ୍ୟ ମୂଳକ ଭାବେ କଲେଜ କର୍ତ୍ତଉପକ୍ଷ ଭୋଟ ଗଣତି ପାଇଁ ଅନୁମତି ପ୍ରଦାନ କରିନଥିବା ଭଳି ଗୁରୁତର ଅଭିଯୋଗ ପ୍ରାର୍ଥୀ ତରଫରୁ କରାଯାଇଛି। ଏପରିକି ଭୋଟ ଗଣତି ସମୟରେ ଉପସ୍ଥିତ ଏଜେଣ୍ଟ ମାନଙ୍କୁ ନାକଚ ଭୋଟ ନଦେଖାଇ ଦାୟିତ୍ୱରେ ଥିବା କର୍ମଚାରୀ ଗଣତି କରିଥିବା ପରାଜିତ ସଭାପତି ପ୍ରାର୍ଥୀ ଦେବାଶିଷ ବେହେରା ଅଭିଯୋଗ କରିଛନ୍ତି। ଶାସକ ଦଳର ଚାପରେ ବଶବର୍ତ୍ତି ହୋଇ କଲେଜ କର୍ତ୍ତୃପକ୍ଷ ବିଜେଡି ସମର୍ଥିତ ପ୍ରାର୍ଥୀଙ୍କୁ ସହଯୋଗ କରିଥିବା ମଧ୍ୟ ସେ ଅଭିଯୋଗ କରିଛନ୍ତି। ସରକାରଙ୍କ ପକ୍ଷରୁ ୨୫ତାରିଖ ଦିନ ବିଜୟ ଲାଭ କରିଥିବା ପ୍ରାର୍ଥୀମାନେ ଶପଥ ଗ୍ରହଣ କରିବାକୁ ଦିନ ଧାର୍ଯ୍ୟ କରାଯାଇଥିଲା। ମାତ୍ର ଧରଣୀଧର ସ୍ୱୟଂ ଶାସିତ ମହାବିଦ୍ୟାଳୟ ଏବଂ ସରକାରୀ ମହିଳା ମହାବିଦ୍ୟାଳୟର ନିର୍ବାଚିତ ପ୍ରାର୍ଥୀମାନେ ତାଙ୍କର ଅନ୍ୟ ବିଜୟୀ ପ୍ରାର୍ଥି ମାନେ କଲେଜରେ ଉପସ୍ଥିତ ନଥିବାରୁ ଶପଥ ଗ୍ରହଣ କାର୍ଯ୍ୟକ୍ରମକୁ ଅନ୍ୟ ଏକ ଦିନରେ କରିବାକୁ କଲେଜ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ ସୁଦ୍ଧା କଲେଜ କର୍ତ୍ତୃପକ୍ଷ ଏହାକୁ ଅଣଦେଖା କରି ମାତ୍ର ହାତଗଣତି କିଛି ବିଜୟୀ ପ୍ରାର୍ଥୀଙ୍କୁ ନେଇ ଶପଥପାଠ ଉତ୍ସବ ଆୟୋଜନ କରିଥିବାରୁ ଉଭୟ କଲେଜରେ ଛାତ୍ର ଅଶାନ୍ତି ଦେଖାଦେଇଛି।

# ଯୋଜନାର ସଫଳ ରୂପାୟନ ଉପରେ ଗୁରୁତ୍ୱ



**ରାୟଗଡ଼ :** ଗୋଟିଏ ବର୍ଷର ବ୍ୟବଧାନ ପରେ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ଯୋଜନା ବୋର୍ଡର ଷୋଡଶ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ତଥା ବିଧାୟକ ଲାଲ ବିହାରୀ ହିମିରିକାଙ୍କ ପୌରହିତ୍ୟରେ ଆୟୋଜିତ ବୈଠକରେ ୨୦୧୫-୧୬ର ବ୍ୟୟ ମଞ୍ଜୁର କରାଯାଇଥିବା ବେଳେ ୨୦୧୭-୧୮ ଆର୍ଥିକ ବର୍ଷରେ ପ୍ରସ୍ତାବିତ ପ୍ରକଳ୍ପ ପାଇଁ ୮୭୬ କୋଟି ୧୧ ଲକ୍ଷ ଟଙ୍କା ଅଟକଳକୁ ଅନୁମୋଦନ କରାଯାଇଥିଲା। ମୁଖ୍ୟତଃ ବିଜୁ କେବିକେ, ଗୋପବନ୍ଧୁ ଗ୍ରାମୀଣ ଯୋଜନା ଓ ଅନ୍ୟାନ୍ୟ ଯୋଜନାରେ ଆସିଥିବା ଅନୁଦାନ ଓ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଆଲୋଚନା କରାଯାଇଥିଲା। ଜିଲ୍ଲାପାଳ ଗୁହା ପୁନମ ତାପସ କୁମାର ସ୍ୱାଗତ ଭାଷଣରେ ସରକାରଙ୍କ ଦ୍ୱାରା ମଞ୍ଜୁର ହୋଇଥିବା ଜିଲ୍ଲାର ଡ୍ରିମ୍ ପ୍ରକଳ୍ପ ସଂପର୍କରେ ସୂଚନା ଦେଇଥିଲେ। ଏହି ପ୍ରକଳ୍ପ ଗୁଡିକ ସଂପୂର୍ଣ୍ଣ ହେଲେ ରାୟଗଡା ଜିଲ୍ଲାର ବିକାଶ ଓ ସୌନ୍ଦର୍ଯ୍ୟ ବୃଦ୍ଧି ପାଇବ ବୋଲି ଆଶାବ୍ୟକ୍ତ କରିଥିଲେ। ଜିଲ୍ଲାର ଅନେକ ପ୍ରକଳ୍ପ ବିଭିନ୍ନ ଆଳ ଦେଖାଇ ସଂପନ୍ନ ହୋଇପାରୁନଥିବାରୁ ଲୋକ ପ୍ରତିନିଧିଙ୍କ ସହ ସମନ୍ୱୟ ରକ୍ଷା କରି ସଂପୂର୍ଣ୍ଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକ ସଂପର୍କରେ ଜିଲ୍ଲା ଯୋଜନା ଅଧିକାରୀ ଭାସ୍କର ଜେନାଙ୍କ ଠାରୁ ମିଳିଥିବା ସୂଚନା ଅନୁସାରେ ବିଜୁ କେବିକେ ଯୋଜନାରେ ଗତ ୨୦୦୬-୦୭ ରୁ ୨୦୧୮ ମସିହା ମଧ୍ୟରେ ମୋଟ ୧୬୭ କୋଟି ୫୦ ଲକ୍ଷ ଟଙ୍କା ଅନୁଦାନ ମିଳିଥିବା ବେଳେ ୧୪୯ କୋଟି ୫୨ ଲକ୍ଷ ଟଙ୍କା (୮୯ ପ୍ରତିଶତ) ବିନିଯୋଗ କରିଯାଇଛି। ଏଥିରେ ଅନୁମୋଦିତ ୧୮୦୩ ଟି ପ୍ରକଳ୍ପ ମଧ୍ୟରୁ ୨୫୨୩ ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଥିବା ବେଳେ ୨୮୦ଟି ପ୍ରକଳ୍ପ ଚାଲୁ ରହିଥିବା ଉଲ୍ଲେଖ ରହିଛି। ୨୦୧୭-୧୮ ଆର୍ଥିକ ବର୍ଷରେ ଜିଲ୍ଲାର ୧୧ଟି ବ୍ଲକକୁ ୫୦ ଲକ୍ଷ ଟଙ୍କା ହିସାବରେ ମୋଟ ୫ କୋଟି ୫୦ ଲକ୍ଷ ଟଙ୍କା ଅନୁଦାନ ଦେବାର ପ୍ରସ୍ତାବ ରହିଛି। ଗୋପବନ୍ଧୁ ଗ୍ରାମୀଣ ଯୋଜନାରେ ଚଳିତ ଆର୍ଥିକ ବର୍ଷ ପାଇଁ ୧୦ କୋଟି ୪୧ ଲକ୍ଷ ଟଙ୍କା, କ୍ରିଟିକାଲ ଗ୍ୟାପ୍ ଯୋଜନାରେ ୨୦୧୬-୧୭ ଆର୍ଥିକ ବର୍ଷରେ ମୋଟ ୯୬ ଲକ୍ଷ ଟଙ୍କାରୁ ମୋଟ ୬୦ ଲକ୍ଷ ଖର୍ଚ୍ଚ କରାଯାଇ ୨୭ଟି ପ୍ରକଳ୍ପରୁ ୧୫ଟି ପ୍ରକଳ୍ପ ସଂପୂର୍ଣ୍ଣ ହୋଇଥିବା ବେଳେ ୨୦୧୭-୧୮ ଆର୍ଥିକ ବର୍ଷରେ ପୁଣି ୯୬ ଲକ୍ଷ ଟଙ୍କାର ପ୍ରକଳ୍ପ ଅଟକଳ କରାଯାଇଛି। ସେହିଭଳି ଜିଲ୍ଲାଞ୍ଚଳ ଉନ୍ନୟନ ପାଣ୍ଠିରେ ୨୦୧୭-୧୮ ଆର୍ଥିକ ବର୍ଷରେ ୧୭ଟି ବିଭାଗ ନିମନ୍ତେ ମୋଟ ୮୫୯ କୋଟି ୨୪ ଲକ୍ଷ ୪୨ ହଜାର ଟଙ୍କା ବ୍ୟୟ ଅଟକଳ ପାଇଁ ପ୍ରସାବ ଦିଆଯାଇଛି। ତେବେ ୨୦୧୫-୧୬ରେ ମିଳିଥିବା ମୋଟ ୫୬୮ କୋଟି ୪୮ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଯାଇଥିବା ବେଳେ ୨୦୧୬-୧୭ ଆର୍ଥିକ ବର୍ଷରେ ମୋଟ ୬୭୯ କୋଟି ୪୫ ଲକ୍ଷ ଟଙ୍କା ମଧ୍ୟରୁ ୪୪୭ କୋଟି ୫୧ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ଦର୍ଶାଯାଇଛି। ୪ଟି ଯୋଜନାରେ ୨୦୧୭-୧୮ ଆର୍ଥିକ ବର୍ଷରେ ବିଭିନ୍ନ ପ୍ରକଳ୍ପ ନିମନ୍ତେ ମୋଟ ୮୭୬ କୋଟି ୧୧ ଲକ୍ଷ ଟଙ୍କାର ପ୍ରସ୍ତାବକୁ ଅନୁମୋଦନ କରାଯାଇଥିଲା। ଗୋଟିଏ ପ୍ରକଳ୍ପକୁ ବିଭିନ୍ନ ବିଭାଗ ଦର୍ଶାଇ କାମ କରୁଥିବା ସମ୍ପର୍କରେ ରାଜ୍ୟସଭା ସାଂସଦ ଏନ୍.ଭାସ୍କର ରାଓ ଅଭିଯୋଗ କରିଥିଲେ। ବିଶେଷକରି ଆଇଟିଡିଏ ଏବଂ ବ୍ଲକ ଅଫିସ ମଧ୍ୟରେ ସମ୍ମନ୍ୱୟ ରକ୍ଷା କରି କାର୍ଯ୍ୟ ଖସଡା ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଥିଲେ। ତେବେ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଶତକଡା ୯୦ ପ୍ରତିଶତ ପ୍ରକଳ୍ପ କାର୍ଯ୍ୟ ସ୍ଥଳରେ ସୂଚନାଫଳକ ଲାଗୁନଥିବାରୁ ଗୋଟିଏ କାମକୁ ଏକାଧିକ ଥର ବିଲ କରି ଅନୁଦାନ ହଡପ କରାଯାଇଥିବା ନେଇ ଗୁଣପୁର ଉପଜିଲ୍ଲାପାଳ ବସନ୍ତକୁମାର ସାହୁ ଅଭିଯୋଗ କରିବା ପରେ ପ୍ରକଳ୍ପ ସ୍ଥଳରେ ସୂଚନାଫଳକ ଲଗାଇବାକୁ ଜିଲ୍ଲାପାଳ ଗୁହା ପୁନପ ନିର୍ଦ୍ଦେଶ ଦେଇଥିଲେ। ରାୟଗଡା ଆଇଟିଡିଏ ଅଞ୍ଚଳରେ ଗୋଟିଏ ଦୁଇଟି ଆଶ୍ରମ ବିଦ୍ୟାଳୟକୁ ସୌନ୍ଦର୍ଯ୍ୟକରଣ କରି ଅନ୍ୟ ସ୍କୁଲ ଗୁଡିକୁ ଦୟନୀୟ ସ୍ଥିତିରେ ଛାଡି ଦିଆଯାଇଛି ବୋଲି ରାୟଗଡା ଜିଲ୍ଲା ପରିଷଦ ସଭ୍ୟ ଗଙ୍ଗାଧର ପୁଆଲା ଅଭିଯୋଗ କରିଥିଲେ। ସଭ୍ୟଙ୍କ ନିଜ ଅଞ୍ଚଳରେ ଗୋଟିଏ ଆଦର୍ଶ ବିଦ୍ୟାଳୟ କରିବାକୁ ଉଦ୍ୟମ କରାଯାଉଛି ବୋଲି ଇଏ ଆଇଟିଡିଏ ମୂରଲୀଧର ସ୍ୱାଇଁ ପ୍ରତିଶ୍ରୁତି ଦେଇଥିଲେ। ସେହିଭଳି କୁର୍ଲିରେ ହୋଷ୍ଟେଲ ନିର୍ମାଣ କାର୍ଯ୍ୟ ନିମ୍ନମାନର ଏବଂ କାର୍ଯ୍ୟ ସଂପୂର୍ଣ୍ଣ କରାଯାଉ ନଥିବାରୁ ପିଲା ରହିବାରେ ଅସୁବିଧା ହେଉଛି ବୋଲି ସଭ୍ୟ ନନ୍ଦ ଚୌଧୁରୀ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିଭଳି ରାୟଗଡା ଜିଲ୍ଲା ପରିଷଦ ସଭ୍ୟ ପି.ଗୌରୀ ଶଙ୍କର ଜେକେପୁର ଅଂଚଳରେ ବର୍ଷା ଜଳ ଘର ଭିତରକୁ ପଶି ଆସୁଥିବା, ରାସ୍ତାଘାଟ ନିର୍ମାଣ ନିମ୍ନ ମାନର ଯୋଗୁଁ ଭାଙ୍ଗି ଯାଉଥିବା ଏବଂ ଜିଲ୍ଲା ଚିକିତ୍ସାଳୟରେ ଶଯ୍ୟା ସମସ୍ୟା ଉପରେ ଅଭିଯୋଗ କରିଥିଲେ। କାଶୀପୁର ସଭ୍ୟ ନୀଳକଣ୍ଠ ଝୋଡିଆ ରାସ୍ତାଘାଟ ଓ ପାଣି ସମସ୍ୟା ସଂପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। ଦୀର୍ଘ ଦିନ ହେଲା ରାୟଗଡା ଓ ଗୁଣପୁରରେ ମିନି ଷ୍ଟାଡିୟମ ନିର୍ମାଣ ହୋଇପାରୁନଥିବା ନେଇ ବୈଠକରେ ଉଦବେଗ ପ୍ରକାଶ କରିଥିଲେ। ଗୁଣପୁର ମିନିଷ୍ଟାଡିୟମକୁ ତ୍ୱରାନ୍ୱିତ ପାଇଁ ଜିଲ୍ଲାପରିଷଦ ସଭାପତି ପୁରୁଷୋତମ ଗମାଙ୍ଗ ଓ ଉପଜିଲ୍ଲାପାଳଙ୍କୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାପାଳ ଅନୁରୋଧ କରିଥିଲେ। ଶେଷରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବୈଠକରେ କୋରାପୁଟ ସାଂସଦ ଝିନ୍ନ ହିକ୍‌କା, ରାଜ୍ୟସଭା ସାଂସଦ ଏନ୍.ଭାସ୍କର ରାଓ, ବିଷମକଟକ ବିଧାୟକ ଜଗନ୍ନାଥ ସାରକା, ଗୁଣପୁର ବିଧାୟକ ତ୍ରିନାଥ ଗମାଙ୍ଗ, ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ନିର୍ବାହ ଯନ୍ତ୍ରୀ ନିରଂଜନ ସାହୁ, ସିଡିଏମଓ ସରୋଜ ନାୟକ, ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ବିଡିଓ ଉପସ୍ଥିତ ଥିଲେ।



ନୂଆଦିଲ୍ଲୀ : ରାଷ୍ଟ୍ରପତି ଭବନରେ ଭାରତର ମହାମହିମ ଉପରାଷ୍ଟ୍ରପତି ଏମ୍.ଭେଙ୍କୟା ନାଇଡୁଙ୍କ ଠାରୁ 'ରାଷ୍ଟ୍ରୀୟ ଶିକ୍ଷକ ସମ୍ମାନ' ପାଇବା ଅବସରରେ ଶିକ୍ଷାବିତ୍ ତଥା ଉତ୍କଳମଣୀ ଉଚ୍ଚ ବିଦ୍ୟାପୀଠ, ବାରଙ୍ଗର ବରିଷ୍ଠ ଶିକ୍ଷକ ମୂରଲୀଧର ପରିଡା। ଉଲ୍ଲେଖଯୋଗ୍ୟ ଶ୍ରୀ ପରିଡା ଜଣେ ଆଦର୍ଶ ଶିକ୍ଷକ ଏବଂ ପ୍ରଖ୍ୟାତ ସଂଗୀତଜ୍ଞ। ଏଥିପୂର୍ବରୁ ସେ ଅନ୍ତର୍ଜାତୀୟ ବ୍ରିଟିଶ କାଉନସିଲ ପୁରସ୍କାର ପାଇଥିଲେ।

# ଶାନ୍ତି ଶୃଙ୍ଖଳାରେ ସରିଲା ପୂଜା ଓ ଭସାଣୀ




**ପାରାଦୀପ :** ଗତ ସେପ୍ଟେମ୍ବର ମାସ ୧୭ ତାରିଖରୁ ୨୩ ତାରିଖ ଦୀର୍ଘ ୭ଦିନ ଧରି ଚାଲିଥିବା ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ଉତ୍ସବ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଯାଇଛି। ଏଥିସହ ସମସ୍ତ ମେଢକୁ ସମୁଦ୍ର କୂଳରେ ଥିବା କୃତ୍ରିମ ପୁଷ୍କରିଣୀରେ ବିସର୍ଜିତ କରାଯାଇଛି। ଚଳିତ ବର୍ଷ ପୂଜାରେ ବିଭିନ୍ନ ପୂଜାମଣ୍ଡପ ପୁରସ୍କୃତ ହୋଇଥିବା ବେଳେ ଏଥର କିନ୍ତୁ ଜଗତସିଂହପୁର ଟ୍ରକ ମାଲିକ ସଂଘ ବାହ୍ୟ ସାଜସଜାରେ ପ୍ରଥମ, ମୂର୍ତ୍ତୀ ଓ ଭିତର ସାଜସଜାରେ ଦ୍ୱୀତୀୟ , ଆଲୋକ ସାଜସଜାରେ ପ୍ରଥମ ସ୍ଥାନ ଅଧିକାର କରୀ ପୁରସ୍କୃତ ହୋଇ ବାଜିମାତ କରିଛି। ଏଥିପାଇଁ ସଂଘର ସଭାପତି ସନ୍ତୋଷ କୁମାର ପଟ୍ଟନାୟକ ସମସ୍ତ ବିଚାରକ ମଣ୍ଡଳୀ, କାରୀଗର, ସମସ୍ତ ଜନସାଧାରଣ ଓ ସଭ୍ୟମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ତେବେ ଏଥରର ବିଶ୍ୱକର୍ମା ପୂଜାର ମୁଖ୍ୟ ଆକର୍ଷଣ ଥିଲା ପୌର ପରିଷଦ ଦ୍ୱାରା ବିଜୁ ମୈଦାନ ଠାରେ ନିର୍ମିତ ବିଜୁ ମିନାର, ବେଳାଭୂମି ସୌନ୍ଦର୍ଯ୍ୟକରଣ, ଆଲୋକସଜ୍ଜା ଇତ୍ୟାଦି। ପ୍ରତ୍ୟେକ ଦିନ ବାହାରୁ ଆସୁଥିବା ଜନସାଧାରଣ ଦିନ ରାତି ପର୍ଯ୍ୟନ୍ତ ଏଠାରେ ପହଞ୍ଚି ଏହି ସ୍ଥାନଙ୍କୁ ବୁଲି ଏହାର ସୌନ୍ଦର୍ଯ୍ୟକୁ ଉପଭୋଗ କରି ସଂନ୍ଧ୍ୟାରେ ବିଶ୍ୱକର୍ମା ପୂଜା ବୁଲିବାକୁ ଯାଇଥାନ୍ତି। ଏବଂ ଏଥରର ଏହି ଡବଲ ଧମାକାରେ ବହୁ ସଂଖ୍ୟାରେ ଜନସାଧାରଣଙ୍କ ଆଗମନରେ ପୋଲିସ, ପ୍ରଶାସନକୁ ଟ୍ରାଫିକ୍ ନିୟନ୍ତ୍ରଣ କରିବାରେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥିଲା। ତଥାପି ପୋଲିସ ପ୍ରଶାସନ, ପୌରପ୍ରଶାସନର ଜବରଦସ୍ତ ପ୍ରସ୍ତୁତି ଯୋଗୁଁ ଏଥରର ପୂଜା ଉତ୍ସବ ଶାନ୍ତି ଶୃଙ୍ଖଳାର ସହ ଶେଷ ହୋଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିଜେଡିରେ ...

ରୀତାଙ୍କ ପ୍ରାର୍ଥୀତ୍ୱକୁ ବିଜେଡିର ବରଗଡ଼ ଜିଲ୍ଲା ସଭାପତି ପ୍ରଭାତ ଆଦିତ୍ୟ ମିଶ୍ର ମଧ୍ୟ ବିରୋଧ ଦେଖାଇଥିଲେ। ଏପରିକି ପ୍ରଭାତ ମଧ୍ୟ କହିଥିଲେ ଯେ, ଏଥର ବିଜେପୁରରେ ରାହୁଲ ବିଜେଡି ବନାମ ନବୀନ ବିଜେଡି ଲଢ଼େଇ ହେବ। ଏଥିସହିତ ବରଗଡ଼ ଜିଲ୍ଲାର ବହୁ ପୁରୁଖା ବିଜେଡି ନେତା ମଧ୍ୟ ରୀତାଙ୍କ ପ୍ରାର୍ଥୀତ୍ୱ ସପକ୍ଷରେ ନଥିବା ଜଣାପଡିଛି। ହେଲେ ରୀତାଙ୍କୁ ପ୍ରାର୍ଥୀ କରିବା ପ୍ରତିଶ୍ରୁତି ଦେଇ ନିଜ ଦଳକୁ ଆଣିଥିବା ମୁଖ୍ୟମନ୍ତ୍ରୀ କୌଣସି ବିରୋଧର ସ୍ୱରକୁ ଗୁରୁତ୍ୱ ନଦେଇ ରୀତାଙ୍କୁ ବିଜେପୁରରୁ ପ୍ରାର୍ଥୀ ଭାବେ ଘୋଷଣା କରିଛନ୍ତି। ନିର୍ବାଚନ ତାରିଖ ଘୋଷଣା ପୂର୍ବରୁ ବିଜେଡି ସୁପ୍ରିମୋ ନବୀନ ବାବୁ ରୀତାଙ୍କ ପ୍ରାର୍ଥୀତ୍ୱ ସପକ୍ଷରେ ଗ୍ରୀନ୍ ସିଗ୍‌ନାଲ ଦେବା ପରେ ବିଜେପୁର ବିଜେଡିରେ ବିଦ୍ରୋହର ସ୍ୱର ଉଠିଥିଲେ ବି ସାଂସଦ ଶ୍ରୀ ଆଚାର୍ଯ୍ୟ ସଙ୍ଗେ ସଙ୍ଗେ ନିଜର ମତ ପରିବର୍ତ୍ତନ କରିଦେଲେ। ସେ ସ୍ୱର ବଦଳାଇ ମୁଖ୍ୟମନ୍ତ୍ରୀଙ୍କ ଘୋଷଣାକୁ ସମ୍ମାନ ଜଣାଇବା ସହ କହିଲେ ଯେ ବିଜେପୁରରେ ବିଜେଡି ଜିତିବ। ଏଥିରୁ ସ୍ପଷ୍ଟ ଜଣାପଡିଲା ଯେ, ପ୍ରସନ୍ନଙ୍କ ପାଖରେ ଆତ୍ମରକ୍ଷା ପାଇଁ ଆଉ କୌଣସି ବାଟନାହିଁ। ତେଣୁ ସେ ବିଜେଡି ପ୍ରାର୍ଥୀ ବିଜେପୁରରେ ବହୁ ଭୋଟରେ ଜିତିବାର କଥା କହି ସୁପ୍ରିମୋଙ୍କ ମନ ଜିଣିବାକୁ ଚେଷ୍ଟା କରିଛନ୍ତି। ଅନ୍ୟପକ୍ଷରେ ଦଳର ସାଧାରଣ ସମ୍ପାଦକ ତଥା ମୁଖପାତ୍ର ଦେବାଶିଷ ସାମନ୍ତରାୟ ମଧ୍ୟ ରୀତାଙ୍କ ପ୍ରାର୍ଥୀତ୍ୱ ସପକ୍ଷରେ ଦୃଢ଼ୋକ୍ତି ରଖିଛନ୍ତି। ସେ କହିଛନ୍ତି ବିଜେପୁର ନିର୍ବାଚନ ଦାୟିତ୍ୱ ପ୍ରସନ୍ନଙ୍କୁ ଦିଆଯିବ ଏବଂ ଏହି ଦାୟିତ୍ୱ ସେ ନିଶ୍ଚୟ ନେବେ। ଉଲ୍ଲେଖଯୋଗ୍ୟ, ପୂର୍ବରୁ ବିଜେପୁର ଉପନିର୍ବାଚନର ଭାର ନେବାକୁ ମନା କରିଦେଇଥିଲେ ପ୍ରସନ୍ନ। କିନ୍ତୁ ପରିବର୍ତ୍ତିତ ପରିସ୍ଥିତିରେ ନବୀନଙ୍କ ଆଭିମୁଖ୍ୟ ଦେଖି ପ୍ରସନ୍ନ ଏଭଳି କହିବାକୁ ବାଧ ହୋଇଛନ୍ତି ବୋଲି ଆଲୋଚନା ହେଉଛି। କଂଗ୍ରେସର ଦୁର୍ଗ ଭାବେ ପରିଚିତ ବିଜେପୁର ଆସନରୁ ରୀତା ବିଜେଡି ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିବାକୁ ନେଇ ସେଠାରେ ବିଜେଡି କର୍ମୀଙ୍କ ମଧ୍ୟରେ ଘୋର ଅସନ୍ତୋଷ ଦେଖାଦେଲାଣି। ଏହାର ପ୍ରମୁଖ କାରଣ ବିଜୁ ପରିବାର ଓ ନବୀନଙ୍କ ସହ ସମ୍ପର୍କ ଥିବା ଏବଂ ୨୦୦୦ ମସିହାରେ ବିଜେଡି ଟିକଟରେ ନିର୍ବାଚନ ଲଢ଼ିଥିବା ପୂର୍ବତନ ବିଧାୟକ ଅଶୋକ ପାଣିଗ୍ରାହୀଙ୍କୁ ଯେଭଳି ଉପେକ୍ଷା କରାଯାଇ ତାଙ୍କ ସ୍ଥାନରେ ରୀତାଙ୍କୁ ନିଆଯିବା ଯଦିଓ ଅତୀତରେ ଅଶୋକଙ୍କୁ ଟିକଟରୁ ବଞ୍ଚିତ କରି ପ୍ୟାରୀ ମହାପାତ୍ରଙ୍କ ଅନୁଗତ ପ୍ରତାପ ଆଦିତ୍ୟ ମିଶ୍ରଙ୍କୁ ବିଜେଡି ଟିକଟ ମିଳିଥିଲା ଓ ସେ ମଧ୍ୟ ହାରି ଯାଇଥିଲେ। ପ୍ରତାପଙ୍କ ହାରିବା ପଛରେ ଅଶୋକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। କାରଣ ଅଶୋକ ବିଜେଡି ଟିକଟରୁ ବଞ୍ଚିତ ହୋଇ ସେଠାରେ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିଥିଲେ। ଏହି ନିର୍ବାଚନରେ ସୁବଳଙ୍କ ଜିତାପଟ ହୋଇଥିଲା। ସଂପ୍ରତି ମୁଖ୍ୟମନ୍ତ୍ରୀ ରୀତାଙ୍କୁ ଆନୁଷ୍ଠାନିକ ଭାବେ ବିଜେପୁର ପାଇଁ ପ୍ରାର୍ଥୀ ଘୋଷଣା କରିବା ପରେ ସେଠାରେ ବିଦ୍ରୋହର ନିଆଁ ଜଳିବାର ଆଶଙ୍କା ସୃଷ୍ଟି କରିଛି। ଏହି ମର୍ମରେ ଅଶୋକ ମଧ୍ୟ ନବୀନ ବାବୁଙ୍କୁ ଏକ ପତ୍ର ଲେଖି ଜଣାଇଛନ୍ତି। ସେଥିରେ ଅଶୋକ ଉଲ୍ଲେଖ କରିଛନ୍ତି ଯେ ନବୀନ ବାବୁ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ଦ୍ୱାରା ପରିଚାଳିତ ହେଉଥିବା ଧାରଣା କ୍ରମଶଃ ବ୍ୟାପୁଛି। ଅନ୍ୟପକ୍ଷରେ କଂଗ୍ରେସ ସେଠାରେ ଜଣେ ଯୋଗ୍ୟ ପ୍ରାର୍ଥୀଙ୍କୁ ମଇଦାନକୁ ଆଣିବ ବୋଲି ଜଣାପଡିଛି। ବିଜେପି ନିଜର ପ୍ରାର୍ଥୀ ସ୍ଥିର କରିନଥିଲେ ବି ଅଶୋକ ଯେ ବିଜେପିରେ ଯୋଗ ନଦେବେ ଏହାକୁ ମଧ୍ୟ ଅସ୍ୱୀକାର କରିହେଉନି। ଏଭଳି ସ୍ଥିତିରେ ୩ ଦଳଙ୍କ ପାଇଁ ବିଜେପୁର ଆସନ ବହୁ ସମସ୍ୟା ସୃଷ୍ଟି କରିବାର ଆଶଙ୍କା ଦେଖାଦେଇଛି। ତେଣୁ ପୋଖତ ଗୋଟି ଚାଳନା ହିଁ ବିଜେପୁରରେ ନିର୍ଣ୍ଣାୟକ ଭୂମିକା ନେବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ତେବେ ବିଜେପୁର ଆସନକୁ ନେଇ ଉଭୟ ଅଶୋକ ଓ ପ୍ରସନ୍ନ ଦୋ'ଛକିରେ ଥିବା ଚର୍ଚ୍ଚା ମଧ୍ୟ ଜୋର ଧରିଛି। ହେଲେ ବର୍ତ୍ତମାନ ପରିପ୍ରେକ୍ଷୀରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ଅଶୋକ ପାଣିଗ୍ରାହୀ ଗଣମାଧ୍ୟମକୁ ଦେଇଥିବା ସାଂଘାତିକ ଅଭିଯୋଗ। ଶ୍ରୀ ପାଣିଗ୍ରାହୀ ଅଭିଯୋଗ କରିଛନ୍ତି ଯେ, ୨୦୧୪ ସାଧାରଣ ନିର୍ବାଚନରେ ବିଜେପୁର ନିର୍ବାଚନ ମଣ୍ଡଳୀରେ ବିଜେଡି ପ୍ରାର୍ଥୀ ପ୍ରସନ୍ନ ଆଚାର୍ଯ୍ୟଙ୍କୁ ହରାଇବା ପାଇଁ ତାଙ୍କୁ ବିଦ୍ରୋହୀ ପ୍ରାର୍ଥୀ ଭାବେ ଲଢ଼ିବାକୁ କୁହାଯାଇଥିଲା। ଏଥିରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ସମର୍ଥନ ରହିଥିଲା। ତେବେ ନବୀନ ଏହି ଅଭିଯୋଗକୁ ମିଥ୍ୟା ଓ ଭିତ୍ତିହୀନ ବୋଲି କହିଛନ୍ତି। ପାଣିଗ୍ରାହୀ ଆହୁରି ମଧ୍ୟ କହିଛନ୍ତି ଯେ, ସ୍ୱର୍ଗତଃ କଳ୍ପତରୁ ଦାସ ତାଙ୍କୁ ଏଥିପାଇଁ ବାଧ କରିଥିଲେ। ଯଦିଓ ୨୦୧୪ ନିର୍ବାଚନ ପରେ ଶ୍ରୀ ପାଣିଗ୍ରାହୀଙ୍କୁ ଦଳ ବିରୋଧୀ କାର୍ଯ୍ୟ ପାଇଁ ବିଜେଡିରୁ ବହିଷ୍କୃତ କରାଯାଇଥିଲା। ଏବେ ଶ୍ରୀ ପାଣିଗ୍ରାହୀ ଉଠାଇଥିବା ଅଭିଯୋଗର ସତ୍ୟତାକୁ ନେଇ ସବୁ ରାଜନୈତିକ ମହଲରେ ଗୁଞ୍ଜରଣ ସୃଷ୍ଟି ହୋଇଛି।

### ଏତେ ଅନୁକମ୍ପା ...

କାର୍ଗୋ ଲୋଡିଂ ଜାହାଜ ମାନଙ୍କରେ ଲୋଡ କରୁଛି। ନିୟମ ଅନୁସାରେ ଏହି ବର୍ଥରେ ୨୩୦ ମିଟର ଲମ୍ବ ପର୍ଯ୍ୟନ୍ତ ଜାହାଜ ବର୍ଥ ହେବା କଥା। ମାତ୍ର ଆଶ୍ଚର୍ଯ୍ୟର ବିଷୟ ଏହି ବର୍ଥରେ ୨୩୦ ମିଟରରୁ ଅଧିକ ଦୈର୍ଘ୍ୟ ବିଶିଷ୍ଟ ଜାହାଜ ମାନଙ୍କୁ ବର୍ଥ କରିବା ପାଇଁ ବନ୍ଦର କର୍ତ୍ତୃପକ୍ଷ ଅନୁମତି ପ୍ରଦାନ କରିଛନ୍ତି। ଯାହାଫଳରେ କି ବନ୍ଦର ମାଧ୍ୟମରେ ରପ୍ତାନୀ ଆମଦାନୀ କରୁଥିବା ଅନ୍ୟ ସଂସ୍ଥା ମାନେ କ୍ଷତିଗ୍ରସ୍ତ ହେଉଛନ୍ତି। ୨୩୦ ମିଟର ଦୈର୍ଘ୍ୟରୁ ଅଧିକ ଲମ୍ବର ଜାହାଜ ସିକ୍ୟୁ ୩ ରେ କେବଳ ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଲାଗି ପାରିବ କିମ୍ବା ସେଲ୍ ହୋଇପାରିବବାର ବ୍ୟବସ୍ଥା ଥିଲେ ବି ସେହି ସମୟରେ ସିକ୍ୟୁ ୧ ଓ ସିକ୍ୟୁ ୨ ବର୍ଥ ଖାଲି ରହିବାର ନିୟମ ବନ୍ଦର କର୍ତ୍ତୃପକ୍ଷ ଲାଗୁ କରିଛନ୍ତି। ଏହି ନିୟମ ଅନୁସାରେ ବନ୍ଦର କର୍ତ୍ତୃପକ୍ଷ ଏସ୍‌ଆର ଜାହାଜ ସିକ୍ୟୁ ୩ରେ ଲାଗିବା ପାଇଁ ସିକ୍ୟୁ ୧ ଓ ସିକ୍ୟୁ ୨ ରେ ଥିବା ଜାହାଜକୁ ଅନ୍ୟ ବର୍ଥକୁ ସ୍ଥାନାନ୍ତରିତ କରୁଛନ୍ତି। ନଚେତ୍ ସିକ୍ୟୁ ୧ ଓ ସିକ୍ୟୁ ୨ ବର୍ଥକୁ ଖାଲି ରଖୁଛନ୍ତି। ଏହା ଫଳରେ ପାରାଦୀପ ବନ୍ଦରର ରାଜସ୍ୱ ହାନୀ ଘଟୁଥିବା ସଙ୍ଗେ ସଙ୍ଗେ ଅନ୍ୟ ରପ୍ତାନୀ ଓ ଆମଦାନୀକାରୀ ସଂସ୍ଥା ମାନେ ବିପୁଳ କ୍ଷତିର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। କାରଣ ସେମାନଙ୍କର ଜାହାଜ ଗୁଡିକୁ ଦିନ ଦିନ ଧରି ଅପେକ୍ଷା କରିବାକୁ ପଡୁଛି ଓ ସେମାନେ ବୈଦେଶିକ ମୁଦ୍ରାରେ ଜାହାଜ ମାଲିକ ମାନଙ୍କୁ ଡେମରେଜ୍ (କ୍ଷତିପୁରଣ) ଗଣୁଛନ୍ତି। ବନ୍ଦର କର୍ତ୍ତୃପକ୍ଷ ଏତାଦୃଶ ଏସ୍‌ଆର୍ ପ୍ରୀତି ଅନେକଙ୍କୁ ଆଚମ୍ବିତ ଓ ବ୍ୟଥିତ କରିଛି। ପାରାଦୀପ ବନ୍ଦର ଭାରତ ସରକାରଙ୍କର ଏକ ବୃହତ ବନ୍ଦର ହୋଇଥିବାରୁ ଏପରି ପକ୍ଷପାତିତା କାର୍ଯ୍ୟର ଏକ ତଦନ୍ତ କରାଯିବା ପାଇଁ ସାଧାରଣରେ ଦୃଢ଼ ଦାବି ହେଉଛି।

### ବକେୟା...

ଏମିତିକି ତ୍ୱରିତ କାର୍ଯ୍ୟାନ୍ୱୟନ ପାଇଁ ସରକାରଙ୍କ ପକ୍ଷରୁ ଯେତେ ନୀତି ନିୟମ ଓ ନିର୍ଦ୍ଦେଶନାମା ଜାରି କରାଗଲେ ମଧ୍ୟ ତାହା କାର୍ଯ୍ୟକାରୀ ହେଉନାହିଁ। ଆସନ୍ତା ଅକ୍ଟୋବର ସୁଦ୍ଧା ଯଦି ତହସିଲ ଓ ଜିଲା ପ୍ରଶାସନରେ ଥିବା ବକେୟା ମାମଲା ଗୁଡିକର ପରିସମାପ୍ତି ନହୁଏ ତେବେ ସରକାରଙ୍କ ପକ୍ଷରୁ ଏହାକୁ ଗୁରୁତର ସହ ଗ୍ରହଣ କରାଯିବ। ସଂପୃକ୍ତ ଅଧିକାରୀଙ୍କ ବିରୋଧରେ ସରକାରୀ କାର୍ଯ୍ୟ ଅବମାନନା ନେଇ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ସବୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ମୁଖ୍ୟ ଶାସନ ସଚିବ ଶ୍ରୀ ପାଢ଼ୀ ଦର୍ଶାଇଛନ୍ତି ଯେ ରାଜସ୍ୱ ବିଭାଗ ପକ୍ଷରୁ ଜନସାଧାରଣଙ୍କ ୪୨ ପ୍ରକାର ସେବା ଯୋଗାଇ ଦିଆଯାଉଛି। ଏହିସେବା ସାଧାରଣ ଲୋକେ ବିନା ଦ୍ୱିଧା ଓ ଅନାୟାସରେ ପାଇବା କଥା। ଯଦି କୌଣସି ବିଭାଗୀୟ ଅଧିକାରୀ କାର୍ଯ୍ୟରେ ବିଳମ୍ବ କରୁଛନ୍ତି ତେବେ ସେ କ୍ଷେତ୍ରରେ ଜୋରିମାନା କରାଯାଇ ଦଣ୍ଡିତ କରାଯିବାର ବିଧି ବ୍ୟବସ୍ଥା ରହିଛି। ଏମିତିକି କୌଣସି ଅଧିକାରୀ ଉଦ୍ଦେଶ୍ୟମୂଳକ ଭାବେ କାର୍ଯ୍ୟ କରୁଥିବା ପ୍ରମାଣିତ ହେଲେ ସଂପୃକ୍ତ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଇପାରିବ। ଏ ସଂକ୍ରାନ୍ତରେ ଜୁନ୍‌ରେ ଅନୁଷ୍ଠିତ ଜିଲ୍ଲାପାଳ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ତାଗିଦ କରିବା ସହିତ ନିର୍ଦ୍ଦେଶନାମା ମଧ୍ୟ ଜାରି କରିଛନ୍ତି। ସେଥିରେ ଯଥାଶୀଘ୍ର ଦାଖଲ ଖାରଜ ମାମଲା ଫଏସଲା କରିବା ସହିତ ତହସିଲ ପ୍ରଶାସନକୁ ଜମିଜମା ମାମଲାମୁକ୍ତ କରିବାକୁ କୁହାଯାଇଛି। ଏହାପରେ ରାଜସ୍ୱ ବିଭାଗ ପ୍ରମୁଖ ଶାସନ ସଚିବ ଡ ଚନ୍ଦ୍ରଶେଖର କୁମାର ମଧ୍ୟ ଜୁଲାଇ ୧୪ରେ ସମୀକ୍ଷା କରି କାର୍ଯ୍ୟାନ୍ୱୟନର ଅଗ୍ରଗତି ପରଖିଛନ୍ତି। ତଥାପି ତହସିଲ ପ୍ରଶାସନରେ କାର୍ଯ୍ୟ ଆଗକୁ ବଢୁନାହିଁ କିମ୍ବା ବକେୟା ମାମଲା ଗୁଡିକର ସମାଧାନ କରାଯାଉନାହିଁ। ପ୍ରଶାସନରେ ପଡି ରହିଥିବା ମାମଲା ଏବଂ ଫଏସଲା ମାମଲାର ତଥ୍ୟରେ ଆକାଶ ପାତାଳ ପ୍ରଭେଦ ରହିଛି। ଜିଲ୍ଲାପାଳଙ୍କ ସମନ୍ୱୟ ଅଭାବ ଯୋଗୁଁ ଏସବୁରେ ବ୍ୟତିକ୍ରମ ପରିଲକ୍ଷିତ ହେଉଛି। ଆଗାମୀ ଦିନରେ ଏହାକୁ ସରକାର ବରଦାସ୍ତ କରିବେ ନାହିଁ। ଯେଉଁ ତହସିଲ ପ୍ରଶାସନରେ କାର୍ଯ୍ୟ ମନ୍ଥର ପ୍ରମାଣିତ ହେବ ସଂପୃକ୍ତ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟ ସଚିବ ଶ୍ରୀ ପାଢ଼ୀ ସବୁ ଜିଲାପାଳଙ୍କୁ କଡା ଭାଷାରେ ନିର୍ଦ୍ଦେଶ ଦେଇଛନ୍ତି। ୨୦୧୨ ଜୁଲାଇରେ ତତ୍କାଳୀନ ମୁଖ୍ୟ ଶାସନ ସଚିବ ସବୁ ଜିଲାପାଳଙ୍କୁ ଏ ସଂକ୍ରାନ୍ତରେ ଏକ ନିର୍ଦ୍ଦେଶନାମା ଜାରି କରିଥିଲେ। ସେଥିରେ ବିବିଧ ପ୍ରମାଣ ପତ୍ର ପାଇଁ ୧୫ଦିନ ରଖିଥିବାବେଳେ ଅନ୍ୟ ମାମଲାଗୁଡିକର ଦିନ ଧାର୍ଯ୍ୟ କରିଥିଲେ। ସମୟ ଅବଧି ଭିତରେ ପ୍ରଶାସନ ପକ୍ଷରୁ ଲୋକଙ୍କୁ ସେବା ନଯୋଗାଇଲେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉଲ୍ଲେଖ କରିଥିଲେ। ଏ ମଧ୍ୟରେ ୫ବର୍ଷ ବିତି ଯାଇଥିଲେ ବି ପ୍ରଶାସନିକ ସ୍ତରରେ ସେଭଳି କିଛି କାର୍ଯ୍ୟଧାରା ଆଗେଇ ନାହିଁ। ଚଳିତବର୍ଷ ଜୁନ୍‌ରେ ହୋଇଥିବା ସମୀକ୍ଷାରୁ ଜଣାଯାଇଛି ଯେ ରାଜ୍ୟର ସବୁ ତହସିଲରେ ଏପର୍ଯ୍ୟନ୍ତ ୧୫% କାର୍ଯ୍ୟ ଶେଷ ହୋଇନି। କାର୍ଯ୍ୟାନ୍ୱୟନରେ ଯାଜପୁର ସବୁଠାରୁ ପଛୁଆ ୧% କାର୍ଯ୍ୟ ହୋଇଥିବାବେଳେ ସମ୍ବଲପୁରରେ ୯% ଓ ସର୍ବାଧିକ କାର୍ଯ୍ୟ ମୟୂରଭଞ୍ଜରେ ୨୭ ପ୍ରତିଶତ ଜଣାପଡିଛି।

# ଐତିହ୍ୟ ଓ ପରମ୍ପରାରେ ଦୁର୍ଗାପୂଜା





ଗୀତାଞ୍ଜଳି ଦାଶ

ଭାରତୀୟ ପରମ୍ପରାରେ ପର୍ବପର୍ବାଣୀ ଏକ ମୁଖ୍ୟ ସ୍ଥାନ ଅଧିକାର କରିଛି। ହିନ୍ଦୁ ସଂସ୍କୃତିରେ ବାରମାସରେ ତେର ପୂଜାର ପରମ୍ପରା ରହିଆସିଛି। ସେଥିମଧ୍ୟରୁ ଦୁର୍ଗାପୂଜା ଏକ ପ୍ରମୁଖ ପର୍ବ। ଦୁର୍ଗାପୂଜାକୁ ଦଶହରା ବା ବିଜୟାଦଶମୀ ମଧ୍ୟ କୁହାଯାଏ। ଅଙ୍ଗ-ବଙ୍ଗ-କଳିଙ୍ଗ ଏହି ତିନି ପ୍ରାନ୍ତରେ ନିଷ୍ଠାର ସହ ଦୁର୍ଗାପୂଜା ପାଳିତ ହୋଇଥାଏ। ବୈଦିକ ଯୁଗରୁ ଆର୍ଯ୍ୟପୁତ୍ରମାନେ ଏହି ପୂଜା କରିଆସୁଛନ୍ତି। ସକଳ ଦୁର୍ଗତିରୁ ପରିତାଣ କର ବୋଲି ହେ ଦେବୀ। ତୁମେ ଦୁର୍ଗା ନାମରେ ପୂଜିତ (ମହାଭାରତରେ ବର୍ଣ୍ଣିତ)। ଶବ୍ଦ କଳ୍ପଦ୍ରୁମରେ ବର୍ଣ୍ଣିତ ଅଛି – ଦ' ଶବ୍ଦର ଅର୍ଥ ଦୈତ୍ୟ ନାଶିନୀ, ର' କାରର ଅର୍ଥ ସର୍ବ ବିଘ୍ନବିନାଶିନୀ, ରେଫ୍ ବୁଝାଏ ସର୍ବରୋଗ ବିନାଶିନୀ, ଗ' ଅକ୍ଷରର ଅର୍ଥ ପାପ ବିନାଶିନୀ ଏବଂ ଆ' କାରର ଅର୍ଥ ହୁଏତ ସ୍ନେହ ଓ ବାତ୍ସଲ୍ୟ। ମମତା ପ୍ରଦାୟିନୀ ଦେବୀ ପୁରାଣ ଅନୁସାରେ ସେ' ଦୁର୍ଗର ରକ୍ଷାକାରୀ"।

ଆଶ୍ୱିନମାସ ଶୁକ୍ଳପକ୍ଷ ଦଶମୀରେ ଆଦ୍ୟାଶକ୍ତି ଦୁର୍ଗାଙ୍କର ମର୍ତ୍ତ୍ୟରେ ଆବିର୍ଭାବ ଘଟିଥିଲା। ଦଶଦିନ ପର୍ଯ୍ୟନ୍ତ ଦେବୀଙ୍କର ଆରାଧନା କରାଯାଏ ବୋଲି ଏହାର ନାମ ଦଶହରା ମଧ୍ୟ ରଖାଯାଇଛି। ଶକ୍ତିପୂଜା ଭାରତୀୟ ସଂସ୍କୃତିର ଅତି ପ୍ରାଚୀନ। ସତ୍ୟଯୁଗରେ "ସୁରଥ", ତ୍ରେତୟାଯୁଗରେ ରଘୁକୁଳ ତିଳକ ରାମଚନ୍ଦ୍ର ଏହି ଆଦ୍ୟାଶକ୍ତିଙ୍କୁ ପୂଜା କରୁଥିଲେ। ଦୁର୍ଗାପୂଜା କେବଳ ଶାକ୍ତମାନଙ୍କ ପାଖରେ ଆବଦ୍ଧ ନୁହେଁ। ରକ୍ଷଣଶୀଳ ହିନ୍ଦୁଠାରୁ ଭାରତର ପାର୍ବତ୍ୟାଧିବାସୀ ପର୍ଯ୍ୟନ୍ତ ସମସ୍ତେ ଏହି ଦେବୀଙ୍କ ଆରାଧନା କରି ଆସୁଛନ୍ତି।

ଉତ୍କଳର ଦୁର୍ଗାପୂଜା ବହୁ ପ୍ରାଚୀନ କାଳରୁ ସମରୋତ୍ସବ ରୂପେ ପାଳିତ ହେଉଅଛି। ବର୍ଷାଋତୁ ପୂର୍ବରୁ ଉତ୍କଳୀୟମାନେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରି କୃଷି କାର୍ଯ୍ୟରେ ମନୋନିବେଶ କରୁଥିଲେ। ପୁଣି ଦୁର୍ଗାପୂଜା ପରେ ସେମାନଙ୍କର ବିଜୟ ଯାତ୍ରା ଆରମ୍ଭ ହେଉଥିଲା। ଓଡ଼ିଶାର ପୁରପଲ୍ଲୀରେ ଏବେ ମଧ୍ୟ ଦଶହରାଦିନ ଅସ୍ତ୍ରଶସ୍ତ୍ର ପୂଜା ଓ ପାଇକ ନୃତ୍ୟ ପ୍ରଚଳିତ ଅଛି। ଦୁର୍ଗାପୂଜା ସମରଦେବୀ ରୂପେ ପରିଚିତ। ପୂର୍ବେ ରାଜାମାନଙ୍କ ଦ୍ୱାରା ସାରା ଭାରତରେ ଦଶହରା ପର୍ବ ଜାକଜମକରେ ପାଳିତ ହେଉଥିଲା। ବିଜୟଶ୍ରୀ ମଣ୍ଡିତ ହେବା ଲାଗି ରାଜନ୍ୟବୃନ୍ଦ ଓ କ୍ଷତ୍ରିୟମାନେ ସମରପ୍ରିୟ ଦେବୀ ଦୁର୍ଗାଙ୍କର ଆଶ୍ୱିନ ଶୁକ୍ଳଦଶମୀରେ ଆରାଧନା କରୁଥିଲେ। ବ୍ରିଟିଶ ଶାସନ ପୂର୍ବରୁ ଭାରତୀୟ ନରପତିଗଣ ଦଶହରାକୁ ସମାରୋହ୍ସବ ରୂପେ ପାଳନ କରି ଆସୁଥିଲେ। କାଳକ୍ରମେ ଆସିଲା ପୌରାଣିକ ଯୁଗ। ମଣିଷର ଏଇ ମାତୃଶକ୍ତି ଉପାସନା ସହିତ ଯୋଡି ଦିଆଗଲା କେତେ ପୌରାଣିକ କାହାଣୀ। ମହିଷାସୁର ନାମକ ଦାନବ, ଦେବଲୋକରେ ଆତଙ୍କ ସୃଷ୍ଟି କରିଥିଲା। ଦେବତାମାନଙ୍କୁ ସେମାନଙ୍କ ସୁଖ ସମ୍ଭୋଗରୁ ବଞ୍ଚିତ କରୁଥିଲା। ଶେଷରେ ଦେବଶକ୍ତି ଏକତ୍ରିତ ହୋଇ ପରମ ପୁରୁଷ ବିଷ୍ଣୁଙ୍କ ସ୍ତୁତି କଲେ। ବିଷ୍ଣୁ ପ୍ରସନ୍ନ ହୋଇ ଦୁର୍ଗା ରୂପରେ ଜନ୍ମ ହୋଇ ମହିଷାସୁରକୁ ବିନାଶ କଲେ। ଦଶହରା ଦିନ ଏହା ସମ୍ଭବ ହୋଇଥିବାରୁ ସ୍ମୃତି ପରିଧିରେ ଏହିଦିନ ପାଳିତ ହେଉଛି ଦୁର୍ଗାପୂଜା।



ବାଲ୍ମୀକି ରାମାୟଣ ବ୍ୟତୀତ ଓ ଅନ୍ୟାନ୍ୟ ପ୍ରାଦେଶିକ ରାମାୟଣ, ପୁରାଣ ଏବଂ କାବ୍ୟରେ ଏହା ମଧ୍ୟ ଉଲ୍ଲେଖ ଅଛି – ରାବଣ ବିନାଶ ନିମିତ୍ତ ଆଶ୍ୱିନ ଶୁକ୍ଳଦଶମୀରେ ଦୁର୍ଗାଙ୍କୁ ଆରାଧନା ପୂର୍ବକ ପ୍ରୀତ କରାଇ ରାମ ଲଙ୍କାପ୍ରତି ବିଜୟଯାତ୍ରା ଆରମ୍ଭ କରିଥିଲେ। ଦଶହରା ଦିନ ମଧ୍ୟ ରାବଣବଧ କରିଥିଲେ ବୋଲି ବର୍ଣ୍ଣନା ରହିଛି।

ଦଶହରା ସହିତ ମହାଭାରତର ଦୁଇଟି ପ୍ରସଙ୍ଗ ସଂଶ୍ଳିଷ୍ଟ। କୌରବବର୍ଗଙ୍କ, ବିରାଟ ରାଜାଙ୍କ ଗୋବତ୍ସା ହରଣକୁ ଅର୍ଜୁନ ଏହି ଦିନ ସ୍ୱକୀୟ ବୀରତ୍ୱରେ ପ୍ରତିହତ କରିଥିଲେ। ତେଣୁ ରାଜା ବିରାଟ ସେହି ସ୍ମୃତିରେ ଏକ ବିଜୟୋତ୍ସବର ଆୟୋଜନ କରିଥିଲେ। ଦ୍ୱିତୀୟ ଘଟଣାଟି ମହାଭାରତ ଯୁଦ୍ଧ ପ୍ରାକ୍‌କାଳରେ ଅର୍ଜୁନ କୃଷ୍ଣଙ୍କ ନିର୍ଦ୍ଦେଶରେ ଶତ୍ରୁ ବିଜୟ ନିମିତ୍ତ ଦୁର୍ଗା ପୂଜନ କରିଥିଲେ।

ଦୁର୍ଗାପୂଜା ସ୍ଥାନଭେଦରେ ଷୋଡଦିବସ, ନବଦିବସ, ପଞ୍ଚଦିବସ, ତ୍ରିଦିବସ ବା ଏକ ଦିବସ ବିଶିଷ୍ଟ ହୋଇଥାଏ। ଏହି ସମୟରେ ଦୁର୍ଗାଙ୍କ ଭିନ୍ନ ଭିନ୍ନ ରୂପକୁ ପୂଜା କରାଯାଇଥାଏ। ଓଡ଼ିଶାର ଭଗବତୀ, ମଙ୍ଗଳା, ବିମଳା, ଶାରଳା, ଚର୍ଚ୍ଚିକା, ସମଲାଇ, ବିରଜା ଓ ହିଙ୍ଗୁଳା ପ୍ରଭୃତି ଅଷ୍ଟ ଶକ୍ତିପୀଠରେ ଷୋଡଶ ଦିବସ ବ୍ୟାପୀ ତାନ୍ତ୍ରିକ ପୂଜା ହୁଏ। ଏତଦ୍‌ବ୍ୟତୀତ ନାରାୟଣୀ, କଟକଚଣ୍ଡୀ ଓ ତାରାତାରିଣୀ ଆଦି ପ୍ରସିଦ୍ଧ ଶକ୍ତିପୀଠମାନଙ୍କରେ ଦୁର୍ଗାପୂଜାକୁ ଉପଯୁକ୍ତ ରୀତିରେ ପାଳିତ ହୋଇଥାଏ। କେତେକ ପୀଠରେ ଦେବୀଙ୍କ ନିକଟରେ ପଶୁବଳି ପଡେ। ଏହିଭଳି ପ୍ରଥାର ବିଲୋପ କରାଯିବା ବାଞ୍ଛନୀୟ। ନିରୀହ ଜୀବକୁ ହତ୍ୟା କରିବାର ପରମ୍ପରା ଶାସ୍ତ୍ର ଅନୁମୋଦିତ ନୁହେଁ। ମଣିଷ ନିଜର ସ୍ୱାର୍ଥସାଧନ ପାଇଁ ପଶୁବଳି ପରି ଘୋର ଅପରାଧଠୁ ଦୂରେଇ ରହି 'ଜୀବେ ଦୟା' ବାକ୍ୟକୁ ସଫଳ କରିବା ଉଚିତ୍। ୧୯୮୫ରୁ ଜନସଚେତନତା ଫଳରେ କଟକଚଣ୍ଡୀଙ୍କଠାରେ ପଶୁବଳି ବନ୍ଦ ରହିଛି। ଏହିପରି ସବୁ ପୀଠରେ ପଶୁବଳିକୁ ବନ୍ଦ କରିବା ବାଞ୍ଛନୀୟ। ସାମ୍ପ୍ରତିକ ଯୁଗରେ ମୃଣ୍ମୟୀ ଦୁର୍ଗାପୂଜାର ପ୍ରଚଳନ ବ୍ୟାପକ ହୋଇଛି। ସହରବଜାର, ଗାଁ ଗଣ୍ଡା ଆଦି ପ୍ରତ୍ୟେକ ସ୍ଥାନରେ ମୃଣ୍ମୟୀ ଦୁର୍ଗାମୂର୍ତ୍ତି ଆରାଧିତ ହେଉଛନ୍ତି। ସୁସଜ୍ଜିତ ପୂଜାମଣ୍ଡପସ୍ଥ ମେଢ଼ରେ କମନୀୟ ଦୁର୍ଗାମୂର୍ତ୍ତି ପୂଜିତ ହୁଅନ୍ତି। ଆଶ୍ୱିନ ଶୁକ୍ଳପକ୍ଷ ସପ୍ତମୀ, ଅଷ୍ଟମୀ ଓ ନବମୀ ତିନିଦିନ କାଳ ମହାପୂଜା ହୋଇଥାଏ। ଦଶମୀ ଦିନ ଦେବୀଙ୍କର ବିସର୍ଜନ ପୂଜା ଅନୁଷ୍ଠିତ ହୁଏ। ଦୁର୍ଗାପୂଜା ଉପଲକ୍ଷେ ଆଜିକାଲି ନୃତ୍ୟଗୀତର ଆୟୋଜନ କରାଯାଉଛି। ଦୋକାନ, ବଜାରରେ ରିହାତି ଦରରେ ଦୁର୍ଗାପୂଜା ଉପଲକ୍ଷେ ସମସ୍ତ ସାମଗ୍ରୀ ପ୍ରାପ୍ତ ହେଉଛି।

ସକଳ କାର୍ଯ୍ୟ ସମ୍ପାଦନ ନିମିତ୍ତ ଶକ୍ତିର ଆବଶ୍ୟକତା ଅପରିହାର୍ଯ୍ୟ। ଶକ୍ତି ବିଭିନ୍ନ ରୂପରେ ବିଭିନ୍ନ ଭାବରେ ବହୁ ପ୍ରାଚୀନ କାଳରୁ ଭାରତରେ ଆରାଧିତ ହେଉଛନ୍ତି। ତାଙ୍କରି ଆଶୀର୍ବାଦ ଲାଭ କରି ଶକ୍ତିମାନ ହେବାକୁ ଆଜି ବିଜ୍ଞାନ ଯୁଗରେ ଲୋକେ ଦୁର୍ଗାପୂଜା କରୁଛନ୍ତି। ବାହ୍ୟ ଆଡମ୍ବର ସଙ୍ଗେ ସଙ୍ଗେ ଆଧ୍ୟାତ୍ମିକତା ବୃଦ୍ଧି ଘଟିଲେ ଏହି ପର୍ବ ପାଳନର ଉଦ୍ଦେଶ୍ୟ ସଫଳ ହେବ।

*କଳିଙ୍ଗନଗର-୭, ଭୁବନେଶ୍ୱର*

# ବଳି କାହାଣୀ



ବିପିନ ବିହାରୀ ମହାନ୍ତି



ପାର୍ବଣ ଋତୁ ଆସିଲେ ବିଶେଷ କରି ଦୁର୍ଗାପୂଜା ଅବସରରେ ଶକ୍ତିପୀଠ ମାନଙ୍କରେ ଠାକୁରାଣୀମାନଙ୍କ ପାଖରେ ବଳିଭୋଗ ପ୍ରଥା ବହୁଦିନରୁ ଚଳି ଆସୁଛି। ଏହି ବଳିଭୋଗ ସାଧାରଣତଃ କୋଉ ଫୁଲ, ଫଳ ଓ ଜୀବବିଶେଷ ବଳି ବା ହାଣ ପକାଇବା ଅର୍ଥରେ ବୁଝାଏ। ଏହା ଏକ କରୁଣ ଏବଂ ବିଭତ୍ସ ଦୃଶ୍ୟ। ରକ୍ତରଂଜିତ ଏହି ପୀଠମାନଙ୍କର ଦୃଶ୍ୟ ଯିଏ ଦେଖେ ତା' ହୃଦୟ ନିଶ୍ଚିତ ମାନବିକତାର ଦାୟାର୍ଦ୍ଦରେ ଚିତ୍କାର କରିଉଠିବ। ବଳିମାନେ ସତରେ କ'ଣ (?) ଆସନ୍ତୁ କେତୋଟି ଦୃଷ୍ଟାନ୍ତ ନେଇ ବିଚାର କରିବା।

ସପ୍ତଶତୀ ଚଣ୍ଡୀ' ପୁରାଣରେ ବର୍ଣ୍ଣିତ ସୁରଥ ବୋଲି ଜଣେ ରାମଚନ୍ଦ୍ରଙ୍କ ପୂର୍ବଜ ସୂର୍ଯ୍ୟବଂଶୀ ରାଜାଥିଲେ। ସେ ଶତ୍ରୁମାନଙ୍କ ଦ୍ୱାରା ପରାଜିତ ହୋଇ ଜଙ୍ଗଲକୁ ପଳାୟନ କରିଥିଲେ। ସେହି ସମୟରେ ସମାଧି ବୈଶ ନାମକ ଜଣେ ବ୍ୟକ୍ତି ନିଜ ପତ୍ନୀ ଓ ପୁତ୍ର ଦ୍ୱାରା ବିତାଡ଼ିତ ହୋଇ ମଧ୍ୟ ଜଙ୍ଗଲକୁ ଆସିଥାନ୍ତି। ରାଜା ସୁରଥ ଏବଂ ସମାଧି ବୈଶ ଉଭୟେ ମେଧା ଋଷିଙ୍କ ଆଶ୍ରମରେ ଆଶ୍ରୟ ନେଇଥାନ୍ତି। ସେମାନେ ଋଷିଙ୍କ ପରାମର୍ଶ କ୍ରମେ ନଦୀ କୂଳରେ ଦେବୀଙ୍କୁ ପ୍ରାର୍ଥନା ଓ ଉପସନା କଲେ। ଦେବୀ ସନ୍ତୁଷ୍ଟ ହୋଇ ଦର୍ଶନ ଦେଲେ। ରାଜା ତାଙ୍କ ଇଚ୍ଛାନୁଯାୟୀ ନିଜ ରାଜ୍ୟ ଚାହିଁଲେ ଏଫଂ ପାଇଲେ; କିନ୍ତୁ ସମାଧି ବୈଶ ଆଉ ଘରକୁ ଫେରିବାକୁ ଚାହିଁଲେ ନାହିଁ। ସେ କେବଳ ଅବଶିଷ୍ଟ ଜୀବନ ପାଇଁ ମାନସିକ ଶାନ୍ତି ଭିକ୍ଷାକଲେ। ଦେବୀ କହିଲେ : ତାହାହେଲେ ତୁମେ 'ମୁଁ ତ୍ୱ' ଏବଂ 'ମୋର' ଶବ୍ଦ ଦୁଇଟିକୁ ବଳି (ତ୍ୟାଗ) ଦେଇପାରିବ ?

ସମାଧି ବୈଶ କହିଲେ : ପାରିବି ମା'। ମୋତେ ଶାନ୍ତି ଦିଅ। ଦେବୀ କହିଲେ : ତଥାସ୍ତୁ।

ବୃତ୍ରାସୁର ରାକ୍ଷସ ଦେବତାମାନଙ୍କୁ ହଇରାଣ କଲା। ଦେବତାମାନେ ଏକଥା ବ୍ରହ୍ମାଙ୍କୁ ଜଣାଇଲେ। ବ୍ରହ୍ମା କହିଲେ ଯଦି ଦିଧିଚିଙ୍କ ଅସ୍ଥିରେ ବାଣ ତିଆରି ହୁଏ, ତେବେ ସେହି ବାଣରେ ଅସୁର ନିପାତ ହେବ। ଦେବତାମାନେ ଏକଥା ଯାଇ ଦଧିଚିଙ୍କୁ ଜଣାଇବାରୁ ସେ କିଲେ : ଏଇ କଥାତ ! ତା' ହେଲେ ମୋ ତପସ୍ୟ ଓ ଜୀବନ ଧନ୍ୟ ହୋଇଛି। ଏ ଜୀବନ ପରାର୍ଥେ ଅଭିପ୍ରେତ। ଏଇ ମୁଁ ଆତ୍ମବଳି / ଉତ୍ସର୍ଗ କଲି। ତୁମେ ମୋ ଅସ୍ଥି ସଂଗ୍ରହ କର।

ଦଧିଚିଙ୍କ ଅସ୍ଥିରେ ବାଣ ତିଆରି ହେଲା ଏବଂ ଅସୁର ନିପାତ ହେଲା।

ଶିବି ପୁରୁବଂଶରେ ଧାର୍ମିକ ଏବଂ ପରୋପକାରୀ ରାଜା ଥିଲେ। ତାଙ୍କୁ ପରୀକ୍ଷା କରିବାପାଇଁ ଦିନେ ଇନ୍ଦ୍ର ବାଜ ପକ୍ଷୀ ଏବଂ ଅଗ୍ନି କପୋତ ରୂପେ ଆସିଲେ। କପୋତ ଉଡ଼ିଉଡ଼ି ଆସି ରାଜା ଶିବିଙ୍କ ଗୋଡ଼ତଳେ ପଡ଼ି କହିଲା; ମୋତେ ଏ ବାଜପକ୍ଷୀ ଆହାର କରିବ ବୋଲି ଗୋଡାଉଛି। ମୋତେ ରକ୍ଷା କରନ୍ତୁ।

ବାଜରୂପୀ ଇନ୍ଦ୍ର କହିଲେ : ନାଇଁ ଶିବି, କ୍ଷୁଧାର୍ତ୍ତର ଆହରକୁ ଛଡ଼ାଇ ନେଲେ ତୁମର ଅପରାଧ ହେବ। ସେ ଆଜି ମୋ ଆହାର।

ଶିବି କହିଲେ : ଶରଣାଗତକୁ ରକ୍ଷା କରିବା ମୋର କର୍ତ୍ତବ୍ୟ।

ବାଜ କହିଲା : ସେମିତିତ କ୍ଷୁଧାର୍ତ୍ତକୁ ଆହାର ଦେବା ବି ତୁମ ଧର୍ମ। ତୁମେ ଯଦି ଚାହୁଁଛ, କପୋତଟି ବଂଚୁ, ତେବେ କପୋତ ଓଜନର ଅନ୍ୟମାଂସ ମୋ ଆହାର ପାଇଁ ଦିଅ।

ଶିବି କହିଲେ : ଅନ୍ୟମାଂସ ନୁହେଁ, ମୁଁ କପୋତ ଓଜନର ମାଂସ ମୋ ଶରୀରରୁ ଦେଉଛି। ତୁମେ ତାକୁ ଖାଇ କ୍ଷୁଧା ନିବାରଣ କର।

ତୁଳାଯନ୍ତ୍ର ଆସିଲା। କପୋତକୁ ଗୋଟିଏ ପଟେ ରଖାଗଲା। ଆରପଟେ ରାଜାଙ୍କ ଦେହକୁ ଯେତେ ମାଂସ କାଟି ରଖାଗଲା, ତଥାପି କପୋତର ଓଜନ ଅଧିକ ହେଲା। ଶେଷରେ ରାଜା ନିଜେ ତୁଳାପରେ ବସିଗଲେ। ଠିକ୍ ଏତିକି ବେଳକୁ କପୋତ ଓ ବାଜ ଯାଗାରେ ଅଗ୍ନି ଏବଂ ଇନ୍ଦ୍ର ଉପସ୍ଥିତ ହୋଇ ଯାଇଥିଲେ ଏବଂ କହିଲେ : ଶରଣାଗତର ରକ୍ଷାର୍ଥେ ଆଜି ଯେଉଁ ଆତ୍ମବଳି ଦେବାକୁ ତୁମେ ଯାଉଥିଲ, ତା'ର ପଟାନ୍ତର ନାହିଁ। ତୁମେ ସୁଖରେ ରାଜ୍ୟପାଳନ କର ଏବଂ ତୁମ ନାମ ଧରା ଧାମରେ ଅମର ରୁହ।

ଦିଲୀପ ସୂର୍ଯ୍ୟବଂଶ ରାଜା ପରମ ଧାର୍ମିକ ରାଜା ଥିଲେ; ମାତ୍ର ସେ ଅପୁତ୍ରିକ ଥିଲେ। ସେ ପୁତ୍ର ଲାଭ ଆଶାରେ ବନସ୍ତକୁ ଯାଇ ଗୁରୁ ବଶିଷ୍ଠଙ୍କ ପରାମର୍ଶ ଲୋଡ଼ିଲେ। ବଶିଷ୍ଠ ତାଙ୍କୁ କାମଧେନୁ ଗାଈର ଛୁଆ ନନ୍ଦିନୀର ସେବାଯତ୍ନ କରିବାକୁ କହିଲେ। ରାଜା ଓ ରାଣୀ ନିର୍ବିକାର ଚିତ୍ତରେ ନନ୍ଦିନୀର ସେବା କଲେ। ଏମିତି ଏକୋଇଶ ଦିନଗଲା। ବାଇଶିଦିନ ଦିନ ଜଙ୍ଗଲରେ ନନ୍ଦିନୀ ଚରୁଥିବା ବେଳେ ଗୋଟେ ସିଂହ ଆକ୍ରମଣ କଲା। ରାଜା ଧନୁଶର ଧରି ବାଣ ବିନ୍ଧିଲାବେଳକୁ, ନିଜ ଅଙ୍ଗୁଟିଟି ତା ସହିତ ଚାଲିଗଲା ଅଥଚ ବାଣ ବାଜିଲା ନାହିଁ। ରାଜା ଏବେ ନିରୁପାୟ।

ମଣିଷ କଣ୍ଠରେ ସିଂହଟି କହିଲା : ମୁଁ ଶଙ୍କରଙ୍କ ସେବକ କୁମ୍ଭୋଦର। ଏଠାରେ ତାଙ୍କ ବୃକ୍ଷ ଜଗିଛି। ସେ କହିଛନ୍ତି ଏଠିକି ଯିଏ ଆସିବ, ତୁ ତାକୁ ଆଧାର କରିବୁ। ଏ ଗାଈ ମୋ ଆହାର। ତୁମେ ଚାଲି ଯା'।

ରାଜା କହିଲେ : ତୁମେ ଯେପରି, ତୁମ ପ୍ରଭୁଙ୍କ ଆଦେଶ ମାନିଛ, ମୁଁ ସେପରି ମୋ ଗୁରୁଙ୍କ ଆଦେଶମାନି ଗାଈଟିକୁ ରକ୍ଷା କରିବା ମୋର ଧର୍ମ। ତୁମେ ମାଂସାହାରୀ, ଏଇ ମୁଁ ତୁମକୁ ସମର୍ପଣ କଲି; ତୁମେ ଗାଈଟି ଛାଡ଼ି ମୋତେ ଖାଅ। ଏତିକି କହି ସେ ଲମ୍ବା ହୋଇ ଶୋଇଗଲେ।

ସେତିକି ବେଳେ ନନ୍ଦିନୀ ମଣିଷ କଣ୍ଠରେ କହିଲା ; ଉଠବତ୍ସ, ଏଠି ସିଂହ ନାହିଁ, ମୁଁ ଅଛି। ତୁମ ଦୁହିଁଙ୍କ ସେବାରେ ମୁଁ ସନ୍ତୁଷ୍ଟ। ତୁମେ ଦୁହେଁ ମୋତେ ଦୁହିଁ ମୋ କ୍ଷୀର ପିଅ। ସୌଭାଗ୍ୟବାନ ପୁତ୍ର ଲାଭ କରିବ।

ଦିଲ୍ଲୀପ କହିଲେ : ମାତା, ତୁମ କ୍ଷୀରରେ ତୁମ ଛୁଆର ପ୍ରଥମ ଅଧିକାର ଅଛି। ତା'ପରେ ଗୁରୁଦେବ ଏବଂ ଶେଷରେ ମୋ ପାଳି। ଏବେ ପାନ କରିବ କିପରି ?

ନନ୍ଦିନୀ କହିଲେ : ତୁମେ ଯଥାର୍ଥ ପୁତ୍ର। ତଥାସ୍ତୁ। ପରର ରକ୍ଷାର୍ଥେ ତୁମ ଆତ୍ମୋତ୍ସର୍ଗ ଯୁଗେଯୁଗେ ତୁମକୁ ଅମର ରଖୁ। ତୁମର କୁଳ ଉଜ୍ଜ୍ୱଳ ହେଉ। ସେହି କୁଳରେ ଜନ୍ମିଲେ ରଘୁ। ତାଙ୍କ ନା'ରୁ ରଘୁବଂଶ। ପରବର୍ତ୍ତୀ ପିଢିରେ ଦଶରଥ ଏବଂ ରାମଚନ୍ଦ୍ର ଇତ୍ୟାଦି ?

ପିତୃଋଣରୁ ମୁକ୍ତି ପାଇଁ ରାଜା ହରିଶ୍ଚନ୍ଦ୍ର ସନ୍ତାନଟିଏ ପାଇଁ ବରୁଣଙ୍କର ଶରଣାପନ୍ନ ହେଲେ। ବୁରଣ ତାଙ୍କଠି ଗୋଟିଏ ସର୍ତ୍ତ ରଖି କହିଲେ ଯେ ମୁଁ ତୁମକୁ ନିଃସନ୍ତାନ ଦୋଷରୁ ରକ୍ଷା ପାଇଁ ପୁତ୍ର ସନ୍ତାନଟିଏ ଦେବି; ମାତ୍ର ଜନ୍ମ ପରେ ତୁମେ ମୋତେ ତାକୁ ଫେରାଇ ଦେବ। ରାଜା ରାଜି ହେଲେ। ତାଙ୍କ କୋଳକୁ ରୋହିତ ଆସିଲା; ମାତ୍ର ନାନା ଆଳ ଦେଖାଇ ରାଜା ରୋହିତକୁ ଫେରାଇଲେ ନାହିଁ। ଶେଷକୁ ନ ଫେରାଇବା ପାଇଁ ରୋହିତ ପରିବର୍ତ୍ତେ ଅଜିଗର୍ତ୍ତ ନାମକ ଜଣେ ବ୍ରାହ୍ମଣର ମଧ୍ୟମପୁତ୍ର ଶୁନଶେଫଙ୍କୁ ଜବରଦସ୍ତ ବଳି ଚଢ଼ାଇବାକୁ ସ୍ଥିର କଲେ। ତାକୁ ପୁଣି ତା' ବାପ ଅଜିଗର୍ତ୍ତ ହତ୍ୟା କରିବ। ସେ ଠିକ୍ ତା' ମୁଣ୍ଡକାଟ ପାଇଁ ଅସ୍ତ୍ର ଉଠାଇବାକୁ ଗଲାବେଳେ, ଶୁନଃସେଫ ବରୁଣ ଓ ଅନ୍ୟାନ୍ୟ ଦେବତାଙ୍କୁ ସ୍ମରଣ କଲେ ଏବଂ ନିର୍ଦ୍ଦୋଷରେ ତା' ଇଚ୍ଛାବିରୁଦ୍ଧରେ କାହିଁକି ବଳି ପକାଯାଉଛି ବୋଲି ଅଭିଯୋଗ ବାଢ଼ିଲା। ବରୁଣ ଏବଂ ଅନ୍ୟାନ୍ୟ ଦେବ ସେଠି ଉପସ୍ଥିତ ହୋଇ ତାକୁ ରକ୍ଷା କଲେ। ଏଠାରେ ବଳି ସ୍ୱଇଚ୍ଛାର ଏକ ସମର୍ପଣ; ବାଧ୍ୟ ନୁହେଁ।

ଥରେ ଏକ ଫୁରନ୍ତ ନଈରେ ମଣିଷ ଭର୍ତ୍ତି ନୌକା ପାର ହେଉଥାଏ। ନଈରେ ଭଉଁରୀ ଖେଳୁଥାଏ। ଗୋଟିଏ ସ୍ତ୍ରୀ ଲୋକ ତା' କୋଳରେ ତା' କଅଁଳିଆ ଛୁଆଟିକୁ ଧରି ବସିଥାଏ। କାହିଁକି କେଜାଣି ତା' ମନରେ ଗୋଟେ ମନ୍ଦକଥା ଢୁକିଲା : ଛୁଆଟିକୁ ଯଦି ଏ ଭଉଁରୀ ଗାତରେ ପକାଇ ଦିଆଯାଆନ୍ତା କ'ଣ ହୁଅନ୍ତା ? ଏଇଟା ଗୋଟେ ମା'ର ସନ୍ତାନ ନେଇ ଖରାପଚିନ୍ତା ନିଶ୍ଚୟ। ଏତିକିରେ ନଈ ମଝିରେ ଡଙ୍ଗାଟି ଅଥୟ ହୋଇ ଘିରିଘିରି ବୁଲିଲା। ନାଉରୀ ପାଟିକଲା କିଏ କ'ଣ ଭାବିଛ, ଶୀଘ୍ର ଗଙ୍ଗାମାତାଙ୍କୁ ଦେଇଦିଅ। ନଚେତ୍ ସମଗ୍ର ଡଙ୍ଗାର ଲୋକ ଡଙ୍ଗା ସହ ବୁଡ଼ିଯିବେ। ଏତିକିରେ ମା'ଟି ଛୁଆଟିକୁ ନଈକୁ ଫିଙ୍ଗିଦେଲା। ଡଙ୍ଗା ଥୟ ଧରିଲା। ଆରକୂଳରେ ଲାଗିଲା ବେଳକୁ, ସେଠି ପିଲାଟି ଖେଳୁଛି। ଗଙ୍ଗାମାତା ତାକୁ ରକ୍ଷା କରିଛି ଯେତେବେଳେ ଗଙ୍ଗାମାତା ପାଇଁ ମା'ଟି ଛୁଆକୁ ବଳି ଚଢ଼ାଇଛି।

ବାଣପୁର ଭଗବତୀଙ୍କ ଠାରେ ଆଗରୁ ମଣିଷବଳି ଚଢୁଥିଲା। ସେଥିପାଇଁ ଗୋଟିଏ ପରିବାରକୁ ବାଣପୁର ରାଜା ପ୍ରଚୁର ଧନ ଦେଇ ରଖିଥାଆନ୍ତି। ପ୍ରତିବର୍ଷ ତାଙ୍କର ଜଣେ ବଳି ପଡ଼ିବ। ତାଙ୍କୁ କୁହନ୍ତି ବଳି ଜେନା ବଂଶ। ଏମିତି ବଳି ଦେଇ ଦେଇ ଶେଷକୁ ରହିଲେ ଗୋଟିଏ ବୁଢ଼ୀମା ଓ ନାତି। ସେ ବର୍ଷ ନାତି ବଳି ପଡ଼ିଲେ ବଂଶ ବୁଡ଼ିବ। ବୁଢ଼ୀ ନାତିକୁ ଧରି ଅନ୍ୟତ୍ର ଖସିବାକୁ ଚେଷ୍ଟା କଲା। ବାଟରେ ଆଉ ଗୋଟେ ବୁଢ଼ୀ ତାଙ୍କୁ ଅଟକାଇ ଦୁଃଖ ପଚାରିଲା। ଏ ବୁଢ଼ୀ ଓ ନାତି ଦୁଃଖ କହିଲେ। ସେ ବୁଢୀଟି ଏ ବୁଢ଼ୀକୁ ତା ମୁଣ୍ଡ ଦେଖାଇଲା। ଏ ବୁଢ଼ୀ ତା' ମୁଣ୍ଡରେ ଗୁଡାଏ ଆଖି ଚାହିଁଥିବାର ଦେଖିଲା। ଏମାନେ ଆଶ୍ଚର୍ଯ୍ୟ ହେଲେ। ସେ ହେଉଛନ୍ତି ମା' ବୁଢ଼ୀ ଭଗବତୀ। ସେବି ଅନ୍ୟମାନଙ୍କ ବଳିରେ ଦୁଃଖିତ। ଏମାନଙ୍କୁ କହିଲା ଏବଂ ଠିକଣା ଦେଲା; ପଳା, ସେଠିକି ପଳା; ନୋହିଲେ ଏମାନେ ଏ ପିଲାକୁ ବଳି ଚଢ଼େଇ ଦେବେ।

ପ୍ରଶ୍ନ ଉଠୁଛି ଯଦି ମା' ବଳି ଖାଉଥାନ୍ତେ..... ?

ମୋ ଗାଁଟି ଖୋର୍ଦ୍ଧା ଖାସମହଲ। ମଲାଗୁଣୀ ନଈ ଏପଟେ ମୋ ଗାଁ। ସେପଟେ ରଣପୁର ଗଡ଼। ଗଡ଼ ମୁଣ୍ଡିଆରେ ମଣିନାଗ। ସେଠି କେଉଁଠି ମାଘ ମାସରେ ମଣିଷବଳି ପଡୁଥିଲା ବୋଲି ଶୁଣାଯାଏ। ସେଥିପାଇଁ କିଛି ପରିବାର ନିୟୋଗଥା'ନ୍ତି। ତାଙ୍କୁ ତଣ୍ଟିଆ କଟା କୁହନ୍ତି। ସେ କେମିତି ହେଲେ କାହାର ତଣ୍ଟି କାଟି ସେ ରକ୍ତ ବାଉଁଶ ନଳିରେ ନେଇ ମା'ଙ୍କୁ ପିଇବାକୁ ଦେବ। ଯଦି କୁଆଡ଼େ ନ ମିଳିଲା ନିଜଘରୁ ଦେବାକୁ ବାଧ୍ୟ। ଏ ତଣ୍ଟିଆ କଟାମାନେ ରାତିରେ ବେକରେ ଟିପାବାନ୍ଧି ଗଡ଼ ବା ଖାସମାହଲ ଗାଁ ମାନରେ ପଶି କଳେଇଗଦା କି ପାଳଗଦା ଭିଡ଼ି ଟିପା ଶବଦ କରିବେ। ଲୋକେ ଓଳେଇ ଗାଈ କି ମଇଁଷି ରାତିରେ ଖଦା କରୁଛି ଭାବି ଉଠି ଆସିଲେ, ଉଠେଇ ନେବେ ସେମାନେ। ସେଥିପାଇଁ ମାଘମାସରେ ଗଡ଼ଜାତ ମନା।

ଏକଦା ମାଘ ମାର ଶେଷଦିନ। ଯେଉଁ ତଣ୍ଟିଆ କଟାର ପାଳି, ସେ କୁଆଡୁ କିଛି ପାଇଲା ନାହିଁ। ତା ଘରକୁ ତା' ଭଣଜା ଆସିଥାଏ। ସେ ତା' ପୁଅ ସହିତ ଶୋଇଥାଏ। ସେ ତାକୁ ଲକ୍ଷ୍ୟ ରଖିଥାଏ। ରାତିରେ ସେ ଦୁଇଜଣଙ୍କର ଗଡ଼ାଗଡ଼ିରେ ସ୍ଥାନ ଅଦଳବଦଳ ହୋଇଯାଇଥାଏ। ସେ ସେହି ରାତି ଅନ୍ଧାରେ ଭଣଜା ଭାବି ପୁଅ ମୁହଁରେ ଚୁଷ୍ଟାମାଡ଼ି ବାହାରକୁ ଧରି ଧାଇଁଲା। ସକାଳୁ ଦେଖିଲା ବେଳକୁ ଭଣଜା ଛିଡ଼ା ହୋଇଛି। ସେ ସେଇଠି ନଥିକିନା ପଡ଼ିଗଲା।

ସେବେଠୁ କୁଆଡ଼େ ଆଉ ତଣ୍ଟିକଟା ବ୍ୟବସ୍ଥା ହେଲାନାହିଁ। ତା'ପରେ ପରେ କୁଆଡ଼େ ଦିଅଁକୁ କୋଉ ଗୁଣିଗାରେଡ଼ିରେ ମୁହଁ କରିଦେଲା ଯେ, ଆଉ କି ମଣିଷ ବଳି।

ଏସବୁ ପିଲାଦିନର ଶୁଣା କାହାଣୀ। ଆମ୍ଭ ପାଖରେ ସତ୍ୟତା ନାହିଁ। ତେବେ ସତ୍ୟତା ନଥିଲେ, ଏତେ ବଡ଼ କଥା କ'ଣ ପ୍ରଚାର ହେଉଥା'ନ୍ତା ? ଏବେ ବି ଆମ ଗାଁରେ ଲୋକେ କୁହନ୍ତି ମଣିନାଗଙ୍କଠି ବଳିପଡୁଥିଲା ମଣିଷବଳି।

ଇସ୍‌ଲାମ ଧର୍ମର ଏକ କାହାଣୀ ଅନୁସାରେ ମକ୍କା ଠାରୁ ତିନି କିଲୋମିଟର ଦୂରରେ ମିନାକା ମଇଦାନରେ ଇବ୍ରାହିମ୍ – ଅଲେ – ଇସ୍‌ଲାମ୍‌କୁ ସ୍ୱର୍ଗବାଣୀ ହେଲା ଯେ ତୁମେ ଆହ୍ଲାଙ୍କ ଉଦ୍ଦେଶ୍ୟରେ ନିଜ ପୁତ୍ର ଇସ୍‌ମାଇଲ୍ ଜମିହୁଲ୍ଲାଙ୍କୁ ବଳି ଦିଅ। ଏଥିକୁ ଇସ୍‌ମାଇଲ୍ କହିଥିଲେ : ବାପା, ତୁମେ ଆଖିରେ ଅନ୍ଧପୁଟୁଳି ବାନ୍ଧି ମୋତେ ହତ୍ୟାକରି ଈଶ୍ୱରଙ୍କୁ ଖୁସି କରାଅ। ଇବ୍ରାହିମ୍ ତାହାହିଁ କଲେ ଏବଂ ଆଖି ଖୋଲି ଦେଖିଲେ ଇସ୍‌ମାଇଲ୍ ସେମିତି ଛିଡ଼ା ହୋଇଛନ୍ତି ଏବଂ ସେ ଯାଗାରେ ମେଣ୍ଢାଟିଏ ମରି ପଡ଼ିଛି। ଏ ମେଣ୍ଢାବି ଆଶ୍ଚର୍ଯ୍ୟ।

ସୃଷ୍ଟ ଜନ୍ମହେବାକୁ କେଇଦିନ ଥାଏ। ଶ୍ରୀ ନାରାୟଣ, ଆଦିମାତା ଦୁର୍ଗାଙ୍କୁ ଡାକି କହିଲେ : ହେ ଅମ୍ବିକେ, ତୁମେ ଯାଇ ମା' ଯଶୋଦା କୋଳରେ ଜନ୍ମନେବ; ଆମ୍ଭେ ମା' ଦେବକୀ କୋଳରେ। ପିତା ବସୁଦେବ ମୋତେ ନେଇ ତୁମକୁ ଦେବକୀ ମା'ଙ୍କ କୋଳକୁ ଆଣିବେ। କଂସ ତୁମକୁ ହତ୍ୟା କରିବାକୁ ଯିବ। ସେତିକି ବେଳେ ତା'ର ମୃତ୍ୟୁ ଘଣ୍ଟି ଶୁଣାଇ, ଆକାଶ ଉଠିବ। ଏହି କାମ ପାଇଁ ତୁମେ ମର୍ତ୍ତ୍ୟରେ ମା' ଦୁର୍ଗତି ନାଶିନୀ ଦୁର୍ଗା ରୂପେ ସଦାଦିନ ପୂଜା ପାଇବ।

ମର୍ତ୍ତ୍ୟେ ହୋଇବ ତୁମେ ଯାତ, ଜଗତେ
ହୋଇବୁ ବିଖ୍ୟାତ
ସର୍ବେ କରିବେ ତୋତେ ପୂଜା,
ଅନେକ ଦେବେ ବଳି ଭୋଜୀ॥

ଶ୍ରୀ ଭାଗବତ ପୁରାଣେ : ୧୦-୩-୧୦

ଟୀକାକାରମାନଙ୍କ ମତରେ 'ବଳିଭୋଜା' ଅର୍ଥ ପଶୁପାଳି କି ମଣିଷବଳି ନୁହେଁ। କେବଳ ଫୁଲ, ଫଳ, ଇତ୍ୟାଦି ଉପହାର।

ମୂଳ ଲେଖା : ଧୂପୋହାର ବଳି ଭିଃ
ଅର୍ଥାତ୍ ଧୂପ ଦିଭଃ ପୂଜୋପକରଣୈଃ
ସୃଷ୍ଟି ରଚନାରେ ନିଜପାଇଁ କିଛି ନାହିଁ।

ସବୁକିଛି ଅନ୍ୟମାନଙ୍କ ପାଇଁ ଉଦ୍ଦିଷ୍ଟ; ଇନ୍ଦ୍ର ବ୍ରହ୍ମଣେ ନମମ୍। ନିଜେ ସୁଖ ଗ୍ରହଣ ନକରି ଅନ୍ୟମାନଙ୍କୁ ସୁଖ ଦିଅ।

'ବଳି'ର ବହୁବିଧ ଆଭିଧାନିକ ଅର୍ଥ ଅଛି : ଛେଦନ, ତ୍ୟାଗ, ହର; ଉପହାର, ଫୁଲଫଳାଦି ସମର୍ପଣ ଏବଂ ଆତ୍ମୋତ୍ସର୍ଗ ଇତ୍ୟାଦି।

ଗୀତା ନିର୍ଯାସ : ପରୋପକାରାୟ ସ୍ୱର୍ଗାୟ
ନର୍କାୟ ପର ପୀଡ଼ନମଃ।

ପରର ମଙ୍ଗଳାର୍ଥେ, ରକ୍ଷାର୍ଥେ, ଆତ୍ମବଳି (ସ୍ୱଚ୍ଛାରେ) ସର୍ବୋତ୍ତମ ତ୍ୟାଗ / ଉତ୍ସର୍ଗ। ବଳି ନିରୀହମାନଙ୍କୁ ଆକାରଣେ ହତ୍ୟା ନୁହେଁ। ବଳି କାହାର ଜବରଦସ୍ତ ଶିରଚ୍ଛେଦନ ନୁହେଁ। ସ୍ୱାଥାର୍ଥେ ଏ ପ୍ରକାର ବଳି ନିଜପାଇଁ ମୋଟେ ଶୁଭଙ୍କରୀ ନୁହେଁ। କେତକ ସ୍ୱାର୍ଥାନ୍ଧ ଏବଂ ସେବକ / ପୂଜକ ଗୋଷ୍ଠୀ ପରମ୍ପରା ନାଁରେ ଯାହା କରୁଛନ୍ତି ଏବଂ ନିଜ ହାତର ଛୁରୀ ଓ ଫଳଧରି ଯେଉଁ ପୁରାଣାକାରମାନେ ଏହାକୁ ଉଲ୍ଲେଖ କରିଛନ୍ତି, କେବଳ ଏହା ସେମାନଙ୍କ ସ୍ୱାର୍ଥ ସାଧନ ପାଇଁ। ଆଉ ସେମାନେ ଗେଣ୍ଡଗୁଡ଼ ଯାହା ଲେଖିଛନ୍ତି, ଆମେ ତାକୁ ଗ୍ରହଣ କରିବାକୁ ପ୍ରସ୍ତୁତ ନୋହୁଁ। ସବୁ ପୁରାଣ ମଣିଷ କୃତ। ସ୍ୱାର୍ଥାନ୍ଧ ଏବଂ ତାନ୍ତ୍ରିକମାନଙ୍କର ଦ୍ୱାରା ପ୍ରଚଳିତ ଯାହାକି କୁସଂସ୍କାର ଭିତରେ ଭର୍ତ୍ତି।

ମୁଁ ଭାବୁଛି ଉପରୋକ୍ତ କାହାଣୀଗୁଡ଼ିକ ପଢ଼ିଲା ପରେ, ପାଠକ ବଳି ନେଇ ଠିକ୍ ଧାରଣା କରିପାରିବେ।



*ଅଧ୍ୟକ୍ଷ,*
*ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ,*
*ବିପିନ ବିହାରୀ ପାଠାଗାର, ଜଟଣୀ*
*ଦୂରଭାଷ : ୯୯୩୮୩୪୪୧୩୮*

ଏକମାତ୍ର
ଅନୁସନ୍ଧାନ ପରେ ଖବର
ଭୁବନେଶ୍ୱର, ୨ - ୮ ଅକ୍ଟୋବର, ୨୦୧୭
Bhubaneswar, 2nd -08th October, 2017


















































ଉତ୍କଳୀୟ ପାର୍ବଣ ପରମ୍ପରାରେ ମା' ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତିପୂଜାର ଐତିହ୍ୟ ବହୁ ପ୍ରାଚୀନ। ଆଧ୍ୟାତ୍ମିକ ଓ ମାନସିକ ଶାନ୍ତି ପାଇଁ ମଣିଷ ଦୈବୀକୃପା ଲାଭ କରିବା ନିତାନ୍ତ ଆବଶ୍ୟକ। ତେଣୁ ଶରତ ଋତୁରେ ମା' ଦଶଭୂଜାଙ୍କ ଆଗମନରେ ଧରାପୃଷ୍ଠ ପବିତ୍ରମୟ ହୋଇଥାଏ। ଏହି ଅବସରରେ ସୁଦୃଶ୍ୟ ତୋରଣ ଭିତରେ ପୂଜା ପାଆନ୍ତି ମା'।







Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● Editorial Office : HIG-137, Dharma Vihar, Khandagiri, Bhubaneswar, Odisha, PIN-751030, Phone : 7008340389 (Editorial), Email : ekamaatra@gmail.com

Chief Editor : **Bibhuti Bhusan Patra**
ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର
Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ
Editor : **Tarak Mohanty**
ସମ୍ପାଦକ : ତାରକ ମହାନ୍ତି